

ଆଇସିସି ଦିନିକିଆ ର୍ୟାଙ୍କିଙ୍ଗରେ ୧ ନମ୍ବର ବୋଲର ଶାହିନ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 230 | ଭାଗ ୩୨ | ସଂଖ୍ୟା ୨୩୦
Bhubaneswar | Thursday 14 November 2024 | Page 8 Rs. 4.00
ଭୁବନେଶ୍ୱର | ଗୁରୁବାର ୧୪ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




## ଜାନୁଆରୀରେ ନୂଆ ରାସନ କାର୍ଡ



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ଆସନ୍ତା ବର୍ଷ ଜାନୁଆରୀ ଲୋକମାନଙ୍କୁ ମିଳିବ ନୂଆ ରାସନ କାର୍ଡ। ବୁଧବାର ଏନେଇ ସୂଚନ ଦେଇଛନ୍ତି ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଗତ ଜୁଲାଇରେ ଆରମ୍ଭ ହୋଇଥିବା ଇ-କେୱାୟିସି ଚଳିତ ମାସ ଶେଷ ହେବ ବୋଲି ଆଶା କରାଯାଉଛି। ତଥ୍ୟ ଅନୁଯାୟୀ ଇ-କେୱାୟିସି ଯାଞ୍ଚ ସମୟରେ ୧୬ ଲକ୍ଷ ଜାଲ୍ ହିତାଧିକାରୀ ବାଦ ପଡିଛନ୍ତି। ଏହି ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ସମ୍ପୃକ୍ତ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ପାତ୍ର କହିଛନ୍ତି। ପୂର୍ବରୁ ମନ୍ତ୍ରୀ ସୂଚନା ଦେଇଛନି ଯେ, ଆସନ୍ତା ଜାନୁଆରି ମାସରୁ ଉପଭୋକ୍ତାମାନେ ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଚାଉଳ ସହିତ ଗହମ ପାଇବେ। ସେ କହିଥିଲେ, ଜାନୁଆରୀ ମାସରୁ ଗହମ ମିଳିବ। ଏଥିପାଇଁ ସମସ୍ତ ଜିଲାରୁ ଉପଭୋକ୍ତାଙ୍କ ତଥ୍ୟ ସଂଗ୍ରହ କରାଯାଉଛି। ଆବଶ୍ୟକକୁ ଦୃଷ୍ଟିରେ ରଖି ସରକାର ଯୋଗାଣ ପାଇଁ ଟେଣ୍ଡର ଡାକିବେ। ତେବେ ବର୍ତମାନ ଚାଲିଥିବା ଇ-କେୱାଇସି ପାଇଁ ସମୟ ଲାଗୁଛି।

## ୭ବର୍ଷ ପରେ ଏସ୍ଆଇଙ୍କୁ ମିଳିବ ପଦୋନ୍ନତି



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ବୁଧବାର ପୁଲିସ କର୍ମଚାରୀମାନଙ୍କ ପାଇଁ ଏକ ଭଲ ଖବର ଆଣିଛନ୍ତି। ଓଡ଼ିଶା ସରକାର ପୋଲିସ ପ୍ରଶାସନରେ ପଦୋନ୍ନତି ପାଇଁ ଯୋଗ୍ୟତା ମାନଦଣ୍ଡକୁ କମାଇ ଦେଇଛନ୍ତି। ନିୟମ ଅନୁଯାୟୀ, ଏଣିକି ଆଉ ୧୦ ବର୍ଷ ନୁହେଁ ୭ ବର୍ଷ ପରେ ଜଣେ ଏସ୍ଆଇ ହୋଇପାରିବେ ଇନ୍ସପେକ୍ଟର। ପୋଲିସ୍ ପ୍ରଶାସନରେ ପଦୋନ୍ନତିକୁ ୧୦ ବର୍ଷରୁ ୭ ବର୍ଷକୁ ଖସାଇଦେଇଛନ୍ତିରାଜ୍ୟସରକାର।

ସୂଚନା ଅନୁସାରେ ଏହା ପୂର୍ବରୁ ୧୦ ବର୍ଷ ପରେ ହିଁ ଜଣେ ଏସ୍ଆଇ ଇନ୍ସପେକ୍ଟରକୁ ପଦୋନ୍ନତି ହେଉଥିଲେ। କିନ୍ତୁ ଏବେ ଏହି ନିୟମରେ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର । ୭ ବର୍ଷ ପରେ ପଦୋନ୍ନତି ହେବା ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଜାନୁଆରୀ ୧, ୨୦୨୪ ସୁଦ୍ଧା ଯଦି ଜଣେ ଏସ୍ଆଇ ୭ ବର୍ଷ ପୂରଣ କରିଥିବେ ତାଙ୍କୁ ପଦୋନ୍ନତି ମିଳିବ ଅର୍ଥାତ୍ ସେ ଇନ୍ସପେକ୍ଟର ହୋଇପାରିବେ। ସୂଚନା ଯୋଗ୍ୟ, ଏସ୍ଆଇମାନଙ୍କ ପଦୋନ୍ନତି ନେଇ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଦିଆଯାଇଥିଲା ପ୍ରସ୍ତାବ। ଏହି ପ୍ରସ୍ତାବକୁ ସମୀକ୍ଷା କରିବା ପରେ ରାଜ୍ୟ ସରକାର ଏସ୍ଆଇରୁ ଇନ୍ସପେକ୍ଟର ରାଙ୍କକୁ ପଦୋନ୍ନତି ପାଇଁ ନିୟମ କୋହଳ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦ୍ୱାରା ପୁଲିସ କର୍ମଚାରୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି। ଅପରପକ୍ଷେ ସେମାନେ ଭଲ କାମ କରିବେ ବୋଲି ମଧ୍ୟ ଆଶା କରାଯାଉଛି।

## ବାଲିଯାତ୍ରାରେ ଯୋଗଦେବେ ୧୩ ରାଷ୍ଟ୍ରଦୂତ




**କଟକ, ୧୩।୧୧ (ସଂଚାର ବ୍ୟୁରୋ):** ଚଳିତବର୍ଷ ବାଲିଯାତ୍ରାରେ ୧୩ ରାଷ୍ଟ୍ରର ରାଷ୍ଟ୍ରଦୂତ ଯୋଗ ଦେଉଛନ୍ତି। କୌଣସି କାର୍ଯ୍ୟକ୍ରମରେ ଏକ ସଙ୍ଗେ ୧୩ ରାଷ୍ଟ୍ରଦୂତ ଯୋଗଦେବା ଏହା ହେବ ପ୍ରଥମ। ଉଦ୍‌ଘାଟନୀ ସଂଧ୍ୟାରେ ଅତିଥିମାନଙ୍କୁ ବାଲିଯାତ୍ରା ପଡିଆକୁ ପାଛୋଟି ନେବା ନିମନ୍ତେ ଉଦ୍ଦିଷ୍ଟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ । ଅତିଥିମାନେ ସିଲଭର ସିଟି ବୋଟ କ୍ଲବଠାରେ ପହଂଚିବା ପରେ ସେଠାରେ ସୁସଜ୍ଜିତ ଡଙ୍ଗାରେ ଗଡଗଡିଆ ଘାଟ ପର୍ଯ୍ୟନ୍ତ ଯିବେ। ସେଠାରୁ ଦକ୍ଷିଣ-ପୂର୍ବ ରାଷ୍ଟ୍ରସମୂହ ସହ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ସ୍ୱତନ୍ତ୍ର ପାଭିଲିୟନ୍ ପରିଦର୍ଶନ କରିବେ ଏବଂ କଟକ ଇନ୍ କଟକ ବୁଲିବେ। ପରେ ପରେ ଓରମାସ ଯାଇ ସେଠାରେ ପ୍ରଦର୍ଶନୀ ବୁଲିବେ। ଏହା ପରେ ଗଣକବି ବୈଷ୍ଣବ ପାଣି ମଂଚ ଯାଇ ଉଦଘାଟନୀ ଉତ୍ସବରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । ବିଦେଶୀ ପୃଷ୍ଠା-୬

## କ୍ଷତିଗ୍ରସ୍ତଙ୍କ ନିକଟକୁ ଫେରିବ ବେଦାନ୍ତ ଜମି



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ବିଜେଡି ସରକାର ସମୟରେ ବେଦାନ୍ତ ବିଶ୍ୱବିଦ୍ୟାଳୟକୁ ତୀବ୍ର ବିରୋଧ କରାଯାଇ ଜୋରଦାର ଆନ୍ଦୋଳନ କରାଯିବା ପରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପ୍ରସ୍ତାବରେ ପୂର୍ଣ୍ଣଛେଦ ପଡ଼ିଥିଲା। ଜମି ଅଧିଗ୍ରହଣ ଉପରେ ସୁପ୍ରିମକୋର୍ଟଙ୍କ ରାୟ ଏବଂ ରାଜ୍ୟ ସରକାରଙ୍କ ସାଂପ୍ରତିକ ନିଷ୍ପତ୍ତି ବେଦାନ୍ତକୁ ଆଉ ଏକ ଝଟ୍‌କା ଦେଇଛି।

- ଲୋକଙ୍କ ନାଁରେ ପଞ୍ଜୀକରଣ କରାଯିବ
- କ୍ଷତିପୂରଣ ଫେରସ୍ତ ଚିନ୍ତାରେ ବିସ୍ଥାପିତ

ପୁରୀ ବେଦାନ୍ତ ଜମି ପ୍ରସଙ୍ଗରେ ବଡ଼ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି, ଖୁବଶୀଘ୍ର ବେଦାନ୍ତ ପାଇଥିବା ଜମିକୁ ଲୋକଙ୍କୁ ଫେରସ୍ତ କରାଯିବ। ଅନୀଲ ଅଗ୍ରୱାଲ ଫାଉଣ୍ଡେସନ ପାଇଥିବା ଜମି ଲୋକଙ୍କୁ ଫେରସ୍ତ ହେବ। ଜମି ଫେରସ୍ତ ପାଇଁ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ମୋଟ ୩ ହଜାର ୩୪୨.୫୩ ଏକର ଘରୋଇ ଜମି ଅଧିଗ୍ରହଣ କରାଯାଇଥିଲା। ଜମିହରାଙ୍କୁ ଚିହ୍ନଟ କରି ସେମାନଙ୍କ ଜମି ଫେରସ୍ତ କରାଯିବ। ଏନେଇ ସରକାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଦିନେ ଦୁଇ ଦିନରେ ବିଜ୍ଞପ୍ତି ପ୍ରକାଶ ପାଇବ।

ମନ୍ତ୍ରୀ ଶ୍ରୀ ପୂଜାରୀ ଆହୁରି କହିଛନ୍ତି, ଲୋକଙ୍କୁ ସେମାନଙ୍କ ଜମି ମିଳିବା ସହ ସେମାନେ ନିଜ ଜମିକୁ ଦଖଲକୁ ନେବେ। ଫେରି ପାଉଥିବା ଜମିକୁ ସଂପୃକ୍ତ ଲୋକଙ୍କ ନାଁରେ ପଞ୍ଜୀକୃତ କରାଯିବ। ଜମି ପାଇଁ ଲୋକମାନେ ପାଇଥିବା କ୍ଷତିପୂରଣ ସରକାରଙ୍କୁ ଫେରାଇବେ।

ପୂର୍ବ ସରକାର ୨୦୦୬ ମସିହାରେ ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବେଦାନ୍ତ ସହ ଏମ୍‌ଓୟୁ କରିଥିଲେ। ଏଥିପାଇଁ ଭିନ୍ନ ଭିନ୍ନ ସମୟରେ ନାମକରଣ ତିନି ଥର ବଦଳିଲା। ୨୨ଟି ଗାଁର ଜମି ସହ ସରକାରୀ ଜମି ଦିଆଯିବାକୁ ଚୁକ୍ତି ହୋଇଥିଲା। ଏହି ଘଟଣାରେ ବାସଚ୍ୟୁତ ହୋଇଥିବା ୯ ଜଣ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ହାଇକୋର୍ଟ ନାପସନ୍ଦ କରିଥିଲେ। ୨୦୨୩ରେ ଅଧିଗ୍ରହଣକୁ ଖାରଜ କରିବା ସହ ଜମି ପୃଷ୍ଠା-୬

## ଝାଡ଼ଖଣ୍ଡ: ପ୍ରଥମ ପର୍ଯ୍ୟାୟରେ ୬୫% ମତଦାନ

**ରାଞ୍ଚି,୧୩।୧୧:** ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ବୁଧବାର ୪୩ ଆସନରେ ଭୋଟ ଗ୍ରହଣ ଆପାତତଃ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ସନ୍ଧ୍ୟା ୬ଟା ସୁଦ୍ଧା ୬୪.୮୬% ମତଦାନ ହୋଇଥିବା ବେଳେ ଅନେକ ବୁଥ୍‌ରେ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାତାଙ୍କ ଧାଡ଼ି ଲାଗିଥିବା ଦେଖିବାକୁ ମିଳିଛି। ପ୍ରଥମ ପର୍ଯ୍ୟାୟରେ ୬୮୩ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଏମାନଙ୍କ ମଧ୍ୟରୁ ୬୦୯ ଜଣ ପୁରୁଷ ପ୍ରାର୍ଥୀଲ ୭୩ ମହିଳାଙ୍କ ସମେତ ଜଣେ ତୃତୀୟ ଲିଙ୍ଗି ପ୍ରାର୍ଥୀ ଅନ୍ତର୍ଭୁକ୍ତ। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ, ମଧୁ କୋଡ଼ାଙ୍କ ପତ୍ନୀ ଗୀତା କୋଡା, ଜେଏମଏମର ମହୁଆ ମାଜି, କଂଗ୍ରେସର ବାନା ଗୁପ୍ତା, ବିଜେପିର ଗୀତା କୋଡ଼ା, କଂଗ୍ରେସର ଅଜୟ କୁମାର, ଜେଏମଏମରୁ ସୁଖରାମ ଓରାନ୍। ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ବୋହୂ ପୃଷ୍ଠା-୬

## ନିଯୁକ୍ତି ଜାଲିଆତି ପ୍ରତି ମୋହନ କଠୋର

**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ନିଯୁକ୍ତି ପରୀକ୍ଷାରେ ଅନିୟମିତତାକୁ ନେଇ ବାରମ୍ବାର ବିବାଦ ଦେଖାଦେବା ପରେ ମୋହନ ମାଝୀ ସରକାର କଠୋର ଆଭିମୁଖ୍ୟ ଆପଣାଇଛନ୍ତି। ଏଣିକି ନିଯୁକ୍ତି ପରୀକ୍ଷା ପ୍ରକ୍ରିୟାରେ ଅନିୟମିତତା କଲେ ଅପରାଧୀଙ୍କୁ ୩ ରୁ ୫ବର୍ଷ ଜେଲଦଣ୍ଡ ସହ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନ ଦେବାକୁ ପଡ଼ିବ। ଏଥିପାଇଁ ଓଡ଼ିଶା

- ଆସିବ ଓଡ଼ିଶା ସାର୍ବଜନୀନ ପରୀକ୍ଷା ଆଇନ
- ଅନିୟମିତତା ହେଲେ ୫ ବର୍ଷ ଜେଲ ୧୦ ଲକ୍ଷ ଜରିମାନା
- କୃଷକଙ୍କ ପାଇଁ ୨ ନୂଆ ଯୋଜନା

ସାର୍ବଜନୀନ ପରୀକ୍ଷା (ଅନୁଚିତ୍ ସାଧନ ନିବାରଣ)ଆଇନ-୨୦୨୪କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ଲୋକସେବା ଭବନରେ ଆୟୋଜିତ କ୍ୟାବିନେଟ୍ ବୈଠକରେ ୮ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏଥିରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ୫ଟି, ସାଧାରଣ ପ୍ରଶାସନ ବିଭାଗର ଗୋଟିଏ ଓ ଜଳସମ୍ପଦ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ରହିଥିବାବେଳେ ବିଧାନସଭା ଅଧିବେଶନ ଆହୂତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ସବୁଜ ସଙ୍କେତ ପ୍ରଦାନ କରିଛି।

ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ ସରକାରୀ ଚାକିରି ଚୟନ ପରୀକ୍ଷାରେ ପାରଦର୍ଶିତା ଆଣିବା ପାଇଁ 'ଓଡ଼ିଶା ସାର୍ବଜନୀନ ପରୀକ୍ଷା(ଅନୁଚିତ୍ ସାଧନ ନିବାରଣ) ଆଇନ-୨୦୨୪'କୁ କ୍ୟାବିନେଟ୍ ମଞ୍ଜୁରି ମିଳିଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି), ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ, ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନ, ସର୍ଭିସ ସିଲେକ୍ସନ ବୋର୍ଡ, ଓଡ଼ିଶା ପୁଲିସ ସିଲେକ୍ସନ ବୋର୍ଡ, ଓଡ଼ିଶା ଶିକ୍ଷା(ରାଜ୍ୟ ପାଇଁ ସିଲେକ୍ସନ ବୋର୍ଡ) ରୁଲସ-୧୯୯୨, ଓଡ଼ିଶା ଜେଇଇ ସମେତ ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ କିମ୍ବା ଗଠିତ ଚୟନ କମିଟି/ଏଜେନ୍ସୀ ଏବଂ ରାଜ୍ୟ ସରକାରଙ୍କ ନିଯୁକ୍ତି ଏଜେନ୍ସୀ ଦ୍ୱାରା ପରିଚାଳିତ ସମସ୍ତ ସରକାରୀ ପରୀକ୍ଷା ପୃଷ୍ଠା-୬



### କାନ ଡେରିଥା

ଧରମଶାଳାରେ ଧର୍ମ ଖୋଜି ଖୋଜି
ଲୋକେ ହେଉଛନ୍ତି ବାଉଳା
ବଳବନ୍ତ ଛାଡ଼ି ହିମାଂଶୁକୁ
ଧରି ଲୋକ ହେଉଛନ୍ତି ହାଉଳା...

## ୧୫ରୁ ଟୋକନ, ୨୦ରୁ ଧାନକିଣା



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଲୋକସେବା ଭବନରେ ଧାନ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଆଭାସୀ ଜରିଆରେ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ,

- ୮ରେ ସୋହେଲା ଚାଷୀ ସମାବେଶ
- ପ୍ରଥମଥର ପାଇଁ ଧାନ ୩୧୦୦ ଟଙ୍କା

ତ୍ରୁଟିଶୂନ୍ୟ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ଓ ଜିଲ୍ଲାପାଳମାନେ ସମସ୍ତ ପ୍ରସ୍ତୁତି କରିଛନ୍ତି।

ଆସନ୍ତା ୨୦ ତାରିଖରେ ବରଗଡ଼, ୨୨ରେ ସମ୍ବଲପୁର ଏବଂ ପରେ ରାଜ୍ୟର ସବୁ ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ପୃଷ୍ଠା-୬

## ବିଜେପିର ଅକଲ ଗୁଡୁମ: ଲିକୁଙ୍କ ଆଦର୍ଶ 'ଜନତା ଗ୍ୟାରେଜ'

- ଘରୋଇ ଚ୍ୟାନେଲରେ ଦେଇଛନ୍ତି ମନ୍ତବ୍ୟ
- କୁଆଡ଼େ ଗଲେ ଦୀନଦୟାଲ, ବାଜପାୟୀ ଓ ମୋଦୀ ?
- ମୁଣ୍ଡରେ ହାତ ଦେଲେଣି ବିଜେପି ନେତା



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଓରଫ ଲିକୁଙ୍କର ଗୋଟିଏ ପଦ କଥା ବିଜେପି ନେତାଙ୍କ ଅକଲ ଗୁଡୁମ୍ କଲାଣି। ଲିକୁଙ୍କ ସାକ୍ଷାତକାରର ଟ୍ରେଲର ଦେଖି ବିଜେପି ନେତାଙ୍କ ନିଦ ହଜିଥିବାବେଳେ ଏଭଳି ମନ୍ତବ୍ୟ ଦଳକୁ ବୁଡାଇ ଦେବ ବୋଲି ବି ଚର୍ଚ୍ଚା ଜୋର ଧରିଲାଣି।

ଗୋଟିଏ ଘରୋଇ ଚ୍ୟାନେଲକୁ ଲିକୁ ଦେଇଥିବା ୱାନ୍ ଟୁ ୱାନ୍ ସାକ୍ଷାତକାରର ଟ୍ରେଲର ଆଜି ପଦାକୁ ଆସିଛି। ଏଥିରେ ବିଭିନ୍ନ ମନ୍ତବ୍ୟ ସହିତ ଲିକୁ ଗୋଟିଏ କଥା କହିଛନ୍ତି ଯେ ଆମେ ଜନତା ଗ୍ୟାରେଜ ଆଦର୍ଶରେ ବିଶ୍ୱାସ କରୁ। ଏହି ପଦୁଟିଏ କଥା ବିଜେପି ଶିବିରରେ ନିଆଁ ଲଗାଇଛି। କାରଣ ଲିକୁ ଯେଉଁ ଜନତା ଗ୍ୟାରେଜ ଚଳଚିତ୍ରକୁ ଆଦର୍ଶ ବୋଲି କହିବାକୁ ଚାହିଁଛନ୍ତି, ସେଥିରେ ସରକାରୀ ବ୍ୟବସ୍ଥା ବଦଳରେ ଘରୋଇ ଗୁଣ୍ଡା ରାଜକୁ ପ୍ରାଧାନ୍ୟ ଦିଆଯାଇଛି। ସରକାରୀ ବ୍ୟବସ୍ଥାକୁ ଏହି ଚଳଚ୍ଚିତ୍ରରେ ଅପାରଗ ଓ ଲାଞ୍ଛୁଆ ଦର୍ଶାଯାଇ ଲୋକଙ୍କୁ ନ୍ୟାୟଦେବା ପାଇଁ ନେତାଙ୍କୁ ଗୁଣ୍ଡାଗର୍ଦ୍ଦି ଓ ହଣାକଟା କରିବାକୁ ପଡ଼ିଛି।

ଧର୍ମଶାଳାରୁ ବିଜେପି ଭୋଟରେ ଜିତିଥିବା ଲିକୁଙ୍କର ଏଭଳି ଆଦର୍ଶ କେବଳ ବିଜେପି ନେତାଙ୍କ ଅକଲ ଗୁଡୁମ୍ କରିନାହିଁ, ଅନେକ ବିଜେପି ନେତା ପ୍ରଶ୍ନ କରୁଛନ୍ତି, ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଭାରତ ମଧ୍ୟ ନିମନ୍ତ୍ରଣ ନ କରିବାରୁ ନେପାଳ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଡିସେମ୍ବର ଆରମ୍ଭରେ ଚୀନ୍ ଗସ୍ତ କରିବେ। ବେଜିଂ ଗସ୍ତ ପରେ କେପି ଓଲି ନେପାଳର ପ୍ରଥମ ପ୍ରଧାନମନ୍ତ୍ରୀ ହେବେ ଯିଏ କାର୍ଯ୍ୟଭାର ଗ୍ରହଣ କରିବା ପରେ ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ବିଦେଶ ଗସ୍ତରେ ଭାରତ ଗସ୍ତ କରିବେନି।
- ବୁଧବାର ସକାଳେ ଦିଲ୍ଲୀ-ଏନସିଆର୍, ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ସମେତ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଭୟଙ୍କର କୁହୁଡ଼ି ହୋଇଛି। ଘନ କୁହୁଡି ଓ ପ୍ରଦୂଷଣ କାରଣରୁ ଅସ୍ତବ୍ୟସ୍ତ ହୋଇପଡିଛନ୍ତି ରାଜଧାନୀବାସୀ।
- ଆସିକା ଥାନା ଖଣ୍ଡଦେଉଳି ପଞ୍ଚାୟତ ସମେଇଗୁଡ଼ାରେ ସମ୍ପତ୍ତିବାଡ଼ିକୁ କେନ୍ଦ୍ରକରି ଭାଉଜକୁ ବିଷ ପିଆଇ ଭାଇକୁ ହାଣିଲା ସାନ ଭାଇ।
- ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇବା ପାଇଁ ପ୍ରଲୋଭିତ କରୁଥିବା କୋଚିଂ ସେଣ୍ଟର ଉପରେ ରୋକ ଲଗାଇବା ନିମିତ୍ତ କେନ୍ଦ୍ର ସରକାର ନୂଆ ଗାଇଡ୍‌ଲାଇନ ଜାରିକଲେ।
- ଆସନ୍ତା ୨୯ରୁ ତିନି ଧରି ଭୁବନେଶ୍ୱରରେ ଆୟୋଜିତ ହେବ ଡିଜି ଆଇଜି ସମ୍ମିଳନୀ। ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଓ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ।
- ଶିଳ୍ପ କ୍ଷେତ୍ରରେ ପ୍ରାୟ ୩ ଦଶନ୍ଧିର ଅଭିଜ୍ଞତା ହାସଲ କରିଥିବା ଅରବିନ୍ଦର ସିଂହ ସାହାନି ହେଲେ ଇଣ୍ଡିଆନ୍ ଅଏଲ ଅଧ୍ୟକ୍ଷ।

## ପ୍ରଭାତୀଙ୍କ ସୁଭଦ୍ରା ମନ୍ତ୍ର: ବଞ୍ଚିତ ହିତାଧିକାରୀଙ୍କ ନିକଟକୁ ଯିବ ଟିମ୍

- ଗୋଟିଏ ଆକାଉଣ୍ଟ ସହ ଗୋଟିଏ ମୋବାଇଲ ନମ୍ବର ଯୋଡ଼
- ସବୁ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ଟଙ୍କା






**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ଚଳିତମାସ ୨୪ ତାରିଖରେ ମିଳିବ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା। ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଆକାଉଣ୍ଟକୁ ୫ ହଜାର ଲେଖାଏଁ ଟଙ୍କା ଯିବ। ମାତ୍ର ଏହି ଯୋଜନାରେ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ତାଲିକା ବିଭିନ୍ନ ବ୍ଲକକୁ ଯାଇଛି। ପ୍ରାୟ ୫ ଲକ୍ଷ ପାଖାପାଖି ଆବେଦନର ବ୍ୟାଙ୍କ ଆକାଉଣ୍ଟ, ଆଧାର ଓ ମୋବାଇଲ ପୃଷ୍ଠା-୬

## ଅଭିଶପ୍ତ ଥାନାର ଅପାରଗ ଅଫିସର: ବଦଳି ରୋକିପାରିଲେନି ଏସିପି ଭାଇ!

**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ଗତକାଲି କମିଶନରେଟ ପୋଲିସରେ କିଛି ଏସିପି ଓ ଆଇଆଇସିଙ୍କ ବଦଳି ହୋଇଛି। ଦକ୍ଷତା ମୁତାବକ ଅଫିସରଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଛି। କିଛି ଅପାରଗଙ୍କୁ ହେଡକ୍ୱାର୍ଟର ବା ପୋଲିସ ସେବା ଭବନ ମୁଖ୍ୟାଳୟକୁ ତୁରନ୍ତ ବଦଳି କରିଛନ୍ତି। ଯେଉଁ ଲିଷ୍ଟରେ ମଞ୍ଚେଶ୍ୱର ଥାନାର ତତ୍କାଳୀନ ଆଇଆଇସି ମାନସ ସ୍ୱାଇଁଙ୍କ ନାଁ ରହିଛି। ତାଙ୍କ ସ୍ଥାନରେ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ହଠାତ ମାନସଙ୍କୁ ଏଭଳି ପନିସମେଣ୍ଟ ପୋଷ୍ଟିଂକୁ ନେଇ




ଏବେ ପୋଲିସ ମହଲରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। କେହି କେହି କହିବା ମୁତାବକ, ମାନସଙ୍କ ଭାଇ ହେଲା ଭଗାରୀ। ଆପଣଙ୍କ ପୃଷ୍ଠା-୬

## ବବିଙ୍କ ଭାଇ ଏବେ ବିଜେପିର ଛାଇ

- କୋଟେରୀ ଭୁଶୁଡୁଛି ନା ସନ୍ୟାସୀଙ୍କୁ ପାନେ
- ଚେନ୍ ସିଷ୍ଟମରେ ବିଜେପିମୁହାଁ ନେତା

**ଭୁବନେଶ୍ୱର, ୧୩।୧୧ (ସଂଚାର ବ୍ୟୁରୋ):** ସାଂଗଠନିକ ସମ୍ପାଦକଙ୍କ ଏକାନ୍ତ ଅନୁଗତ ଥିଲେ। ଭାଇ ଭାଇ ବୋଲି ପାଣି ପିଉନଥିଲେ। ଦଳରେ ବିଭିନ୍ନ ପଦପଦବୀ ମାଡି ବସିଥିଲେ। ହେଲେ ବିଜେଡିରେ ଥିବା ବବିଙ୍କର ଏହି ଭାଇମାନେ ଏବେ ବିଜେପିର ଛାଇ ହେବା ଆରମ୍ଭ କରିଛନ୍ତି। ରାଜନୀତିରେ ଏଭଳି ପଟ୍ଟପରିବର୍ତ୍ତନରେ ବବିଙ୍କ କୋଟେରୀ ଭୁଶୁଡୁଛି ନା ସନ୍ୟାସୀଙ୍କୁ ପାନେ ଦେବାପାଇଁ ଏହା ଏକ ସୁଚିନ୍ତିତ ଯୋଜନା ତାହାକୁ ନେଇ ତର୍ଜମା ଆରମ୍ଭ ହୋଇଯାଇଛି।

ବବିଙ୍କ ଅନୁଗତମାନେ ଏବେ ଜଣଙ୍କ ପରେ ଜଣେ ବିଜେପି ନେତାଙ୍କ ସହିତ ଲସରପସର ହେଉଛନ୍ତି। ଏହି ତାଲିକାରେ ପ୍ରଥମ ରହିଛନ୍ତି କଟକର ଜଣେ ପୂର୍ବତନ ବିଧାୟକ। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ତାଙ୍କର ବୈଠକ ପରେ



କଥା ପଦାକୁ ଆସିଛି। କ'ଣ ପାଇଁ ବିଜେପି ନେତାଙ୍କ ସହିତ ବୈଠକ କରିଥିଲେ ତାକୁ



ନେଇ ନାନା କଥା ଶୁଣିବାକୁ ମିଳୁଛି। ତେବେ ଅତନୁ-ସାରଦା ଗୋଟିଏ ମଞ୍ଚରେ ବସିବାକୁ ନେଇ ଅନେକ କିନ୍ତୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ପୂର୍ବତନ ମନ୍ତ୍ରୀ ଅତନୁ ହେଉଛନ୍ତି ବିଜେଡିର ସାଂଗଠନିକ ସମ୍ପାଦକ ବବି ଦାସଙ୍କର ଏକାନ୍ତ ନିଜର। ତେଣେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରର ପାଖଲୋକ। ଉପକୂଳ ଓଡ଼ିଶାରେ ସାରଦା ହେଉଛନ୍ତି ବିଜେପିର ଆଗଧାଡିର ନେତା। ତେଣୁ ସାରଦାଙ୍କୁ ଡାକି ଅତନୁ ମଞ୍ଚରେ ବସାଇବାକୁ ନେଇ ବିଜେଡି କର୍ମୀମାନେ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

ସେହିଭଳି ବିଜେଡିର ଆଉଜଣେ ଆଗଧାଡିର ନେତା ହେଉଛନ୍ତି କୁନ ବିହାରୀ ଦାସ। ଜୀବନ ବିନ୍ଦୁର ସଂଯୋଜକ ସହିତ ବିଜୁ ପଟ୍ଟନାୟକ ଯୁବ କଲ୍ୟାଣ ପରିଷଦର ଆବାହକ ପଦବୀରେ ରହିଥିଲେ। ସଂଗଠନ ସମ୍ପାଦକ ବବି ଦାସଙ୍କର ଖାସ୍ ଲୋକ ଭାବେ ପରିଚିତ। ହେଲେ ଶ୍ରୀ ଦାସ ଏବେ ରାଉରକେଲାରେ ଆୟୋଜନ କରିଥିବା କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବକୁ ରାଜ୍ୟର ତିନି ତିନି ଜଣ ବରିଷ୍ଠ ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି ଓ ସେମାନେ ମଧ୍ୟ ସମ୍ମତି ପ୍ରକାଶ କରିଛନ୍ତି। ରାଉରକେଲାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସାରଦା ନାୟକଙ୍କ ଭଳି ନେତା ଥାଉଥାଉ କୁନ କାହିଁକି ବିଜେପିର ତିନି ତିନିଜଣ ମନ୍ତ୍ରୀଙ୍କୁ ଭୁବନେଶ୍ୱରରୁ ଉଡାଇ ନେବାର ବ୍ୟବସ୍ଥା କରିଛନ୍ତି ତାହା ଏବେ ବି ରହସ୍ୟ ଘେରରେ ରହିଛି।

ବିଜେଡିର ବବି ଅନୁଗତ ନେତାମାନେ କେବଳ ବିଜେପି ନେତାଙ୍କ ସହିତ ବୈଠକ କିମ୍ବା ସଭାମଞ୍ଚରେ ଦେଖାଯାଉ ନାହାନ୍ତି, କିଛି ଅନୁଗତ ନେତା ଏଭଳି ବୟାନବାଜି କରୁଛନ୍ତି ଯାହା ବିଜେପିକୁ ସୁହାଉଛି ଓ ସେହି ମଉକାରେ ବିଜେପି ସିଧାସଳଖ ନବୀନ ଓ ସନ୍ୟାସୀଙ୍କ ଉପରେ ପୃଷ୍ଠା-୬



# ୱାଉପଡ଼ାରେ ୫୧ବର୍ଷ ଧରି ପୂଜା ପାଉଛନ୍ତି କାର୍ତ୍ତିକେଶ୍ୱର

**କେନ୍ଦ୍ରାପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅନ୍ତର୍ଗତ ୱାଉପଦା ଗ୍ରାମରେ କାର୍ତ୍ତିକଶ୍ୱର ପୂଜା ପାଞ୍ଚ ଦିନ ଧରି ବହୁ ଧୁମ୍ ଧାମରେ ପାଳନ ସହ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା ହୋଇଛି । ଏହି ପୂଜା ଚଳିତ ବର୍ଷ ୫୧ ବର୍ଷରେ ପାଦ ଥାପିଛି । ଗ୍ରାମର ସମସ୍ତ ଅଧିବାସୀ ପାଞ୍ଚଦିନ ଧରି କାର୍ତ୍ତିକଶ୍ୱର ବ୍ରତ ପାଳନ କରନ୍ତି। ଉକ୍ତ ଗ୍ରାମରେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାରୁ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଭକ୍ତମାନଙ୍କ ସମାଗମ ହେଉଥିବା ଦେଖିବାକୁ ମିଳୁଛି। ଏହି କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସହ ଯାତ୍ରାପାଟି ସହ ବିଭିନ୍ନ ଦୋକାନ ବଜାର ପଡ଼ିଥିବାରୁ ହଜାର ହଜାର ସଂଖ୍ୟାରେ ଲୋକମାନଙ୍କ ଭିଡ ଦେଖିବାକୁ ମିଳୁଛି। ଏହି କାର୍ତ୍ତିକେଶ୍ୱର ପୂଜା ପାଞ୍ଚଦିନ ଧରି ପାଳନ ହେବ ବୋଲି ଶ୍ରୀ ଶ୍ରୀ ବଟ ମହାପୁରୁଷ କାର୍ତ୍ତିକଶ୍ୱର ପୂଜା କମିଟି ସଭାପତି ଆଦିତ୍ତ୍ୟ ପ୍ରଧାନ, ୱାଉପଡା ଗ୍ରାମର ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଯଥା ରଶ୍ମିରଂଜନ ପ୍ରଧାନ, ଗୁଣମାନୀ ପ୍ରଧାନ, ସରୋଜ କୁମାର ଦାସ, ଶ୍ରୀକାନ୍ତ ପ୍ରଧାନ ଗ୍ରାମର ମୁରବିମାନେ ଉପସ୍ଥିତ ରହି ଏହି ପୂଜାକୁ ଶାନ୍ତି ଶୃଙ୍ଖଳା ସହ ପାଳନ କରନ୍ତି ।

## ଅଣଛାତ୍ର ସାଜିଛନ୍ତି ରୋଡ୍ ରୋମିଓ

# ଛାତ୍ରୀଙ୍କୁ ବାଟ ଚଲାଇ ଦେଉନାହାନ୍ତି

### ପ୍ରତିବାଦ କଲେ ଧମକ, ଫୋନ୍ କଲେ ପୁଲିସ୍ ବିଳମ୍ବରେ ପହଞ୍ଚୁଛି

**କେନ୍ଦ୍ରାପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** ରୋଡ଼ ରୋମିଓଙ୍କ ଆଡ୍ଡା ସ୍ଥଳୀ ସାଜିଛି କଲେଜ୍ ପରିସର। ନିତିଦିନ ଆସୁଛନ୍ତି କଲେଜ୍ ଛାତ୍ରୀଙ୍କୁ ହଇରାଣ କରୁଛନ୍ତି। ଯିଏ ପ୍ରତିବାଦ କରୁଛି ତାଙ୍କୁ ଭୟଭୀତ କରାଉଛନ୍ତି। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଛପାର୍ଶ୍ୱ କଜଳାସ୍ଥିତ ସମଗ୍ର ଶିକ୍ଷା କାର୍ଯ୍ୟାଳୟକୁ ଯିବା ରାସ୍ତାଟି ଏବେ ରୋଡ ରୋମିଓଙ୍କ ଆଡ୍ଡାସ୍ଥଳି ପାଲଟିଛି। କେତେକ ଅଣଛାତ୍ର ଏହି ରାସ୍ତା ମଝିରେ ଛିଡା ହୋଇ କଲେଜ ଛାତ୍ରୀମାନଙ୍କୁ ବାଟ ଚଲାଇ ଦେଉନାହାନ୍ତି।

ଏହି ବାଟଦେଇ କେବଳ ଯେ କଲେଜ ଛାତ୍ରୀ ଯିବା ଆସିବା କରୁଛନ୍ତି ତାହା ନୁହେଁ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଚାକିରି କରିଥିବା ମହିଳା କର୍ମଚାରୀ, ନିକଟରେ ଥିବା ଏକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଡାକଘରକୁ ଯାଉଥିବା ମହିଳା ଓ ଛାତ୍ରୀ, କଜଳା ମହାଦେବ ମନ୍ଦିରକୁ ଯାଉଥିବା ମହିଳା, ଯୁବତୀ ଓ ଛାତ୍ରୀମାନଙ୍କୁ ଏହି ରୋଡ ରୋମିଓମାନେ ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ ମଧ୍ୟ କରୁଛନ୍ତି । ଏହାଦ୍ୱାରା ମହିଳା, ଯୁବତୀ ଓ ଛାତ୍ରୀମାନେ ନିଜକୁ ଅସୁରକ୍ଷିତ



ମନେକରୁଛନ୍ତି । ଏନେଇ କେତେକ ଛାତ୍ରୀ ସାହସ କରି ପୋଲିସ ସହାୟତା ପାଇଁ ୧୧୨କୁ ଫୋନ କରିଥିଲେ । ଏହି ଫୋନ କଲ୍ ପାଇବା ପରେ ୧୧୨ କର୍ମଚାରୀ ଘଟଣା ସମ୍ପର୍କରେ କେନ୍ଦ୍ରାପଡା ଟାଉନ ଥାନାକୁ ଅବଗତ କରାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଥିଲେ । ଅପରାହ୍ଣ ସାଢେ ୩ଟାରେ ୧୧୨କୁ ଫୋନକଲ କରାଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ସାଢେ ୫ଟାରେ ପହଞ୍ଚିଥିଲା। ସେତେବେଳକୁ ରୋଡରୋମିଓମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଫଳରେ ପୋଲିସ ଖାଲି ହାତରେ ଫେରିବାକୁ ବାଧ୍ୟ ହୋଇଥିଲା । ସଠିକ ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ ରୋଡରୋମିଓମାନେ ଧରାପଡି ଥାନାକୁ ଯାଇଥାନ୍ତେ । କିନ୍ତୁ ସେମାନେ ପଳାଇଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାର କୌଣସି ମୂଲ୍ୟ ନାହିଁ । ଚୋର ଗଲା ପରେ ପୋଲିସ ପହଞ୍ଚିବା ଯାହା ଏକ୍ଷେତ୍ରରେ ପହଞ୍ଚିବା ତାହା ବୋଲି କେତେକ ଛାତ୍ରୀ କହିଥିଲେ ।

ପ୍ରତିଦିନ କଲେଜ ସମୟରେ ପୋଲିସ ଏହି ଅଞ୍ଚଳରେ ପାଟ୍ରୋଲିଂ କରିବା ପାଇଁ ଛାତ୍ରୀମାନେ ଦାବି କରିଛନ୍ତି। ଏସଂକ୍ରାନ୍ତରେ ଟାଉନ୍ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ ଖବର ପାଇବା ପରେ ଥାନା ଗାଡି ଘଟଣାସ୍ଥଳକୁ ଯାଇଥିଲା କିନ୍ତୁ ପୋଲିସ ଗାଡିକୁ ଦେଖି ରୋଡରୋମିଓମାନେ ଫେରାର ହୋଇଯାଇଥିଲେ । ପ୍ରତିଦିନ ସେହି ଅଞ୍ଚଳରେ ପାଟ୍ରୋଲିଂ କରାଯିବ । ରୋଡରୋମିଓଙ୍କ ଗତିବିଧି ଲକ୍ଷ୍ୟ କରାଯିବା ସହ ଆବଶ୍ୟକ ସ୍ଥଳେ ଥାନାକୁ ଡକାଇ ତାଗିଦ କରାଯିବ। ଏଥିରେ ସେମାନେ ପରିବର୍ତ୍ତନ ନହେଲେ ସେମାନଙ୍କୁ ବାନ୍ଧି କରି କୋର୍ଟ ଚାଲାଣ କରାଯିବ ।

# ଶବ ସ୍ୱର୍ଗଦ୍ୱାରରୁ ଫେରିଲା

### ସ୍ୱାମୀକୁ ହତ୍ୟା କରିଥିବା ନେଇ ଅଭିଯୋଗ କଲେ ସଉତୁଣୀ

**କେନ୍ଦ୍ରାପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ଦେଖା ଦେଇଛି ବିବାଦ। ସଉତୁଣୀ ସ୍ୱାମୀକୁ ହତ୍ୟା କରିଥିବା ନେଇ ସନ୍ଦେହ କରିବା ପରେ ସ୍ୱାମୀର ମୃତ ଶରୀର ଏବେ ସ୍ୱର୍ଗଦ୍ୱାରରୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ଫେରିଆସିଛି। ଏଭଳି ଘଟଣା ଏବେ ପୁରା କେନ୍ଦ୍ରାପଡ଼ା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍ୱାମୀର ମୃତ୍ୟୁ ଫଳରେ ଶବଦାହ ପାଇଁ ନେଇଥିବା ପୁରୀ ସ୍ୱର୍ଗଦ୍ୱାରରୁ ମୃତଦେହ ଏବେ ଫେରିଛି। ସଉତୁଣୀ ନାମରେ ପତ୍ନୀ ହତ୍ୟା ଅଭିଯୋଗ ଆଣିଛି। ଅଭିଯୋଗ ହେବା ପରେ ପୁଲିସ ସଉତୁଣୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଛି ।

ସଦର ଥାନା ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ଅଧିନ କାଦୁଆ ଗ୍ରାମର ଅନୁପମା ନାମ୍ନୀ ମହିଳା ଅଭିଯୋଗ କରିଛନ୍ତି ତାଙ୍କ ସ୍ୱାମୀ ବସନ୍ତ ତ୍ରିପାଠୀ ସହ ସଉତୁଣି କିଛି ବର୍ଷ ହେବ ଠାକୁରପାଟଣାରେ ରହୁଥିଲେ। ବୁଧବାର ତାଙ୍କ ସ୍ୱାମୀଙ୍କ ଶରୀର ଅସୁସ୍ଥ ଥିବା ଖବର ପାଇ ସେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସ୍ୱାମୀର କଣ ହୋଇଛି ବୋଲି ସେ ସଉତୁଣିକୁ ପଚାରିଥିଲେ । ହେଲେ ସଉତୁଣି କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ । ସେହିପରି ମୃତଦେହ କୁଆଡେ ଗଲା ବୋଲି ସେ ପଚାରିଥିଲେ । ହେଲେ ସେତେବେଳକୁ ମୃତଦେହ ଦାହ ପାଇଁ ସ୍ୱର୍ଗଦ୍ୱାର ପଠା ଯାଇଥିଲା । ଏ ନେଇ ଅନୁପମା ପୁଲିସ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ସ୍ୱାମୀଙ୍କୁ ରକ୍ଷିତା ହତ୍ୟା କରିବା ନେଇ ସେ ଅଭିଯୋଗ କରିଥିଲେ ।

ଅଭିଯୋଗ ପାଇବା ପରେ ପୁଲିସର ଏକ ଦଳ ପୁରୀ ଯାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରୁ ମୃତଦେହ ଫେରାଇ ଅଣାଯାଇଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଶବଦାହ ଗୃହରେ ରଖିଛି। ଏ ସଂକ୍ରାନ୍ତରେ ସଦର ଥାନାଧିକାରୀ ବିମଳ ମଲ୍ଲିକଙ୍କୁ ପଚାରିବାରୁ ସେ କହିଲେ ଅନୁପମାଙ୍କ ଅଭିଯୋଗ ପରେ ଆମେ ମୃତଦେହ ଫେରାଇ ଆଣିଛୁ। ଅନୁପମା ଅଭିଯୋଗ କରିଛନ୍ତି ତାଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି। ତେଣୁ ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟରେ ଯାହା ମିଳିତ ସେହି ଅନୁଯାୟୀ ତଦନ୍ତ କରାଯିବ ଓ ଅଭିଯୁକ୍ତ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ଆୟୋଜିତ ହେଲା ତୁଳସୀ ବିବାହ ଓ କନ୍ଦରାସୁର ପୋଡ଼ି

**କେନ୍ଦ୍ରାପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** ପବିତ୍ର ତୁଳସୀକ୍ଷେତ୍ର ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ କେନ୍ଦ୍ରାପଡ଼ା ଜିଲ୍ଲାରେ ଲୁଚି ଯାଇଥିବା ଐତିହ୍ୟ ଓ ସଂସ୍କୃତି ତୁଳସୀ ବିବାହ ଓ କନ୍ଦରାସୁର ପୋଡ଼ି ପୁଣି ଥରେ ଆରମ୍ଭ ହୋଇଛି । ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଯଦୁପୁର ନିକଟସ୍ଥ ଗୋପୀନାଥପୁର ଶାସନ ଗୋଷ୍ଟେଶ୍ୱର ପୀଠ ପ୍ରାଙ୍ଗଣରେ ବୈଦିକ ରୀତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଧାର୍ମିକ ପରମ୍ପରା ଅନୁସାରେ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ଦିନ ଭଗବାନ ବିଷ୍ଣୁ ଙ୍କର ଶାଳଗ୍ରାମ ରୂପ ସହ ତୁଳସୀ ଦେବୀଙ୍କର ବିବାହ କରାଯାଇଥାଏ। ଏହା ଓଡ଼ିଆ ଅସ୍ମିତାର ପରିଚୟ ବହନ କରେ। କିନ୍ତୁ ଦୀର୍ଘ କିଛି ବର୍ଷ ହେବ କେନ୍ଦ୍ରାପଡ଼ାର ଏହି ପରମ୍ପରା ମଳିନ ପଡ଼ିଯାଇଥିବା ଅନୁଭବ କରି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପୁଣି ଥରେ ଏହି ପରମ୍ପରାକୁ ଧୁମ୍‌ଧାମରେ ପାଳନ କରିଛନ୍ତି। ଟ୍ରଷ୍ଟର ସଭାପତି ଦମନ





ମହାନ୍ତିଙ୍କ ପ୍ରଚେଷ୍ଟାରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବାଲୁକା ଶିଳ୍ପୀ ବଲ୍ଲବ ମହାପାତ୍ର ଙ୍କ ଦ୍ୱାରା ବଳରାମ ଓ ତୁଳସୀଙ୍କ ବାଲୁକା ମୂର୍ତ୍ତି କରାଯାଇ ବିବାହ କାର୍ଯ୍ୟ ହିନ୍ଦୁ ପରମ୍ପରା ଅନୁସାରେ କରାଯାଇଥିଲା। ଗୋଷ୍ଟେଶ୍ୱର ମହାଦେବଙ୍କ ମୁଖ୍ୟ ପରିଚାଳକ ବିଷ୍ଣୁ ଚରଣ ମହାପାତ୍ର ଏହି କାର୍ଯ୍ୟ କୁ ତଦାରଖ କରିଥିଲେ। ହରି ନାମ ସଙ୍କୀର୍ତ୍ତନ ନୈଷ୍ଠିକ ବ୍ରାହ୍ମଣଙ୍କ ଦ୍ୱାରା ବେଦପାଠ ଓ ହରିବୋଲ ହୁଳହୁଳିରେ ବିବାହ ବେଦୀ ଉଚ୍ଛୁଳି ପଡ଼ିଥିଲା। ଏହା ପରେ ୨୫ ଫୁଟ ଉଚ୍ଚର ଦୀର୍ଘଦେହି କନ୍ଦରାସୁରକୁ ଅଗ୍ନି ସଂଯୋଗ କରି ପୋଡ଼ା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ଉପସଭାପତି ରଶ୍ମି ରଞ୍ଜନ ବାରିକ, ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ, କାଳନ୍ଦୀ ମଲ୍ଲିକ, ବେଦଜ୍ୟୋତି ଦାସ, ଗୌତମ ସାହୁ, ସମ୍ରାଟ ବିପିନ ବିହାରୀ ଦାସ ଓ ଶୁଭମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅଶ୍ୱିନୀ ମିଶ୍ର ପାଇବେ ଶ୍ରୀବଳଦେବ ସମ୍ମାନ

**କେନ୍ଦ୍ରାପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଓଡିଶାର ଜଣେ ବିଶିଷ୍ଟ ସାରସ୍ୱତ ସାଧକକୁ ପ୍ରଦାନ କରାଯାଉଥିବା ପୁରସ୍କାର 'ଶ୍ରୀବଳଦେବ ସମ୍ମାନ' ଚଳିତ ବର୍ଷ ବିଶିଷ୍ଟ କବି ଏବଂ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଂପାଦକ ଅଶ୍ୱନୀ ମିଶ୍ରଙ୍କୁ ପ୍ରଦାନ କରାଯିବ । ଏହି ପୁରସ୍କାର ସ୍ୱରୂପ ତାଙ୍କୁ ୨୧୦୦୦/- (ଏକୋଇଶି ହଜାର) ମୁଦ୍ରା ସହ ମାନପତ୍ର ପ୍ରଦାନ କରାଯିବ। ଏହା ପୂର୍ବରୁ ଏହି ସମ୍ମାନ ଗାଳ୍ପିକ ପଦ୍ମଜ ପାଳ, କବି ପ୍ରସନ୍ନ ମିଶ୍ର , ନାଟ୍ୟକାର ବିଜୟ ମିଶ୍ର, ପ୍ରାବନ୍ଧିକ ନିତ୍ୟାନନ୍ଦ ସତପଥୀ , ଗାଳ୍ପିକ ଦେବ୍ରାଜ ଲେଙ୍କା, କବି ଗୋପାଳକୃଷ୍ଣ ରଥ, ପ୍ରାବନ୍ଧିକ କୃଷ୍ଣ ଭୂୟାଁ, ଗାଳ୍ପିକ ରବି ସ୍ୱାଇଁ, ପ୍ରାବନ୍ଧିକ ଧନେଶ୍ୱର ମହାପାତ୍ର, କଥାକାର ବିଜୟ ନାୟକ ପ୍ରଭୃତି ଦିଗଜ୍ ସାହିତ୍ୟିକଙ୍କୁ ପ୍ରଦାନ କରାଯାଇ ଆସିଅଛି।

ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଅନ୍ୟ ପୁରସ୍କାର ମଧ୍ୟରେ ଗାଳ୍ପିକ ସ୍ୱର୍ଗତ ଅଦ୍ୱୈତ ମହାନ୍ତିଙ୍କ ସ୍ମୃତିରେ ପ୍ରବର୍ତ୍ତିତ ଅଦ୍ୱୈତ କଥା ପୁରସ୍କାର ପାଇବେ ଗାଳ୍ପିକା ସ୍ୱାଗତିକା ସ୍ୱାଇଁ, ବିଶିଷ୍ଟ କବି ଦୀପକ ମିଶ୍ରଙ୍କ ସ୍ମୃତିରେ ପ୍ରବର୍ତ୍ତିତ 'ଦୀପକ ମିଶ୍ର କବିତା ପୁରସ୍କାର' ପାଇବେ କବି ଚିତ୍ତରଞ୍ଜନ ନାୟକ, ବ୍ରହ୍ମାନନ୍ଦ ଅନୁବାଦ ପୁରସ୍କାର ପାଇବେ ବିଶିଷ୍ଟ ଅନୁବାଦକ ପ୍ରଫେସର ତପନ ପଣ୍ଡା, ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଅସୀତ ମହାନ୍ତି ପାଇବେ ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସ୍ମୃତିରେ ପ୍ରବର୍ତ୍ତିତ ଆର୍ତ୍ତବଲ୍ଲଭ ଗବେଷଣା ପୁରସ୍କାର । ଏହି ସବୁ ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ପାଞ୍ଚ ହଜାର ମୁଦ୍ରା ସହ ମାନପତ୍ର ପ୍ରଦାନ କରାଯିବ।



ଏତଦ୍ ବ୍ୟତୀତ କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ସାରସ୍ୱତ ସାଧକଙ୍କୁ 'ତୁଳସୀ ସମ୍ମାନ' ପ୍ରଦାନ କରାଯିବା କ୍ରମରେ ବର୍ଷୀୟାନ ସାରସ୍ୱତ ସାଧକ, ବିଶିଷ୍ଟ ସର୍ବୋଦୟ ନେତା, ଚିନ୍ତକ କୃଷ୍ଣ ସିଂହଙ୍କୁ 'ତୁଳସୀ ସମ୍ମାନ' ପ୍ରଦାନ କରାଯିବ ବୋଲି ପରିଷଦର କାର୍ଯ୍ୟକାରିଣୀ ବୈଠକରେ ନିର୍ଣ୍ଣୟ ନିଆଯାଇଛି।

ଏହି ବୈଠକରେ ପରିଷଦର ସଭାପତି ଡ. ଅପର୍ଣ୍ଣା ମହାନ୍ତି, ଗାଳ୍ପିକ ଅତୁଲ ବଳ, କବି ମଧୁସୂଦନ ଦାସ , ଭୁବନମୋହନ ଜେନା, ନବଜ୍ୟୋତି ରାୟ, ପ୍ରଦୀପ ନାୟକ, ପ୍ରମୋଦ ମଲ୍ଲିକ, ଡ. ପ୍ରକାଶ କୁମାର ପରିଡା, ମାତୃଦତ୍ତ ମହାନ୍ତି ପ୍ରଭୃତି ଯୋଗ ଦେଇଥିଲେ। ଜିଲ୍ଲା ସାହିତ୍ୟ ପରିଷଦର ଆସନ୍ତା ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିଙ୍କ କରକମଳରେ ଏହି ପୁରସ୍କାର ବିତରଣ ହେବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ସଂପାଦକ ସରୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

# ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ପଟ୍ଟାମୁଣ୍ଡାଇ, ୧୩।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଂଚାୟତ ମଣ୍ଡପଡା ଭଜନେଶ୍ୱର ହାଇସ୍କୁଲ ଶକ୍ତି କ୍ଲବ ପକ୍ଷରୁ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହାଇସ୍କୁଲର ପ୍ରଧାନଶିକ୍ଷକ ଅନନ୍ତ କିଶୋର ବେହେରା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ସ୍କାଉଟ ଶିକ୍ଷକ ତଥା ଶକ୍ତି କ୍ଲବ ମାର୍ଗ ଦର୍ଶକ ଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ନେତୃତ୍ୱରେ ମଣ୍ଡପଡା ବାଛରା ନୋଡାଲ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଜେନା ଭଜନେଶ୍ୱର ହାଇସ୍କୁଲଶିକ୍ଷକ ହେମନ୍ତ ମଲ୍ଲିକ, ରୋହିତ ସ୍ୱାଇଁ, ଜୟଦେବ ବେହୁରା, କୃଷ୍ଣ ଚନ୍ଦ୍ର ସାହୁ, ଶିକ୍ଷୟତ୍ରୀ ଅନୁସୂୟା ନାୟକ, କର୍ମଚାରୀ ଅକ୍ଷୟ କୁମାର ଦାସଙ୍କ ସମେତ ୨୪ଜଣ ସ୍କାଉଟ, ୧୧ଜଣ ରେଡକ୍ରସ ଓ ଶକ୍ତି କ୍ଲବର ୩୦ଜଣଙ୍କୁ ମିଶାଇ ୭୫ଜଣ ବିଭିନ୍ନ ସ୍ଳୋଗାନ ଦେଇ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ବାଛରା ପଂଚାୟତ ପରିକ୍ରମା କରି ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଉପରେ ଜନସଚେତନତା ସୃଷ୍ଟି କରିବା ସହିତ ନବୀକରଣ ଶକ୍ତିର ଉତ୍ସ ଯଥା ସୌର ଶକ୍ତି, ପବନ ଶକ୍ତି ଓ ଜଳଜ ଶକ୍ତି ଓ ତାପଜ ଶକ୍ତି ବ୍ୟବହାର କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ ।

# ସୂଚନା ତଥ୍ୟ ଓଡ଼ିଆ ଭାଷାରେ କରିବାକୁ ଦାବି

**କେନ୍ଦ୍ରାପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** ଦୀର୍ଘଦିନ ଧରି ଥାନା ମାନଙ୍କରେ ଚାଲି ଆସିଛି ଇଂରାଜୀ ଏଫଆଇଆର ବ୍ୟବସ୍ଥା। ଏହି ବ୍ୟବସ୍ଥାର ସୁଧାର ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା। ଏନେଇ ଶ୍ରୀ ବେହେରା ରାଜ୍ୟ ଗୃହ ବିଭାଗ, ମୁଖ୍ୟ ଶାସନସଚିବ, ଓଡିଶା ହାଇକୋର୍ଟଙ୍କ ନିକଟକୁ ଚିଠି ଲେଖିଛନ୍ତି।

ଗୌତମଙ୍କ ପ୍ରସ୍ତାବ ଅନୁସାରେ ସମ୍ପ୍ରତି, ଓଡିଆ ଅନଲାଇନ୍ ଏଫ୍‌ଆଇଆର୍ ପଞ୍ଜୀକରଣ ପାଇଁ ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନସିଆରବି) ଦ୍ୱାରା ଜାରି କରାଯାଇଥିବା ଇଣ୍ଟିଗ୍ରେଟେଡ୍ ଇନଭେଷ୍ଟିଗେସନ୍ ଫର୍ମ -୧ (ଆଇଆଇଏଫ-୧) ବ୍ୟବହାର କରାଯାଉଛି। ଏହି ଦ୍ୱିଭାଷୀ ଫର୍ମାଟରେ ଇଂରାଜୀ ଏବଂ ହିନ୍ଦୀ ଅନ୍ତର୍ଭୁକ୍ତ। ଶେଷଟି ହେଉଛି ଏକ ଭାଷା ଯାହା ଓଡିଶାର ଅଧିକାଂଶ ଜନସଂଖ୍ୟା, ବିଶେଷକରି ଗ୍ରାମାଞ୍ଚଳର ଲୋକମାନେ ବୁଝି ପାରନ୍ତି ନାହିଁ। ଅପରାଧିକ ପ୍ରକ୍ରିୟା, ୧୯୭୩ ର ଧାରା ୧୫୪ (୧) ଆଦେଶ ଦେଇଛି ଯେ ସୂଚନାଦାତା କିମ୍ବା ଅଭିଯୋଗକାରୀ ବୁଝିପାରୁଥିବା ଭାଷାରେ ଏଫଆଇଆର ରେକର୍ଡ କରାଯାଏ, ଏଫଆଇଆର ଫର୍ମାଟରେ ଓଡିଆ ଭାଷା ସ୍ଥାନିତ ନହେବା ହେତୁ ସାଧାରଣ ଲୋକଙ୍କ ପାଇଁ ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ଆମର ଅପରାଧିକ ନ୍ୟାୟ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ନ୍ୟାୟ ଉପରେ ପ୍ରଭାବ ପକାଇ ଓଡିଆ ଭାଷା ବିକଳ୍ପର ଉପଲବ୍ଧତା ନ ଥିବାରୁ ଏଫଆଇଆର ଗୁଡିକ ଭୁଲ୍ ଭାବରେ ପଞ୍ଜୀକୃତ ହୋଇଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି।

ଏହା ମଧ୍ୟ ଓଡ଼ିଶା ସରକାରୀ ଭାଷା ଅଧିନିୟମ, ୧୯୫୪କୁ ବିରୋଧ କରେ, ଯାହା ଧାରା ୨ (୧) ରେ ଉଲ୍ଲେଖ କରିଛି ଯେ, "ଓଡ଼ିଶା ରାଜ୍ୟ କିମ୍ବା ସମସ୍ତ ସରକାରୀ ଉଦ୍ଦେଶ୍ୟରେ ବ୍ୟବହୃତ ହେବାକୁ ଥିବା ଭାଷା "ଓଡିଆ"ରେ ହିଁ ହେବ। ଆସାମ, ଗୁଜୁରାଟ, ମହାରାଷ୍ଟ୍ର, ପଞ୍ଜାବ, କେରଳ, ଏବଂ ଦିଲ୍ଲୀ ଭଳି ରାଜ୍ୟମାନେ ନିଜ ନାଗରିକଙ୍କ ପାଇଁ ଅଧିକ ସୁଗମ ତଥା ସ୍ୱଚ୍ଛ ନ୍ୟାୟ ବ୍ୟବସ୍ଥାକୁ ସହଜ କରିବା ସହିତ ଇଂରାଜୀ ସହିତ ନିଜ ନିଜ ରାଜ୍ୟର ମାତୃଭାଷାରେ ଏଫଆଇଆର ପଞ୍ଜୀକରଣ କରି ଆସୁଛନ୍ତି। ଓଡିଶାରେ ସମାନ ଆଭିମୁଖ୍ୟ ଗ୍ରହଣ କରିଲେ ଏହା କେବଳ ନ୍ୟାୟକୁ ସମର୍ଥନ କରିବ ନାହିଁ ବରଂ "ଓଡିଆ ଅସ୍ମିତା" ପଦକ୍ଷେପ ମାଧ୍ୟମରେ ଆମ ଐତିହ୍ୟ ,ସମ୍ମାନ ଏବଂ ଗର୍ବର ଭାବନା ବଢାଇବ। ତତ୍ ସହିତ ଏହା ରାଜ୍ୟର ଲୋକଙ୍କ ପାଇଁ ସଠିକ, ନିରପେକ୍ଷ ଏବଂ ବୁଝାମଣା ପ୍ରକ୍ରିୟାକୁ ଅଧିକ ସକ୍ଷମ କରିବ। ଗୌତମଙ୍କ ଏହି ପ୍ରସ୍ତାବ ଆଗତ ପରେ ବୁଦ୍ଧିଜୀବୀ ମାନେ ସାଧୁବାଦ ଜଣାଇଛନ୍ତି।

# ସରପଞ୍ଚ ସଂଘ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ରାଜନଗର, ୧୩।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ରାଜନଗରରେ ସଫେଇ କରାଯାଇଛି। ସରପଞ୍ଚମାନେ ତ୍ରିନାଥବଜାର ନିକଟରୁ ସଫେଇ କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଯାଏଁ ଆସିଥିଲେ। ହଂସୁଆ ସେତୁକୁ ସଫେଇ କରିବା ସହ ଅଳିଆ ଆବର୍ଜନା ଉଠାଇ ଥିଲେ। ଏହାପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପଡ଼ିଥିବା ଅଳିଆ ଆବର୍ଜନା ସମେତ ପଡ଼ିଥିବା ପ୍ଲାଷ୍ଟିକ





ଆବର୍ଜନା ସଫେଇ କରିଥିଲେ। ସରପଞ୍ଚ ସଂଘ ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧିନ ରୋଗୀ ମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ ନିରଞ୍ଜନ ରାଉତ, କୈଳାସ ଚନ୍ଦର ପରିଡ଼ା, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଚିତ ରଞ୍ଜନ ପଣ୍ଡା, ଶୈଳେନ୍ଦ୍ର କୁମାର ମିଶ୍ର ସୁଶ୍ରୀ ସଙ୍ଗୀତା ମହାପାତ୍ର, ସସ୍ମିତା ମହାନ୍ତି, ବୀଣାପାଣି ପ୍ରଧାନ, ଇତିଶ୍ରୀ ମହାପାତ୍ର, ପୁଷ୍ପକତା ପାତ୍ର, ସୁରେଖା ପ୍ରଧାନଙ୍କ ସମେତ ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି, ଯୁବନେତା ରମଣୀ ରଞ୍ଜନ ମହାପାତ୍ର, ପ୍ରମୋଦ କୁମାର ପ୍ରଧାନ, ବରିଷ୍ଠ ନେତା ଦିଲ୍ଲୀପ କୁମାର ପାତ୍ର, ହୃଷିକେଶ ପ୍ରଧାନ ପ୍ରମୁଖ ସଫେଇ କରିଥିଲେ।

# ଅନାହାରରେ ଥିବା ଗୋରୁଙ୍କ ପାଇଁ ପଦକ୍ଷେପ ନେବାକୁ ଦାବି

**ରାଜନଗର, ୧୩।୧୧ (ସଂଚାର ବ୍ୟୁରୋ):** ସାତଭାୟାର ପୁରୁଣା ଜନବସତିରେ ପ୍ରାୟ ୮ଶହରୁ ଅଧିକ ଗାଈ, ବାଛୁରୀ ଓ ଷଣ୍ଢ ଅନାହାରରେ ଥିବା ଖବର ପ୍ରକାଶ ପାଇବା ପରେ ସବୁ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଜି ରାଜନଗର ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ରାଜନଗର ତହସିଲଦାରଙ୍କୁ ଭେଟି ଅନାହାରରେ ଥିବା ଗୋରୁଙ୍କ ପାଇଁ ଖାଦ୍ୟ ଓ ପିଇବା ପାଇଁ ପାଣି ତୁରନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି।

ସାତଭାୟାରେ ଚାରିଆଡେ ଲୁଣି ପାଣି ଥିବାରୁ ଗୋରୁ ପିଇବାକୁ ଟୋପେ ପାଣି ପାଉନାହାଁନ୍ତି। ବାତ୍ୟା ଦାନା ପରେ ଏ ସମସ୍ୟା ଗୁରୁତର ହୋଇଛି। ୫୦ରୁ ଅଧିକ ଗୋରୁଙ୍କର ସାତଭାୟାରେ ମୃତ୍ୟୁ ଘଟିଛି। ସାତଭାୟା ଅଞ୍ଚଳକୁ ସାଧାରଣ ଲୋକଙ୍କୁ ଛଡା ଯାଉନଥିବାରୁ ପ୍ରକୃତ ଘଟଣା କଣ ତାହାକୁ ଲୁଚାଇ ରଖାଯାଉଛି। ଏହି ଗୁରୁତର ଘଟଣା ପ୍ରତି ସରକାର ଯେତିକି ତତ୍ପର ହେବା କଥା, ସେତିକି ହେଉନାହାଁନ୍ତି। ଗୋ ସମ୍ପଦର ସୁରକ୍ଷା



ପାଇଁ ପ୍ରଶାସନ ପକ୍ଷରୁ ଗୋରୁ ମାନଙ୍କୁ ଖାଦ୍ୟ ଓ ପାଣିର ସୁବ୍ୟବସ୍ଥା କରାଯିବା ସହ ସେମାନଙ୍କୁ ମୃତ୍ୟୁ ମୁଖରୁ ଉଦ୍ଧାର କରାଯାଉ। ନଚେତ୍ ରାଜନଗର ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ବଜଙ୍ଗ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଗଠନର ଶିବ ପ୍ରସାଦ ମହାପାତ୍ର, ସନ୍ତୋଷ କୁମାର ଲେଙ୍କା, ସନ୍ତୋଷ ସେଠୀ, ମନୋଜ ସାହୁ, ଆନନ୍ଦ ଦାସ ଆଶିଷ ଦାସ, ବିନୋଦ ନାଥଶର୍ମା, ସ୍ୱରୂପାନନ୍ଦ ରାଉତ ପ୍ରମୁଖ ତହସିଲରେ ପହଁଚି ଏହି ଦାବିପତ୍ର ଦେଇଛନ୍ତି।

## ପ୍ରକାଶଙ୍କ ପାଇଁ ଆବାସ ସାତସପନ

# ଖବର ପ୍ରସାରଣ ପରେ ତଦନ୍ତ ପାଇଁ ଗଲେ ଅଧିକାରୀ

**କେନ୍ଦ୍ରାପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ମହାକାଳପଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେୟାରବାଙ୍କ ଗ୍ରାମ ଖମାର ସାହିର ପ୍ରକାଶ ସୂତାରଙ୍କୁ ଆବାସ ଯୋଜନା ମିଳି ପାରି ନାହିଁ। ପ୍ରକାଶ ଜଣେ ଦିନ ମଜୁରୀଆ। ନିଜର ସ୍ତ୍ରୀ ଓ ଦୁଇଟି ଝିଅକୁ ନେଇ ତାଙ୍କ ସଂସାର। ଖଣ୍ଡିଏ ଚାଳ ଛପର ଘରେ ପରିବାରକୁ ନେଇ ରହି ଆସୁଛନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ପ୍ରକାଶଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ଯେମିତି ସ୍ୱପ୍ନ ପାଲଟିଛି। ଯେଉଁଥି ପାଇଁ ସେ ଏମିତି ଦୟନୀୟ ଅବସ୍ଥାରେ ଭାଗ୍ୟକୁ ଆଦରି ସେହି ଛପର ଘରେ ରହୁଛନ୍ତି।

ନିକଟରେ ହୋଇଥିବା ବାତ୍ୟା 'ଦାନା'ରେ ଘରର କାନ୍ଥ ଭିଜି ଯାଇଛି, ଛପରରୁ ପାଣି ଗଳୁଛି। ସରକାରଙ୍କ ନିୟମ କାନୁନ ବିଷୟରେ ଅବଗତ ନଥିବା ପ୍ରକାଶ ଘରି ଖଣ୍ଡିଏ ପାଇଁ 'ମହାକାଳପଡ଼ା ୟୁଥ୍ ଗ୍ରୁପ୍' ମାଧ୍ୟମରେ ସରକାରଙ୍କୁ ଗୁହାରି କରିଥିଲେ। ଏନେଇ ଦୈନିକ ଖବରକାଗଜ 'ସଂଚାର'ରେ 'ପ୍ରକାଶଙ୍କ ପାଇଁ ଆବାସ ଯୋଜନା ସାତ ସପନ' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣ ପରେ ସରକାରୀ ଅଧିକାରୀମାନେ ପ୍ରକାଶଙ୍କ ବାସଭବନରେ ପହଞ୍ଚି ସମସ୍ତ ସତ୍ୟାସତ୍ୟ ପଚାରି ବୁଝିବା ସହିତ କାଗଜପତ୍ର ଓ ଘରର ଫଟୋ ସଂଗ୍ରହ କରିଥିବା ପ୍ରକାଶ ସୂଚନା ଦେଇଛନ୍ତି। ଘର ମିଳିବାର ପ୍ରଥମ ସୋପାନ ଆରମ୍ଭ ହେଲା ବୋଲି ପ୍ରକାଶ କହିବା ସହିତ 'ସଂଚାର' ଖବରକାଗଜ ଓ ମହାକାଳପଡ଼ା ୟୁଥ୍ ଗ୍ରୁପର ପ୍ରୟାସ ପାଇଁ ଏହା ସମ୍ଭବ ହୋଇଛି ବୋଲି ସେ କହିଛନ୍ତି। ଜିଲ୍ଲା ପ୍ରଶାସନ ସମସ୍ତ ତଦାରଖ ସମ୍ପୂର୍ଣ୍ଣ କରି ପ୍ରକାଶ ସୂତାରଙ୍କୁ କେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେଉଛନ୍ତି ତାହା ଦେଖିବାକୁ ବାକି।

**ସଂଗ୍ରହ କଲେ କାଗଜପତ୍ର ଓ ଘରର ଫଟୋ**

## ବିଡ଼ିଓଙ୍କୁ ଦୁର୍ବ୍ୟବହାର

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସରପଞ୍ଚ ଓ ସମିତି ସଭ୍ୟ ସଂଘର ଅନଶନ

**ପଟ୍ଟାମୁଣ୍ଡାଇ, ୧୩।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁ ଗତ ୫ ତାରିଖରେ ତାଙ୍କ ଅଫିସ ରେ ସରକାରୀ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ବଡ଼ପଡା ପଂଚାୟତ ମୂଳଗାଇ ଗ୍ରାମର ଜ୍ୟୋତି ପ୍ରକାଶ ପ୍ରଧାନ ବିଡ଼ିଓ ଅଫିସ ମଧ୍ୟରେ ପ୍ରବେଶ କରି କେତେକ ପ୍ରଶ୍ନ ପଚାରିବା ଆଳରେ ବିଡ଼ିଓଙ୍କୁ ଅଶାଳିନ ବ୍ୟବହାର କରିବା ସହିତ ଚେୟାର ଉଠାଇ ବାଡେଇବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ବିଡ଼ିଓ ଶ୍ରୀସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପଟ୍ଟାମୁଣ୍ଡାଇ ପୋଲିସ ଥାନା କେଶ ନଂ ୩୨୭/୨୪ ରେ ଏକ ମୋକଦମା ରୁଜୁ କରିଛି । ଏହାର ପ୍ରତିବାଦ ଓ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗତ ୬ ତାରିଖରେ ବ୍ଲକ କର୍ମଚାରୀମାନେ କଲମ କଲମଛାଡ଼ ଆନ୍ଦୋଳନ କରିଥିଲେ । ଫଳରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟ ସଂପୂର୍ଣ୍ଣ ଅଚଳ ହୋଇପଡିଥିଲା । ଏଥି ସହିତ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପଟ୍ଟାମୁଣ୍ଡାଇ ଆଇ ଆଇ ସି ସୁଶାନ୍ତ ସାହୁଙ୍କୁ ଭେଟି ଅଭିଯୁକ୍ତ ଗିରଫ ଦାବିରେ ଦାବୀପତ୍ର ପ୍ରଦାନ କରିଥିଲେ।

ଏହି ଖବର ପାଇବା ପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଘଟଣାର ଗୁରୁତ୍ୱ ଅନୁଭବ କରି ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦୟାସିନ୍ଧୁ ପରିଡା ଓ ଜରୁରୀକାଳୀନ ଅଧିକାରୀ ଅଶୋକ ମହାନ୍ତିଙ୍କୁ ପଠାଇ ୨୪ ଘଣ୍ଟା ମଧ୍ୟରେ ଆସାମୀ ଗିରଫ କରିବାକୁ ପ୍ରତିଶୃତି ଦେଇଥିଲେ। ଯାହାଫଳରେ ବ୍ଲକ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ମାତ୍ର ଜିଲ୍ଲାପାଳଙ୍କ ପ୍ରତିଶୃତି ଅନୁଯାୟୀ ଅଭିଯୁକ୍ତ ଗିରଫ ନହେବାରୁ ଗତ ୮ ତାରିଖରେ ବ୍ଲକ କର୍ମଚାରୀମାନେ ପୁନଃରାୟ କଲମ ଛାଡ଼ ଆନ୍ଦୋଳନ କରିଥିଲେ। ଅଭିଯୁକ୍ତ ଜ୍ୟୋତି ପ୍ରକାଶ ପ୍ରଧାନଙ୍କ ଗିରଫ ଦାବୀରେ ଗତ ୮ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ଧାରଣା ଓ ଅନଶନ କରିଥିଲେ। ମାତ୍ର ବିଡ଼ିଓଙ୍କୁ ଦୁର୍ବ୍ୟବହାର ଓ ଗଣ୍ଡଗୋଳ ଘଟଣାର ୯ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତ ଜ୍ୟୋତିପ୍ରକାଶ ପ୍ରଧାନଙ୍କୁ ଅଦ୍ୟାବଧି ଗିରଫ କରାଯାଇନାହିଁ । ଯାହାଫଳରେ ବ୍ଲକ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ଜାରି ରହିଥିବାବେଳେ ଆଜି ଅଭିଯୁକ୍ତକୁ ଗିରଫ ଦାବିରେ ପଟ୍ଟାମୁଣ୍ଡାଇ ସରପଞ୍ଚ ଓ ସମିତି ସଭ୍ୟ ସଂଘ ବ୍ଲକ ମୁଖ୍ୟ ଫାଟକରେ ତାଲା ପକାଇ ଅନଶନରେ ବସିଥିଲେ। ଯାହାଫଳରେ ପଟ୍ଟାମୁଣ୍ଡାଇ ବ୍ଲକ ଦୀର୍ଘ ୯ଦିନ ହେବ ଅଚଳ ହୋଇ ପଡିଛି । ଦିନକୁ ଦିନ ପରିସ୍ଥିତି ଅଣାୟତ୍ତ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ବିଡ଼ିଓ ଦୁର୍ବ୍ୟବହାର ଓ ବ୍ଲକ ଗଣ୍ଡଗୋଳ ଘଟଣାକୁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ହାଲୁକା ଭାବେ ନେଇ ହାତଜାକି ବସିଥିବାରୁ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଅବିଳମ୍ବେ ଅଭିଯୁକ୍ତ ଜ୍ୟୋତି ପ୍ରକାଶ ପ୍ରଧାନଙ୍କୁ ଗିରଫ ନକଲେ ଆନ୍ଦୋଳନକୁ ତୀବ୍ର କରାଯିବ ଓ ଅନିର୍ଦ୍ଦିଷ୍ଟକାଳ ପାଇଁ ଆନ୍ଦୋଳନ ଜାରି ରହିବ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତିସଭ୍ୟ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ମହିଳା ସିଆଇଏସ୍‌ଏଫ୍ ବାଟାଲିୟନକୁ ଅନୁମୋଦନ କଲେ ଶାହ





**ନୂଆଦିଲ୍ଲୀ,୧୩।୧୧:** କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ)ର ପ୍ରଥମ ମହିଳା ବାଟାଲିୟନକୁ ସରକାର ଅନୁମୋଦନ କରିଛନ୍ତି। ଅମିତ ଶାହ କହିଛନ୍ତି, ରାଷ୍ଟ୍ର ନିର୍ମାଣର ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଦୃଢ଼ ପଦକ୍ଷେପ ସ୍ୱରୂପ ମୋଦୀ ସରକାର ସିଆଇଏସଏଫର ପ୍ରଥମ ମହିଳା ବାଟାଲିୟନ ପ୍ରତିଷ୍ଠାକୁ ମଞ୍ଜୁର କରିଛନ୍ତି । ବିମାନବନ୍ଦର ଓ ମେଟ୍ରୋ ରେଳ ଭଳି ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଏବଂ କମାଣ୍ଡୋ ଭାବେ ଭିଆଇପି ସୁରକ୍ଷା ଯୋଗାଇଦେବା ଦାୟିତ୍ୱ ମହିଳା ବାଟାଲିୟନ ବହନ କରିବ। ଏହି ନିଷ୍ପତ୍ତି ନିଶ୍ଚିତ ଭାବରେ ଦେଶର ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଅଧିକ ମହିଳାଙ୍କ ଆକାଂକ୍ଷା ପୂରଣ କରିବ। କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳରେ ଦେଶ ସେବା କରିବାକୁ ଚାହୁଁଥିବା ମହିଳାମାନଙ୍କ ପାଇଁ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ଏକ ପସନ୍ଦ ହୋଇଛି । ବର୍ତ୍ତମାନ ସିଆଇଏସଏଫରେ ମହିଳାଙ୍କ ସଂଖ୍ୟା ୭ ପ୍ରତିଶତରୁ ଅଧିକ ରହିଛି । ମହିଳା ବାଟାଲିୟନ ଯୋଡ଼ିବା ଦ୍ୱାରା ସାରା ଦେଶରେ ଅଧିକ ଆଶାୟୀ ଯୁବତୀମାନେ ସିଆଇଏସଏଫରେ ଯୋଗ ଦେଇ ଦେଶର ସେବା କରିବାକୁ ଉତ୍ସାହିତ ହେବେ। ଏହା ସିଆଇଏସଏଫରେ ମହିଳାମାନଙ୍କୁ ଏକ ନୂଆ ପରିଚୟ ଦେବ । ସିଆଇଏସଏଫ ମୁଖ୍ୟାଳୟ ନୂଆ ବାଟାଲିୟନର ମୁଖ୍ୟାଳୟ ପାଇଁ ଶୀଘ୍ର ନିଯୁକ୍ତି, ପ୍ରଶିକ୍ଷଣ ଏବଂ ସ୍ଥାନ ଚୟନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି । ଭିଆଇପି ସୁରକ୍ଷା ଏବଂ ବିମାନବନ୍ଦର, ଦିଲ୍ଲୀ ମେଟ୍ରୋ ରେଳ ସୁରକ୍ଷାରେ କମାଣ୍ଡୋ ଭାବରେ ବହୁମୁଖୀ ଭୂମିକା ନିର୍ବାହ କରିବାରେ ସକ୍ଷମ ଏକ ଏଲିଟ୍ ବାଟାଲିୟନ ଗଠନ କରିବା ପାଇଁ ଏହି ପ୍ରଶିକ୍ଷଣ ବିଶେଷ ଭାବରେ ଡିଜାଇନ୍ କରାଯାଇଛି। ୫୩ତମ ସିଆଇଏସଏଫ ଦିବସ ସମାରୋହ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ନିର୍ଦ୍ଦେଶକ୍ରମେ ସିଆଇଏସଏଫରେ ସମସ୍ତ ମହିଳା ବାଟାଲିୟନ ଗଠନ ପାଇଁ ପ୍ରସ୍ତାବ ଆରମ୍ଭ ହୋଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିୟୋ କ୍ଲିନିକ୍ ପ୍ରତିନିଧି



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନଠାରେ ଆମେରିକାର ମିୟୋ କ୍ଲିନିକ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ଗବେଷଣା ସଂସ୍ଥାର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ସବୁଠାରୁ ଆଧୁନିକ ରୋଗ ନିରୂପଣ ଓ ଚିକିତ୍ସା ପଦ୍ଧତିର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ

**ଅତ୍ୟାଧୁନିକ କ୍ୟାନ୍‌ସର ନିରୂପଣ ଓ ଚିକିତ୍ସା ପଦ୍ଧତିର ବିକାଶ ନେଇ ଆଲୋଚନା**

ଜଣା ଯାଇଛି ଯେ, କ୍ୟାନ୍‌ସର ଚିକିତ୍ସା ଅତ୍ୟଧିକ ବ୍ୟୟସାପେକ୍ଷ ଓ ଅନିଶ୍ଚିତ। ଡିଏନ୍‌ଏ ଟେଷ୍ଟ ଜରିଆରେ ତୁରନ୍ତ ରୋଗ ନିରୂପଣ ସହିତ କୌଣସି ଏକ ନିର୍ଦ୍ଦିଷ୍ଟ ଚିକିତ୍ସା ପ୍ରଣାଳୀ ଫଳପ୍ରଦ ହେଉଛି ନା ନାହିଁ ତାହା ମଧ୍ୟ ଖୁବ୍ ଶୀଘ୍ର ଜଣାପଡି ପାରିବ। ତେଣୁ ଓଡ଼ିଶାରେ ଏହି ନୂତନ ପଦ୍ଧତିର ପ୍ରୟୋଗ ସପକ୍ଷରେ ପ୍ରତିନିଧିମାନେ ମତ ରଖିଥିଲେ। ଏହା ଦ୍ୱାରା ରୋଗ ନିରୂପଣ ଖୁବ୍ ଶୀଘ୍ର ସୂଚନା ମିଳିବା ସହିତ ଫଳପ୍ରଦ ଚିକିତ୍ସା ପ୍ରଦାନ କରାଯାଇ ପାରିବ। ସ୍ୱାସ୍ଥ୍ୟସେବା, ବିଶେଷକରି କ୍ୟାନ୍‌ସର ଚିକିତ୍ସାକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ମତ ଦେଇ ଏ ସମ୍ପର୍କରେ ବିଧିବଦ୍ଧ ପ୍ରସ୍ତାବ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ।

## 'ଅକ୍ଷର'ର ୧୬ତମ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** "ସାହିତ୍ୟ ପରି ଏକ ଶକ୍ତିଶାଳୀ ଓ ବୈଭବଶାଳୀ ବିଭାଗକୁ ଆମ ଦେଶ ଖୁବ୍ ଅବହେଳା କରିଛି। ନବ୍ୟ ସମାଜର ନବ୍ୟ ଚେତନା ସାହିତ୍ୟ ହିଁ ପ୍ରଦାନ କରିଥାଏ। କାହିଁକି କେଜାଣି ଏ ଦେଶ ଆଜିଯାଏ ଗୁରୁତ୍ୱ ଦେଉନି କି ଦେଇନାହିଁ। ଏହା ହିଁ ସବୁଠୁ ବଡ଼ ଆଶ୍ଚର୍ଯ୍ୟ ବିଷୟ।" ଏମିତି ବକ୍ତବ୍ୟ ରଖିଛନ୍ତି ବଲିଉଡ୍ ଫିଲ୍ମ କଳାକାର ରାଜେନ୍ଦ୍ର ଗୁପ୍ତା। ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ "ଅକ୍ଷର"ର ୧୬ତମ ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରି ପ୍ରତିଶୀଳ ସାରସ୍ୱତ ସାଧକ, ବୁଦ୍ଧିଜୀବି ଓ ରାଜନେତାମାନଙ୍କୁ ଉଦ୍‌ବୋଧନ ଦେଇ ସିନେ ତାରକା ଶ୍ରୀ ଗୁପ୍ତା ୪ଟି ହିନ୍ଦୀ କବିତା ପାଠ କରି କହିଲେ "ସରଳ ଶବ୍ଦବିନ୍ୟାସ ସହ ଜୀବନ ଓ ସମାଜର ଏତେ ମାର୍ମିକ କଥା କବିତାରେ କୁହାଯାଇଛି, ଯାହାକୁ ବୁଝିବାକୁ ଆଦୌ କଷ୍ଟ ହେବନି। ଏହି କବିତାକୁ ବୁଝି ପାରିଲେ ଏତେ ବକ୍ତୃତା, ପ୍ରବଚନ ଓ ଆଲୋଚନା ଶୁଣିବାର ଆବଶ୍ୟକତା ନାହିଁ।" ବଲିଉଡ଼ରେ ତାଙ୍କର ସିନେ କ୍ୟାରିୟର ଉପରେ ଆଲୋଚନା କରି କହିଲେ, "ଆମେ ତ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ କାଠ ପିତୁଳି। ତାଙ୍କ ଇସାରାରେ ଅଭିନୟ କରୁ। କିନ୍ତୁ ଆମର ଜୀବନ ଧାରା ସହ ଏହାର କୌଣସି ସମ୍ପର୍କ ନାହିଁ।"

## ନ୍ୟାୟିକ ପ୍ରକ୍ରିୟାରେ ନ୍ୟାୟ ପ୍ରଦାନ କରିବେ ବିଚାର ବିଭାଗୀୟ ଅଧିକାରୀ



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର । ବିଧାନ ପାଳିକାର ମୁଖ୍ୟ କାମ ଆଇନ ପ୍ରଣୟନ ହୋଇଥିବାବେଳେ ନ୍ୟାୟପାଳିକା ଆଇନର ତର୍ଜମା ଓ ବିଭିନ୍ନ ବିବାଦର ସମାଧାନ କରିବା ସହ ସମାଜରେ ନାଗରିକମାନଙ୍କର ଅଧିକାର ଓ ସ୍ୱାର୍ଥର ସୁରକ୍ଷା କରିଥାଏ । ଏକ ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ପରିବର୍ତ୍ତିତ ପରିସ୍ଥିତି ଓ ଜନସାଧାରଣଙ୍କର ବିଭିନ୍ନ ସୁବିଧା ଓ ଅସୁବିଧାକୁ ନଜରରେ ରଖି ଓ ସାଧାରଣ ଜନତାଙ୍କ ଦାବି ଓ ଜନମତ ଆଧାରରେ ଆଇନ ପ୍ରଣୟନ କରାଯାଇଥାଏ। ସମୟ ଓ ପରିସ୍ଥିତିକୁ ଆଖିରେ ରଖି ଏକ ଜନମଙ୍ଗଳ ରାଷ୍ଟ୍ରରେ ଆଇନର ପରିବର୍ତ୍ତନ ସହ ନୂତନତ୍ୱ ଆସିଥାଏ। ସାଧାରଣ ଲୋକଙ୍କର ସୁଖ, ସୁବିଧା ତଥା ସମାଜର ବିକାଶ ଓ ସମୃଦ୍ଧିକୁ ଲକ୍ଷ୍ୟରେ ରଖି ଏହାର ଆବଶ୍ୟକତା ପଡ଼ିଥାଏ ବୋଲି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ପ୍ରକାଶ କରିଛନ୍ତି । ବିଧାନସଭା ନୂତନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀ, ଶିକ୍ଷାନବିଶଙ୍କ ନିମନ୍ତେ ଜ୍ଞାନସଂସ୍କାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି କହିଲେ ଯେ ବିଧାନ ପାଳିକା ଓ ନ୍ୟାୟପାଳିକା ପରସ୍ପର ପରିପୂରକ। ଗ୍ରାମପ୍ରାନ୍ତ ନ୍ୟାୟାଳୟଠାରୁ ଆରମ୍ଭ କରି ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଜନସାଧାରଣ କିପରି ସଠିକ୍ ନ୍ୟାୟ ପାଇପାରିବେ ସେଥି ପ୍ରତି ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେବା ଉଚିତ। ସମାଜରେ ସାଧାରଣ ଲୋକଟିଏ ପାଖରେ ନ୍ୟାୟ ପହଞ୍ଚି ପାରିଲେ ତା' ମୁହଁରେ ହସ ଫୁଟି ପାରିବ ।

## ୧୫ରେ ବିହାର ଗସ୍ତ କରିବେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୧୩।୧୧:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନଭେମ୍ବର ୧୫ ରେ ଜନଜାତିୟ ଗୌରବ ଦିବସ ପାଳନ କରିବା ପାଇଁ ବିହାରର ଜାମୁଇ ଗସ୍ତ କରିବେ। ଧର୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଆରମ୍ଭ ହୋଇଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରଧାନମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ଏକ ସ୍ମାରକୀ ମୁଦ୍ରା ଏବଂ ଡାକ ଟିକଟ ଉନ୍ମୋଚନ କରିବେ। ଏହି ଅଞ୍ଚଳର ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ଆଦିବାସୀ ସମ୍ପ୍ରଦାୟର ଉନ୍ନତି ଏବଂ ଭିତ୍ତିଭୂମିରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ୬,୬୪୦ କୋଟି ରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ-ଜନମନ) ଅଧୀନରେ ନିର୍ମିତ ୧୧,୦୦୦ ଆବାସର ଗୃହ ପ୍ରବେଶରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବେ।

## ଭୁବନେଶ୍ୱରରେ 'ଚିନ୍ତନ ଶିବିର' ଆୟୋଜନ କରିବ ଏମ୍‌ଏନ୍‌ଆର୍‌ଇ

**ନୂଆଦିଲ୍ଲୀ,୧୩।୧୧:** କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା ନଭେମ୍ବର ୧୪ ଓ ୧୫ ତାରିଖରେ ଭୁବନେଶ୍ୱରସ୍ଥିତ ଆଇଟିସିଠାରେ ଦୁଇଦିନିଆ ଚିନ୍ତନ ଶିବିର ଆୟୋଜନ କରାଯାଇଛି। ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ୍ ଲକ୍ଷ୍ୟ ହାସଲ କରିବା ଏବଂ ୨୦୪୭ ସୁଦ୍ଧା ୧୮୦୦ ଗିଗାୱାଟ୍ ର ପରବର୍ତ୍ତୀ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି ଉପରେ ଏହି କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯିବ। ନଭେମ୍ବର ୧୪ ତାରିଖ ସକାଳ ୯ଟାରେ କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଏହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ; କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାଏକ; ଓଡ଼ିଶାର ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ; ଏବଂ ଏମଏନଆରଇ ସଚିବ ଶ୍ରୀ ପ୍ରଶାନ୍ତ କୁମାର ସିଂ ମଧ୍ୟ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବେ । ଚିନ୍ତନ ଶିବିରର ଲକ୍ଷ୍ୟ ହେଉଛି ଭାରତର ଅକ୍ଷୟ ଶକ୍ତି ଯାତ୍ରାର ଅବିଚ୍ଛେଦ୍ୟ ଅଂଶବିଶେଷ ଭାବେ ଗ୍ରହଣ କରୁଥିବା ଅଗ୍ରଣୀ ନିଷ୍ପତ୍ତି ଗ୍ରହଣକାରୀ, ଆର୍ଥିକ ଅନୁଷ୍ଠାନ, ଶିଳ୍ପପତି, ସିଇଓ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରମୁଖ ଅଧିକାରୀମାନଙ୍କୁ ଏକାଠି କରିବା । ଅଂଶଗ୍ରହଣକାରୀମାନେ ବିଭିନ୍ନ ବିଷୟଗତ ଅଧିବେଶନ ମାଧ୍ୟମରେ ଏହି କ୍ଷେତ୍ରର ପ୍ରମୁଖ ଏବଂ ଉଦୀୟମାନ ପ୍ରସଙ୍ଗ ଉପରେ ବିଚାର ବିମର୍ଶ କରିବେ ।

## ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀଙ୍କ ମାରାଥନ କାର୍ଯ୍ୟକ୍ରମ

### ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ମିଶନ ଶକ୍ତି କ୍ୟାଫେ



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡା ଗସ୍ତ ଅବସରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସକାଳେ ନିମାପଡା ଠାରେ ତେରୁଣ୍ଡିଆ ଗ୍ରାମଦେବତୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ପରେ କୁରୁକୁଣ୍ଡାଠାରେ ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଉପମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ । ପରେ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମିଶନ ଶକ୍ତି କ୍ୟାଫେର ଶୁଭ ଉଦ୍ଘାଟନରେ ଯୋଗଦେଇ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ସହ ଏହି କ୍ୟାଫେ ମିଶନ ଶକ୍ତି ମା'ମାନଙ୍କ ଅର୍ଥନୈତିକ ସଶକ୍ତିକରଣ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଏହି କ୍ୟାଫେ ମେଡିକାଲକୁ ଆସୁଥିବା ରୋଗୀ ଏବଂ ତାଙ୍କର ପରିବାର ବର୍ଗଙ୍କୁ ଅଧିକ ସହାୟକ ହେବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ । କାର୍ଯ୍ୟକ୍ରମରେ ନିମାପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା,ଉପାଧ୍ୟକ୍ଷ ଏବଂ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାମିଲ ଥିଲେ। ମିଶନ ଶକ୍ତି କ୍ୟାଫେର ଶୁଭ ଉଦ୍‌ଘାଟନ କରିବା ସହ ନିମାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବାରେ କିପରି ଉନ୍ନତି ହେବ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସୁବିଧା ଯୋଗାଇଦେବା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ଶ୍ରୀମତୀ ପରିଡା। ସେହିପରି ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ଆୟୋଜିତ "ନୂତନ ଭତ୍ତା ବଣ୍ଟନ" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗ୍ୟ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କରିଥିଲେ ଉପମୁଖ୍ୟମନ୍ତ୍ରୀ ଏବଂ ପରେ ପଞ୍ଚାୟତ ସମିତି, ନିମାପଡ଼ା ସ୍ଥିତ ସମ୍ମିଳନୀ କକ୍ଷରେ ନିମାପଡ଼ା ଏବଂ ଗୋପ ବ୍ଲକର ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର କର୍ମଚାରୀ ମାନଙ୍କ ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ।

## ଟ୍ୱିନ୍ ସିଟି କ୍ରାଇମ୍

### ଜୁଆଆଡ୍ଡାରେ ପୁଲିସ ଚଢ଼ାଉ ; ୩ ଗିରଫ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ବେଆଇନ୍ ଭାବେ ଜୁଆଆଡ୍ଡା ଚାଲିଥିବା ବେଳେ ଖବର ପାଇ ମାଡି ବସିଲା ବାଲିଅନ୍ତା ଥାନା ପୁଲିସ। ଘଟଣା ସ୍ଥଳରୁ ୩ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ତାସ, ୧୦ ହଜାର ଟଙ୍କା, ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ହେଲେ ବାକି କିଛି ଜୁଆଡି ପୁଲିସକୁ ଚକମା ଦେଇ ଫେରାର ହୋଇଯାଇଥିଲେ। ଗିରଫ ୩ ଅଭିଯୁକ୍ତ ହେଲେ, ବାଲିଅନ୍ତା ପଣସ ପାଟଣାର କିଶୋର ଚନ୍ଦ୍ର ସାହୁ, ପ୍ରଦିପ୍ କୁମାର ସାହୁ ଓ ପ୍ରଭାତ କୁମାର ସାହୁ। ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଗତକାଲି ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର ମେହେରାଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ପେଟ୍ରୋଲିଂ ଟିମ ନିଜ ଅଞ୍ଚଳରେ ସନ୍ଧ୍ୟାକାଳୀନ ପେଟ୍ରୋଲିଂ କରୁଥିବା ବେଳେ, ୩ ଅଭିଯୁକ୍ତଙ୍କ ସମେତ କିଛି ସହଯୋଗୀ ମିଶି ଭାର୍ଗବୀ ନଦୀକୂଳରେ ଥିବା ମା ମାଟି ହାଣ୍ଡିଶାଳ ନିକଟରେ ବେଆଇନ୍ ଭାବେ ଜୁଆ ଖେଳୁଥିଲେ। ଏହି ଖବର ପେଟ୍ରୋଲିଂ ଟିମ ଖବର ପାଇ ଅଚାନକ ସେଠାରେ ଚଢ଼ାଉ କରିବା ସମୟରେ ଘଟଣା ସ୍ଥଳରୁ ୪ ଜଣ ଫେରାର ହୋଇଯାଇଥିବା ବେଳେ ୩ ଜଣଙ୍କୁ ଟିମ କାବୁ କରିବାରେ ସଫଳ ହୋଇଥିଲା। ଏହି ସମୟରେ ଖେଳ ଚାଲୁଥିବା ପାଲିରୁ ପୁଲିସ ୩ଟି ମୋବାଇଲ, ୧୦ ହଜାର ଟଙ୍କା, ତାସ ଜବତ କରି ୩ ଅଭିଯୁକ୍ତଙ୍କୁ ଥାନାକୁ ଆଣିଥିଲେ।

### କବାଡିଆ ଦୋକାନରେ ମଦ କାରବାର ; ମହିଳା ଗିରଫ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ବହୁଦିନ ହେବ ଧଉଳି ଥାନା ଅଧିନ ଏନଏଚ-୩୧୬ ପାର୍ଶ୍ୱରେ ଥିବା ଏକ କବାଡିଆ ଦୋକାନରେ ଚାଲିଥିଲା ଦେଶୀମଦ କାରବାର। ଯାହାର ନଜର ପୁଲିସ ପାଖରେ ନଥିଲା। ଆଜି ଥାନାର ପେଟ୍ରୋଲିଂ ଟିମ ପେଟ୍ରୋଲିଂ ଚଳାଇଥିବା ବେଳେ ଖବର ପାଇ ଅଚାନକ ରେଡ କରି ଜଣେ ମହିଳାଙ୍କୁ ଗିରଫ କରିବା ସହ ୧୦ ଲିଟର ଦେଶୀ ଆସ୍କା-୪୦ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମହିଳା ହେଲେ, ଧଉଳି ଅଞ୍ଚଳର ସବିତା ମଣ୍ଡଳ। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଆଜି ଧଉଳି ଥାନାର ଏକ ଟିମ ଏନଏଚ-୩୧୬ ପାର୍ଶ୍ୱରେ ଥିବା ଏକ କବାଡିଆ ଦୋକାନରେ ଅତର୍କିତ ଚଢ଼ାଉ କରି ବେଆଇନ୍ ଦେଶୀମଦ ବିକ୍ରି କରୁଥିବା ବେଳେ ମହିଳା ବେପାରୀଙ୍କୁ କାବୁ କରିଥିଲେ। ପରେ ଦୋକାନରେ ଛାନଭିନ ସମୟରେ ଦୋକାନରୁ ୧୦ ଲିଟର ଦେଶୀମଦ ଜବତ କରାଯାଇଛି।

### ଶଳା ଘରୁ ବୁଲିଲା କଳାକନା ; ଭିଣୋଇ ସହ ୨ ଗିରଫ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଭଡ଼ା ଘରେ ତାଲା ପକାଇ ପରିବାର ସହ ପୈତୃକ ଘରକୁ ବୁଲିବାକୁ ଯାଇଥିବା ବେଳେ, ଏହାର ସୁଯୋଗ ନେଇ ଶଳା ଘରୁ କଳାକନା ବୁଲାଇଲା ନିଜ ଭିଣୋଇ। ଏନେଇ ଖାରବେଳନଗର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ଭିଣୋଇ ସହ ତାର ଦୁଇ ଜଣ ସହଯୋଗୀଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଚୋରି ହୋଇଥିବା ସୁନା ଅଳଙ୍କାର ଏକ ଅଟୋ ଓ ବ୍ୟାଙ୍କରେ ବନ୍ଧା ପକାଇ ୧ ଲକ୍ଷ ୯୦ ହଜାର ଟଙ୍କାର ଲୋନ ବଣ୍ଡକୁ ଜବତ କରାଯାଇଛି। ଗିରଫ ୩ ଅଭିଯୁକ୍ତ ହେଲେ, ମୁଖ୍ୟ ମାଷ୍ଟର ମାଇଣ୍ଡ ଭିଣୋଇ ବଟକୃଷ୍ଣ ସ୍ୱାଇଁକୁ ଓ ତାର ଜଣେ ସହଯୋଗୀ ଶଙ୍କର ମହାରଣାକୁ ପୁରୀରୁ ଗିରଫ କରାଯାଇଥିବା ବେଳେ, ଅନ୍ୟ ଜଣଙ୍କୁ ଏୟାରପୋର୍ଟ ଥାନା ଅଧିନ ପୋଖରୀପୁଟ କାରଗିଲ ବସ୍ତିରୁ ଗିରଫ କରାଯାଇଛି। ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ପ୍ରମୋଦ କୁମାର ପରିଡ଼ା ପରିବାର ସହିତ ଖାରବେଳନଗର ଥାନା ଅଧିନ ଶାସ୍ତ୍ରୀନଗର ଠାରେ ଥିବା ପ୍ଲଟ୍ ନମ୍ବର- ୧୩୦୩/୩୨୬୦/୫୨୫୧ରେ ଭଡା ସୂତ୍ରରେ ରୁହନ୍ତି। ସେ ଗତ ମାସ ୩୧.୧୦.୨୦୨୪ ତାରିଖ ଦିନ ପରିବାର ସଦସ୍ୟଙ୍କ ସହ ମିଶି ନିଜ ପୈତୃକ ଗ୍ରାମକୁ ଯାଇଥିବା ବେଳେ, ଅଭିଯୁକ୍ତ ତଥା ଭିଣୋଇ ବଟକୃଷ୍ଣ ସ୍ୱାଇଁ ଓରଫ ବାଟୁଆ ତାଙ୍କର ଅନ୍ୟ ତିନି ସହଯୋଗୀଙ୍କ ସହ ମିଶି ତାଙ୍କ ଘରର ତାଲା ଭାଙ୍ଗି ଭିତରେ ପଶିବା ସହିତ ଆଲମିରାରୁ ୫ ଭରି ସୁନା, ୩୦୦ ଗ୍ରାମ ରୂପା ଅଳଙ୍କାର ଚୋରିକରି ନେଇଯାଇଥିଲେ।

## ଥିଙ୍କ୍‌ଟ୍ୟାଙ୍କର ମୁଖ୍ୟ ହେଲେ ମାଥିଭାଥନନ



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ପୂର୍ବତନ ନଗର ଉନ୍ନୟନ ସଚିବ ତଥା ବର୍ତ୍ତମାନ ରାଜ୍ୟ ପ୍ରଶାସନିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଓଡ଼ିଶା ଡିଜି ଶ୍ରୀ ଜି ମାଥିଭାଥନନଙ୍କୁ ଦେଶର ସହରାଞ୍ଚଳ ସ୍ଥାନୀୟ ସଂସ୍ଥାପାଇଁ ସ୍ଥାନୀୟ ସ୍ତରରେ ଦକ୍ଷତା ବୃଦ୍ଧି ଉପରେ କାର୍ଯ୍ୟକାରୀ ଗୋଷ୍ଠୀର ନେତୃତ୍ୱ ନେବାକୁ ମନୋନୀତ କରାଯାଇଛି।

ସହରାଞ୍ଚଳ ଶାସନକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ପାଇଁ କେନ୍ଦ୍ର ସରକାର ରାଜନୈତିକ ସ୍ତରରେ ବ୍ୟାପକ ସଂସ୍କାର, ପ୍ରଶାସନିକ ସ୍ତରରେ ସଂସ୍କାର, ପାରାଷ୍ଟେଟାଲର ପୁନଃନିର୍ଦ୍ଧାରଣ ଭୂମିକା, ଗ୍ରାମୀଣ ସହରାଞ୍ଚଳ ନିରନ୍ତରତା ପାଇଁ ପରିବର୍ତ୍ତନ ବ୍ୟବସ୍ଥା ଏବଂ ସ୍ଥାନୀୟ ସ୍ତରରେ ଦକ୍ଷତା ବୃଦ୍ଧି କ୍ଷେତ୍ରରେ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିଛନ୍ତି। ରିପୋର୍ଟ ଦାଖଲ ପରେ ଆଶାନୁରୂପ ବିତରଣ ହେବ ଆଦର୍ଶ ମ୍ୟୁନିସିପାଲିଟି ଆକ୍ଟ; ଆଦର୍ଶ ନିଯୁକ୍ତି ନିୟମ; ମଡେଲ ମାନବ ସମ୍ବଳ ନୀତି; ଗ୍ରାମୀଣ - ସହରାଞ୍ଚଳ ନିରନ୍ତରତା ପାଇଁ ପରିବର୍ତ୍ତନ ବ୍ୟବସ୍ଥା ପାଇଁ ମଡେଲ ଫ୍ରେମୱାର୍କ; କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ଏଭଳି ଯୋଜନା ପ୍ରଣୟନ, ଯାହା ରାଜ୍ୟ ସରକାର ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ସହରାଞ୍ଚଳ ପ୍ରଶାସନର ଉନ୍ନତି ସମ୍ବନ୍ଧୀୟ କାର୍ଯ୍ୟକୁ ଆଗକୁ ବଢ଼ାଇବାରେ ସହାୟକ ହୋଇପାରିବ। ଉପରୋକ୍ତ ୱାର୍କିଂ ଗ୍ରୁପ୍ ପାଇଁ ଆଙ୍କର ଇନଷ୍ଟିଚ୍ୟୁଟ୍ ନୂଆଦିଲ୍ଲୀର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ୍ ଆଫେୟାର୍ସ (ଏନ୍‌ଆଇୟୁଏ) ହେବ। ଜ୍ଞାନ ସହଯୋଗୀମାନଙ୍କୁ ମଧ୍ୟ ତାଲିକାଭୁକ୍ତ କରାଯାଇଛି। କାର୍ଯ୍ୟକାରୀ ଗୋଷ୍ଠୀ ଗଠନର ତିନି ମାସ ମଧ୍ୟରେ ଏହାର ବିତରଣ/ଚୂଡ଼ାନ୍ତ ରିପୋର୍ଟ ଏହି ମନ୍ତ୍ରଣାଳୟକୁ ପ୍ରଦାନ କରିବେ। ରାଜ୍ୟରେ ସରକାର ବଦଳିବା ପରେ ପ୍ରଶିକ୍ଷଣ ଅନୁଷ୍ଠାନକୁ ବଦଳି ହେବା ପୂର୍ବରୁ ଶ୍ରୀ ମାଥିଭାଥନନ ବିଭାଗୀୟ ସଚିବ ଭାବେ ଦୀର୍ଘ ଦିନ ଧରି ନଗର ଉନ୍ନୟନରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ।

## ଶାଶୂଙ୍କ ବିରୋଧରେ ବୋହୂ ଆଣିଲେ ନିର୍ଯାତନା ଅଭିଯୋଗ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ରାଜଧାନୀରେ ସୁନା ଦୋକାନ ବିବାଦକୁ ନେଇ ଶାଶୁ ଘର ଲୋକ ବୋହୂ ଉପରେ ନିର୍ଯ୍ୟାତନା ଦେଉଥିବା ନେଇ ଅଭିଯୋଗ ଆଣିଛନ୍ତି ବୋହୂ। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାପଲ୍ଲୀ ଥାନା ଅଞ୍ଚଳରେ। ଅଭିଯୋଗକାରିଣୀ ବୋହୂ ଜଣଙ୍କ ତାଙ୍କ ଦେଢ଼ସୁରଙ୍କ ସୁନା ଦୋକାନ ଆଗରେ ହଙ୍ଗାମା କରିବା ସହ ତାଙ୍କୁ ନିର୍ଯ୍ୟାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। କାରଣ ସ୍ୱାମୀଙ୍କ ମୃତ୍ୟୁ ପରେ ଶାଶୁଘର ଲୋକ ନିର୍ଯ୍ୟାତନା ଦେବା ସହ ତାଙ୍କ ସ୍ୱାମୀ ବୁଝୁଥିବା ସୁନା ଦୋକାନ ଖୋଲିବାକୁ ଦେଉନଥିବା ଅଭିଯୋଗ ଆଣିଲେ ପତ୍ନୀ ରଞ୍ଜିତା ନାୟକ। ସୂଚନା ଯୋଗ୍ୟଯେ, ବଡ଼ଭାଇ ନାରାୟଣ ନାୟକ ଭୁବନେଶ୍ୱରରେ ଥିବା ତାଙ୍କ ପାରିବାରିକ ସୁନା ଦୋକାନ ଚଳାଉ ଥିବାବେଳେ, ସାନ ଭାଇ ସତ୍ୟବ୍ରତ କଟକରେ ଥିବା ପାରିବାରିକ ସୁନା ଦୋକାନ କଥା ବୁଝୁଥିଲେ। ହେଲେ କିଛିଦିନ ତଳେ ସାନ ଭାଇ ସତ୍ୟବ୍ରତଙ୍କ ହାର୍ଟ ଆଟାକରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ, ତା ପରବର୍ତ୍ତୀ ସମୟରେ ତାଙ୍କ ପତ୍ନୀ ସେହି ଦୋକାନ ଚଳେଇ ନିଜ ପେଟପାଟଣା ପୋଷିବା ସହ ପିଲାଙ୍କ ଭବିଷ୍ୟତ ସୁଧାରିବାକୁ ଯୋଜନା କରିଥିଲେ। ହେଲେ ସ୍ୱାମୀଙ୍କ ମୃତ୍ୟୁ ପରେ ଶାଶୁଘର ଲୋକ ତାଙ୍କ ପରିବାର କଥା ନବୁଝିବା ସହ ଚଳିବା ପାଇଁ କୌଣସି ଆର୍ଥିକ ସୁବିଧା ଦେଉନଥିବା ଓ କଟକ ଦୋକାନ ଖୋଲିବାକୁ ଦେଉନଥିବା ଅଭିଯୋଗ କରିଛନ୍ତି ରଞ୍ଜିତା। ଏନେଇ ଥାନା ଓ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ସେ ଭୁବନେଶ୍ୱରରେ ଥିବା ଦେଢ଼ସୁରଙ୍କ ଥାନା ନୟାପଲ୍ଲୀ ଅଞ୍ଚଳର ସୁନା ଦୋକାନକୁ ଆସିଥିଲେ। ସୁନା ଦୋକାନ ଆଗରେ ପରିବାର ଲୋକଙ୍କ ବିବାଦ ଉଗ୍ର ରୂପ ନେଇଥିବା ବେଳେ, ଘଟଣା ସ୍ଥଳରେ ନୟାପଲ୍ଲୀ ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି। ଏନେଇ ମହିଳା ଜଣଙ୍କ ଥାନା ଅଭିଯୋଗ କରିଥିବା ଜଣାପଡ଼ିଛି।

## କୋର୍ଟରେ ହାଜର ହେଲେ ସାଂସଦ



**ବ୍ରହ୍ମପୁର,୧୩।୧୧(ସଂଚାର ବ୍ୟୁରୋ):** ଟାଟା କମ୍ପାନୀରେ ଚାକିରୀ ଦେବା ନାଁରେ ଏକାଧିକ ଯୁବକଙ୍କ ଠାରୁ ଟଙ୍କା ଠକେଇ ମାମଲାରେ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ପାଠକ-ବାପା - ପୁଅ ବୁଧବାର ଅଦାଲତରେ ହାଜର ହୋଇଛନ୍ତି। ବ୍ରହ୍ମପୁର ଜେଏମଏଫସି (ଗ୍ରାମୀଣ) ଅଦାଲତ ତଥା ସାଂସଦ ଓ ବିଧାୟକଙ୍କ ମାମଲାର ଶୁଣାଣି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଦାଲତରେ ଏହି ଠକେଇ ସମ୍ପର୍କିତ ମାମଲା ଗୁଡିକର ଶୁଣାଣି ଚାଲୁ ରହିଥିବା ବେଳେ ବୁଧବାର ସମସ୍ତେ ଅଦାଲତରେ ହାଜର ହୋଇଥିଲେ। ଅଦାଲତର ବିଚାରପତି ୪ଟି ମାମଲାରେ ସାଂସଦ ଡ. ପାଣିଗ୍ରାହୀଙ୍କ ସମେତ ପୂର୍ବତନ ଆଇଏଫଏସ ଅଧିକାରୀ ଅଭୟ ପାଠକ ଓ ଆକାଶ ପାଠକ ନାଁରେ ଚାର୍ଜଫ୍ରେମ କରିଥିଲେ। ପୂର୍ବରୁ ଗୋଟିଏ ଠକେଇ ମାମଲାରେ ଚାର୍ଜଫ୍ରେମ ହୋଇଥିଲା । ସେହିଭଳି ସାଂସଦ ପ୍ରଦୀପ ଓ ପାଠ ବାପ-ପୁଅ ନାଁରେ ଥିବା ମୋଟ ୫ଟି ଠକେଇ ମାମଲାରେ ଚାର୍ଜଫ୍ରେମ ହୋଇଛି। ଆଗାମୀ ଦିନରେ ମାମଲା ଗୁଡ଼ିକର ବିଚାରଣା ଏହି ସ୍ୱତନ୍ତ୍ର ଅଦାଲତରେ ଜାରି ରହିବ। ତେବେ ସାଂସଦଙ୍କ ନାଁରେ ଠକେଇ ମାମଲା ଦାୟର କରିଥିବା ଅଭିଯୋଗକାରୀ ମାନେ କିଛି ମାସ ତଳେ ଅଦାଲତରେ ସତ୍ୟପାଠ ଦାଖଲ କରି ସେମାନେ ଆଗକୁ ମାମଲା ଲଢିବାକୁ ଚାହୁଁନଥିବା ଜଣାଇଥିଲେ। ସେହି କ୍ରମରେ ସମସ୍ତ ଠକେଇ ମାମଲାର ଗୁରୁତ୍ୱ କମିଯାଇଛି। କିନ୍ତୁ ନ୍ୟାୟିକ ପ୍ରକ୍ରିୟା ଅନୁସାରେ ଅଦାଲତରେ ବିଚାରଣା ଚାଲୁ ରହିବ ବୋଲି କହିଛନ୍ତି ଆଇନଜୀବୀ ବାଳକୃଷ୍ଣ ପଲେଇ। ସେହିପରି ସରକାରଙ୍କ ପକ୍ଷରୁ ଯେଉଁ ପ୍ରୋଟେକସନ୍ ପିଟିସନ୍ ଫାଇଲ କରିଥିଲେ ଯାହାକୁ ଅଦାଲତ ଖାରଜ କରିଦେଇଥିଲେ ବୋଲି ଶ୍ରୀ ପଲେଇ ସୂଚନା ଦେଇଥିଲେ। ତେବେ ଅଦାଲତରେ ହଜାର ହୋଇ ଫେରିବା ପରେ ସାଂସଦ ପ୍ରଦୀପ କହିଛନ୍ତି, ପୂର୍ବ୍ୱ ବିଜେଡି ସରକାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୋ ନାଁରେ ମାମଲା ରୁଜୁ କରାଯାଇ ଜେଲ ପଠାଯାଇଥିଲା।

## ଶୀତଳଭଣ୍ଡାରରେ କଂସେଇଖାନା



**ଭୁବନେଶ୍ୱର,୧୩।୧୧:** ରାଜଧାନୀରେ ମାଂସ ଦୋକାନୀଙ୍କ ସଂଖ୍ୟା ବଢ଼ୁଥିବାବେଳେ ମହାନଗର ନିଗମ ପକ୍ଷରୁ କଂସେଇଖାନାଟିଏ ତିଆରି ହୋଇପାରିଲା ନାହିଁ। ଫଳରେ ଲୋକେ ରାସ୍ତାକଡରେ, ନାଳ ନର୍ଦ୍ଦମା ଉପରେ ଅତ୍ୟନ୍ତ ଅପରିଷ୍କାର ପରିବେଶର କଟାଯାଉଥିବା ମାଂସ ଖାଉଛନ୍ତି। ମହାନଗର ନିଗମ ପକ୍ଷରୁ ମାଂସ ବ୍ୟବସାୟୀଙ୍କ ଲାଗି ଦୁଇଟି ସ୍ଥାନ ଚିହ୍ନଟ ହୋଇଛି। ଗୋଟିଏ ଘାଟିକିଆ ନିକଟରେ ଥିବାବେଳେ ଆଉ ଗୋଟିଏ ଚାରି ନମ୍ବର ମାର୍କେଟରେ ରହିଛି। ତେବେ ଏଠାରେ ମାଂସ ଦୋକାନୀଙ୍କୁ ଯେତିକି ସ୍ଥାନ ଯୋଗାଇ ଦିଆଯାଇଛି ତାହାଠାରୁ ଦୋକାନୀଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଯିଏ ଯେଉଁଠି ପାରୁଛି ସେଠାରେ ମାଂସ ବ୍ୟବସାୟ କରୁଛି। ଏହି ଦୁଇ ସ୍ଥାନ ବ୍ୟତିତ ସହରର ବିଭିନ୍ନ ସ୍ଥାନରେ ମାଂସ ବ୍ୟବସାୟୀମାନେ ସେମାନଙ୍କର ଅସ୍ଥାୟୀ ଦୋକାନୀ ଖୋଲିବାରେ ଲାଗିଛନ୍ତି। ତେବେ ବିଏମ୍‌ସି ପକ୍ଷରୁ କିଛିବର୍ଷ ତଳେ ରାଜଧାନୀର ଗାଡ଼କଣ ଠାରେ ପ୍ରତିଷ୍ଠା ହୋଇଥିବା କଂସେଇଖାନାଟିରେ ଗୋଟିଏ ହେଲେ ପଶୁବଧ ହୋଇପାରିନଥିବାବେଳେ ଏହା ଖତ ହୋଇଯାଇଛି। ସହରରେ ମାଂସ ଦୋକାନ ସଂଖ୍ୟା ବଢ଼ି ଚାଲିଥିବାବେଳେ କଂସେଇଖାନା ପ୍ରତିଷ୍ଠା ହେଲେ ଆଉ ଖୋଲାମେଲାରେ ରାସ୍ତାକଡରେ ପଶୁବଧ ହୁଅନ୍ତା ନାହିଁ ଓ ଲୋକେ ଭଲ ମାନର ମାଂସ ପାଇପାରନ୍ତେ ବୋଲି ମତ ପ୍ରକାଶ ପାଉଛି। ତେବେ କଂସେଇଖାନା ନିର୍ମାଣ ପର୍ଯ୍ୟନ୍ତ ସହରରେ ମାଂସ ଦୋକାନଗୁଡିକରେ କଡାକଡି ମାନ ଯାଞ୍ଚ ସହିତ ସର୍ବସମ୍ମୁଖରେ ଯେଭଳି ପଶୁବଧ ନହେବ ସେ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି। କାରଣ ଏବେ ମାଂସଦୋକାନୀମାନେ ବ୍ୟବସାୟ ପାଇଁ ବିଭିନ୍ନ ଜନବସତି ମଝିରେ ଓ ଶିକ୍ଷାନୁଷ୍ଠାନ ଆଖପାଖରେ ସେମାନଙ୍କର ଦୋକାନ ଖୋଲିବାରେ ଲାଗିଛନ୍ତି। ଏହି ସ୍ଥାନରୁ ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ପ୍ରଶାସକମାନେ ମାଂସ ଖରିଦ କରୁଥିଲେ ମଧ୍ୟ ଏହାକୁ ସ୍ଥାନାନ୍ତର କେହି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କେବଳ ମାଂସ ଦୋକାନ ନୁହେଁ, କୁକୁଡା ଓ ମାଛ ବ୍ୟବସାୟ ମଧ୍ୟ ସହରର ଗଳି କନ୍ଦିରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି। ସହର ମଧ୍ୟସ୍ଥଳରେ ଚାରି ନମ୍ବର ଅଞ୍ଚଳରେ ଥିବା ହୋଲସେଲ୍ ମାଛ ହାଟକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦୀର୍ଘଦିନ ହେଲା ଯୋଜନା କରାଯାଉଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁ ନାହିଁ। ବିଭିନ୍ନ ଜନବସତି ଅଞ୍ଚଳରେ ନୂଆ ନୂଆ ଆମିଷ ଦୋକାନ ଖୋଲୁଥିବାବେଳେ ବିଏମ୍‌ସି ସ୍କ୍ୱାଡ୍ କିଭଳି ଏହାକୁ ଦେଖିପାରୁ ନାହିଁ ତାହା ଏବେ ସାଧାରଣରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାଂସ ଓ ମାଛ ବ୍ୟବସାୟୀଙ୍କ ଠାରୁ ଟିକସ ଆଦାୟ କରୁଥିବା ବିଏମ୍‌ସି ଏହିସବୁ ସ୍ଥାନର ସଫାସୁତୁରା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟର ପ୍ରାଧାନ୍ୟ-ଯେତେବେଳେ ତୁମେ ନିଜକୁ ନ୍ୟୂନ ବା ଶୂନ୍ୟ କରିଦେବ, ସେତେବେଳେ ତୁମ ଭିତରେ ପୂର୍ଣ୍ଣ ଈଶ୍ୱର ପ୍ରକଟ ହେବେ। ତେଣୁ ଯୋଗୀଜନ ଶୂନ୍ୟକୁ ସାଧନାର ମୂଳ କରିଥାଆନ୍ତି।

SANCHAR
ସଂଚାର



# ପଛରେ ପଡ଼ିଛି ଓଡ଼ିଶା

ପ୍ରାକ୍ ସ୍ୱାଧୀନତା କାଳରୁ ଓଡ଼ିଶା ଦେଶର ଏକ ପଛୁଆ ଏବଂ ଗରିବ ରାଜ୍ୟଭାବେ ପରିଚିତ। ମହାତ୍ମା ଗାନ୍ଧି ଓଡ଼ିଶା ଆସି ଯେତେବେଳେ ଏଠାର ଦାରିଦ୍ର୍ୟ ଏବଂ ଦୁର୍ଦ୍ଦଶାକୁ ଅନୁଭବ କଲେ ସେତେବେଳେ ସେ କହିଥିଲେ ଯେ, ଦାରିଦ୍ର୍ୟର ଏଭଳି କରୁଣ ଦୃଶ୍ୟ ସେ କେବେ କେଉଁଠି ଦେଖିନାହାନ୍ତି। ଓଡ଼ିଶା କାହିଁକି ଦରିଦ୍ର ରହିଥାଏ ଅନେକ କାରଣ ରହିଛି। ତେବେ ଏହାର ଏକ ମୁଖ୍ୟ କାରଣ ହେଲା କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ। ବନ୍ୟା, ବାତ୍ୟା, ମରୁଡ଼ି ଏହାର ଚିର ସହଚର। ନଅ ଅଙ୍କ ଦୁର୍ଭିକ୍ଷ ଓଡ଼ିଶାର ଅର୍ଥନୀତିକୁ ଏଭଳି ପ୍ରଭାବିତ କରିଥିଲା ଯେ, ତାହା ଶହେ ବର୍ଷ ପରେ ମଧ୍ୟ ଛାପ ଛାଡ଼ିଯାଇଥିଲା। ମହାତ୍ମା ଗାନ୍ଧି ଯେତେବେଳେ ଓଡ଼ିଶା ଆସିଥିଲେ ସେତେବେଳେ ନଅଙ୍କ ଦୁର୍ଭିକ୍ଷକୁ ବହୁ ବର୍ଷ ବିତିଯାଇଥିଲେ ମଧ୍ୟ ତାହାର ପ୍ରଭାବ ସ୍ପଷ୍ଟ ବାରି ହୋଇପଡୁଥିଲା। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଓଡ଼ିଶାର ଅର୍ଥନୀତି ସବୁ ବେଳେ ପ୍ରଭାବିତ ହୋଇଆସୁଛି। ଓଡ଼ିଶାର ୭୦ ପ୍ରତିଶତରୁ ଅଧିକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ସ୍ୱାଧୀନତା ସମୟରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରୁଥିଲେ। କେବଳ ପ୍ରତ୍ୟକ୍ଷ ବା ପରୋକ୍ଷରେ କୃଷି ଉପରେ ନିର୍ଭର କରୁଥିବା ଲୋକଙ୍କୁ ବାଦ ଦେଲେ ଓଡ଼ିଶାର ବାଣିଜ୍ୟ କାରବାର ମଧ୍ୟ କୃଷି ଭିତ୍ତିକ। ଏବେ କଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ହେତୁ ଅନେକ ଏଥିରେ ନିଯୁକ୍ତି ସୁବିଧା ପାଇଲେଣି ସତ, ମାତ୍ର ଏବେ ବି କୃଷି ଅର୍ଦ୍ଧାଧିକ ଓଡ଼ିଆଙ୍କ ମୁଖ୍ୟ ପେଷା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଓଡ଼ିଶାରେ କୃଷି ବିକାଶ ପଞ୍ଜାବ, ହରିୟାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ରାଜ୍ୟ ତୁଳନାରେ ଅନେକ ପଛରେ ପଡ଼ିଛି। କୃଷି ଆମ ଅର୍ଥନୀତିର ମେରୁଦଣ୍ଡ। ଅବଶ୍ୟ ଏବେ ରାଜ୍ୟରେ ଶିଳ୍ପ ଓ ବାଣିଜ୍ୟ କାରବାରରେ ଉନ୍ନତି ଆସିଛି। ଅର୍ଥନୀତିରେ ଅନେକ ନୂଆ ଦିଗ ସୃଷ୍ଟି ହେଲାଣି। ସ୍ୱାଧୀନତା ପରେ ରାଜ୍ୟରେ କୃଷି ଓ କୃଷି ବିକାଶ ନିମନ୍ତେ ଅନେକ ପଦକ୍ଷେପ ନିଆଯାଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଅନେକ ଯୋଜନା କାର୍ଯ୍ୟକାରୀ ହୋଇଛି। ଫଳରେ ରାଜ୍ୟରେ କୃଷି ବିକାଶ, କୃଷି ଉତ୍ପାଦନ ବୃଦ୍ଧି ସହ କୃଷକଙ୍କ ସାମାଜିକ ଓ ଆର୍ôଥକ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି। ୪୦ ବର୍ଷ ତଳର କୃଷକ ଏବଂ ବର୍ତ୍ତମାନର କୃଷକଙ୍କ ଅବସ୍ଥାରେ ଆକାଶ ପାତାଳ ପ୍ରଭେଦ ଦେଖିବାକୁ ମିଳିବ। ଆଧୁନୀକ କୃଷି ପ୍ରଣାଳୀ, ଉନ୍ନତ ବିହନ, ସାର ଏବଂ କୀଟନାଶକ ପ୍ରୟୋଗ ଦ୍ୱାରା କୃଷି ଉତ୍ପାଦନ ମଧ୍ୟ ବଢ଼ିଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। ଏବେ ବି ଓଡ଼ିଶା ଦେଶର ଅନ୍ୟ ପ୍ରମୁକ ରାଜ୍ୟ ତୁଳନାରେ କୃଷି କ୍ଷେତ୍ରରେ ଅନେକ ପଛରେ ପଡ଼ିଛି। ଏହା ସହିତ ଲୋକସଂଖ୍ୟା ବୃଦ୍ଧି ଏବଂ ଲୋକଙ୍କ କ୍ରୟ ଶକ୍ତି ବୃଦ୍ଧି ହେତୁ କୃଷିଜାତ ସାମଗ୍ରୀର ଡିମାଣ୍ଡ ବା ଚାହିଦା ବଢ଼ିଛି। ସେ ଦୃଷ୍ଟିରୁ କୃଷି ଉତ୍ପାଦନ ବଢ଼ିଲେ ମଧ୍ୟ ଏହା ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ହେଉନାହିଁ। ନିକଟରେ ନୀତି ଆୟୋଗର ସଦସ୍ୟ ଓଡ଼ିଶାରେ କୃଷିର ସ୍ଥିତି ନେଇ ଯାହା କହିଛନ୍ତି ତାହା ବାସ୍ତବରେ ଉଦବେଗଜନକ। ସେ କହିଛନ୍ତି ଯେ, ଦେଶର ଅନ୍ୟାନ୍ୟ ରାଜ୍ୟ ବା ଜାତୀୟ ସ୍ତରରେ କୃଷି ବିକାଶ ତୁଳନାରେ ଓଡ଼ିଶାରେ କୃଷି ବାକାଶ ବହୁ ପଛରେ ପଡ଼ିଛି। ରାଜ୍ୟର ମାତ୍ର ୧୭ ପ୍ରତିଶତ ଜମିରେ ବର୍ଷ ତମାମ ଚାଷ ହେଉଛି। ବାକି ୮୩ ପ୍ରତିଶତ ଚାଷ ଜମି ବର୍ଷକୁ ୮ ମାସ ପଡ଼ିଆ ପଡୁଛି। ବର୍ଷା ଦିନେ ମାତ୍ର ୪ ମାସ ଏହିସବୁ ଜମିରେ ଚାଷ ହେଉଛି। ଯେତେବେଳେ ବନ୍ୟା, ବାତ୍ୟା ମରୁଡ଼ି ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଆସୁଛି ସେତେବେଳେ ସେହି ୧୭ ପ୍ରତିଶତ ଜମିରେ ମଧ୍ୟୁ ପଯୁକ୍ତ ଉତ୍ପାଦନ ହୋଇପାରୁନି ଏବଂ ଫସଲ ନଷ୍ଟ ହେଉଛି। ଯଦି ଜଳସେଚନର ସୁବିଧା ଥାଆନ୍ତା ତେବେ ଏହିସବୁ ଜମିରେ ବର୍ଷ ତମାମ ବା ଅତି କମରେ ବର୍ଷକୁ ୮ ମାସ ଚାଷ ହୋଇପାରନ୍ତା। ଆଉ କିଛି ନହେଲେ ସାଧାରଣ ପନିପରିବା ଚାଷ ହେଲେ ଲୋକଙ୍କ ଦୈନିନ୍ଦିନ ଚାହିଦା ପୂରଣ ହୋଇପାରନ୍ତା ଏବଂ ଚାଷୀଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରନ୍ତା। କିନ୍ତୁ ସରକାରଙ୍କ ଇଚ୍ଛାଶକ୍ତିର ଅଭାବ ଏବଂ ଯୋଜନା କାର୍ଯ୍ୟକାରୀ କରିବାରେ ଆନ୍ତରିକତା ନଥିବାରୁ ଏହା ସମ୍ଭବ ହୋଇପାରୁନି। ସରକାର ଯାହା ବି ନିଷ୍ପତ୍ତି ନେଉଛନ୍ତି ତାହା ତଳ ସ୍ତରରେ କାର୍ଯ୍ୟକାରୀ ହୋଇପାରୁନି। ଅଯୋଗ୍ୟ ଏବଂ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଇଞ୍ଜିନିୟରଙ୍କ ପାଇଁ ଏହା ସମ୍ଭବ ହେଉନି। କେବଳ କୃଷି ଉତ୍ପାଦନ ନୁହେଁ, ମତ୍ସ୍ୟ, ପଶୁପାଳନ ଏବଂ କୁକୁଡ଼ା ଚାଷ ଭଳି ଅନେକ ପରୋକ୍ଷ କୃଷିରେ ମଧ୍ୟ ଓଡ଼ିଶା ପଛରେ ପଡ଼ିଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏ କ୍ଷେତ୍ରରେ ଅନେକ ଆଗରେ ଅଛନ୍ତି। ଓଡ଼ିଶା ସେମାନଙ୍କଠାରୁ କିଛି ଶିଖିବାର ପ୍ରୟାସ ମଧ୍ୟ କରୁନି। ସେଥିପାଇଁ ଆମକୁ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ନିମନ୍ତେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଆଳୁ, ପିଆଜ, ମାଛ, ଅଣ୍ଡାଠାରୁ ଆରମ୍ଭ କରି ଆମ୍ବ ପର୍ଯ୍ୟନ୍ତ ଆମେ ଅନ୍ୟ ରାଜ୍ୟରେ ନିର୍ଭର କରୁଛୁ ଏବଂ ଏଥିପାଇଁ ଓଡ଼ିଶାରେ ଏସବୁ ସାମଗ୍ରୀର ଦର ଅଧିକ ରହୁଛି। ପଶ୍ଚିମବଙ୍ଗ ଭଳି ରାଜ୍ୟ ଆମକୁ ପ୍ରତିବର୍ଷ ଆଳୁ ପାଇଁ ନାକରେ ପାଣି ପିଆଉଛି। ଏହାକୁ ଆମେ ବରଦାସ୍ତ କରି ଆମ ଦୁର୍ବଳତା ଏବଂ ଅସହାୟତାକୁ ପ୍ରମାଣିତ କରୁଛୁ। ପ୍ରତି ସରକାର କହୁଛନ୍ତି ରାଜ୍ୟର ପ୍ରତି ବ୍ଲକରେ ଅତି କମରେ ୩୫ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ପ୍ରଦାନ କରିବା ଲକ୍ଷ୍ୟ ରହିଛି। କିନ୍ତୁ ଆଜିକୁ ବହୁ ବର୍ଷ ହେବ ଏହା କେବଳ ସ୍ଲୋଗାନରେ ସୀମିତ ରହିଛି। ବାସ୍ତବ କ୍ଷେତ୍ରରେ ଜଳସେଚନ ସୁବିଧା ମାତ୍ର ୧୭% ଜମିକୁ ସମ୍ଭବ ହୋଇପାରିଛି। ଏହାକୁ ଦ୍ୱିଗୁଣିତ କରିବା କିଛି ନିହାତି ବଡ଼ କଷ୍ଟକର କାମ ନୁହେଁ। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବଡ଼ ବଡ଼ କେନାଲ ବା ନଦୀବନ୍ଧ ନିର୍ମାଣର ଆବଶ୍ୟକତା ନାହିଁ। ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଅତୀତରେ ଏଥିପାଇଁ ସରକାର ମୋ ପୋଖରୀ ଯୋଜନା କରିଥିଲେ। କିନ୍ତୁ ତାହା ମିଥ୍ୟା ପ୍ରତିଶ୍ରୁତି ବୋଲି ପ୍ରମାଣିତ ହେଲା। ଆଜି ରାଜ୍ୟରେ ପନିପରିବା ଦର ଆକାଶ ଛୁଆଁ। ଦରବୃଦ୍ଧି ହେତୁ ସବୁଠି ହାହାକାର। ଯଦି ଜଳସେଚନର ସୁବିଧା ସହ ସରକାର କୃଷି ବିକାଶ ନିମନ୍ତେ ସଠିକ ଯୋଜନା କାର୍ଯ୍ୟକାରୀ କରନ୍ତେ ଏବଂ ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ପ୍ରଦାନ କରନ୍ତେ ତେବେ ଦୁଇ ବର୍ଷରେ ସ୍ଥିତି ବଦଳିଯାଇପାରନ୍ତା। ଏଥିରେ କେବଳ ସରକାରଙ୍କର ନୁହେଁ, ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ସରକାରୀ ଚାକିରୀ ମୋହ ଛାଡ଼ି ଯଦି ଆମେ କୃଷିକୁ ଆମର ପେଷା ଭାବେ ଗ୍ରହଣ କରନ୍ତେ ତେବେ ଓଡ଼ିଶା ଅଳ୍ପ ଦିନରେ ଦେଶର ଏକ କୃଷି ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରନ୍ତା। ଏଥିପାଇଁ ମାନସିକତାରେ ପରିବର୍ତ୍ତର ଆବଶ୍ୟକତା ରହିଛି। ଭାରତ ସରକାର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଓଡ଼ିଶା ସରକାର ମଧ୍ୟ ସମାନ ଲକ୍ଷ୍ୟରେ କାମ କରିବା କଥା। କୃଷକଙ୍କ ଆୟ ବୃଦ୍ଧି କରିବା ରାଜ୍ୟ ସରକାରଙ୍କ ପାଇଁ ଏକ ଚାଲେଞ୍ଜ ବୋଲି ନୀତି ଆୟୋଗ ସଦସ୍ୟ କହିଛନ୍ତି। ନିକଟରେ ରାଜ୍ୟ ସରକାର ଧାନର ଏମଏସପି କୁଇଣ୍ଟାଲ ପିଛା ୩୧ଶହ ଟଙ୍କାକୁ ବୃଦ୍ଧି କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ବିଭିନ୍ନ ଫସଲର ଏମଏସପି ବୃଦ୍ଧି କରିଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଏହା ଦ୍ୱାରା କୃଷକଙ୍କ ସମସ୍ୟାର ସମାଧାନ ସମ୍ଭବ ନୁହେଁ। କେବଳ ଏମଏସପି ବୃଦ୍ଧି କରିଦେଲେ କୃଷକମାନେ ଲାଭବାନ ହେବେ ନାହିଁ। ଯେତେବେଳେ ସବୁ ସାମଗ୍ରୀର ଦର ବୃଦ୍ଧି ପାଉଛି ଏବଂ କୃଷକଙ୍କ ମଧ୍ୟ ଅଧିକ ମୂଲ୍ୟରେ ବିଭିନ୍ନ ସାମଗ୍ରୀ କିଣିବାକୁ ପଡୁଛି, ସେତେବେଳେ ସେମାନଙ୍କ ଆୟ ୧୫% ବୃଦ୍ଧି ପାଇଲେ ବ୍ୟୟ ୨୫% ବୃଦ୍ଧି ପାଉଛି। ତେଣୁ କୃଷି ବିକାଶ ଏବଂ କୃଷକଙ୍କ କଲ୍ୟାଣ ପାଇଁ ଉତ୍ପାଦନ ବୃଦ୍ଧି ଜରୁରୀ। ଏଥିପାଇଁ ଆଧୁନୀକ ପ୍ରଣାଳୀରେ ଚାଷ, ଉନ୍ନତ ମାନର ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ ସାମଗ୍ରୀ ଆବଶ୍ୟକ। ତାହା ସହିତ ଜଳସେଚନର ଆବଶ୍ୟକତା ରହିଛି। ଏହା ଦ୍ୱାରା ଗୋଟିଏ ଜମିରେ ବର୍ଷକୁ ବାରମାସ ଚାଷ ହୋଇପାରିବ। ବର୍ଷକୁ ୩ଟି ଫସଲ ଉତ୍ପାଦନ ହୋଇପାରିବ। ଖରିଫ ପରେ ରବି ଫସଲ ହୋଇପାରିବ। ପନିପରିବା ଚାଷ ହୋଇପାରିବ। ତେଣୁ ରାଜ୍ୟର ଯେଉଁ ୮୩ ପ୍ରତିଶତ ଜମିକୁ ବର୍ଷ ସାରା ପାଣି ମିଳୁନି, ସେହି ସବୁ ଜମିକୁ ବର୍ଷ ତମାମ ଯେପରି ଜଳସେଚନର ସୁବିଧା ମିଳିପାରିବ ତାହାକୁ ରାଜ୍ୟ ସରକାର ଏକ ମିଶନ ଭାବେ ଗ୍ରହଣ କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଖାଦ୍ୟ ନଷ୍ଟ ପାଇଁ ଦଣ୍ଡ ବ୍ୟବସ୍ଥା ହେଉ

**ମହାଶୟ,**

ଖାଦ୍ୟ ହେଉଛି ମଣିଷ ବା ସବୁ ଜୀବ ପାଇଁ ପ୍ରଥମ ଆବଶ୍ୟକତା। ବିନା ଖାଦ୍ୟରେ ଜୀବନ ଧାରଣ ଅସମ୍ଭବ। ଈଶ୍ୱର ସମସ୍ତଙ୍କ ପାଇଁ ଖାଦ୍ୟ ବନ୍ଦୋବସ୍ତ କରିଛନ୍ତି। କିନ୍ତୁ ଏହାର ସୁଷମ ବଣ୍ଟନ ହୋଇପାରୁନଥିବାରୁ ସମାଜରେ ଅନେକ ଭୋକିଲା ରହୁଛନ୍ତି, ଆଉ ଅନେକଙ୍କ ନିକଟରେ ଏତେ ପ୍ରଚୁର ପରିମାଣର ଖାଦ୍ୟ ମହଜୁଦ ରହୁଛି ଯେ, ସେମାନେ ଏହାକୁ ନଷ୍ଟ କରିବାକୁ ବାଧ୍ୟ ହେଉଛନ୍ତି। ଭାରତ ଭଳି ଏକ ଗରିବ ରାଷ୍ଟ୍ରରେ କୋଟି କୋଟି ଲୋକ ଉପଯୁକ୍ତ ଖାଦ୍ୟ ବିନା କଷ୍ଟରେ ଜୀବନ ବିତାଉଛନ୍ତି ଏବଂ ରୋଗାକ୍ରାନ୍ତ ହେଉଛନ୍ତି। କିନ୍ତୁ ଭୋଜିଭାତରେ ଟନ ଟନ ଖାଦ୍ୟ ନଷ୍ଟ ହେଉଛି। ଏହା ଏକ ଗର୍ହିତ ଅପରାଧ। ଖାଦ୍ୟ ନଷ୍ଟ କଲେ ଏଥିଲାଗି ଆଇନରେ ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏଥିନିମନ୍ତେ ସଂସଦରେ ଏକ ବିଲ ଆସିବା ଉଚିତ। ଖାଦ୍ୟ ସାମଗ୍ରୀ ଏବଂ ବିଭିନ୍ନ କୃଷିଜାତ ସାମଗ୍ରୀର ବଣ୍ଟନକୁ ଶୃଙ୍ଖଳିତ କରାଯିବା ଉଚିତ।

**ମନୋରଞ୍ଜନ ମହାପାତ୍ର, ମୁମ୍ବାଇ**

# ପୁଣ୍ୟଶ୍ଲୋକ ଦେବୀ ଅହିଲ୍ୟାବାଈ ହୋଲ୍‌କର



**ସର୍ବେଶ୍ୱର ବେହେରା**

ଅଷ୍ଟାଦଶ ଶତାବ୍ଦୀର ଇତିହାସରେ ମହାରାଣୀ ଦେବୀ ଅହିଲ୍ୟାବାଈ ହୋଲକରଙ୍କ କୃତିତ୍ୱ, ବ୍ୟକ୍ତିତ୍ୱ ଓ ମହାନତା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି। ଦେବୀ ଅହିଲ୍ୟାବାଈ ଏକମାତ୍ର ଶାସିକା ଥିଲେ, ଯାହାଙ୍କ ଜୀବିତାବସ୍ଥାରେ ପ୍ରଜାମାନେ ତାଙ୍କୁ ଦେବୀ ସ୍ୱରୂପା ସ୍ୱୀକାର କରୁଥିଲେ। ନିଜର ସମଗ୍ର ରାଜ୍ୟ ଶାସନ ଓ ସମସ୍ତ ସମ୍ପତ୍ତିକୁ ସେ ତୁଳସୀ ପତ୍ର ସଦୃଶ ଅର୍ପଣ କରିଥିଲେ। ଅର୍ଥାତ୍ ସେଗୁଡ଼ିକୁ ଭଗବାନ୍ ଶିବଙ୍କୁ ସମର୍ପିତ କରି ସେ ନିଜକୁ ଜଣେ ସାଧାରଣ ସେବିକା ରୂପେ ଶାସନ ପରିଚାଳନ କରୁଥିଲେ। ସମଗ୍ର ଜୀବନର ପ୍ରତିଟି କ୍ଷଣ ଜନକଲ୍ୟାଣକାରୀ କାର୍ଯ୍ୟରେ ମନୋନିବେଶ କରିଥିବା ଯୋଗୁଁ ତାଙ୍କୁ ଲୋକମାତା କୁହାଯାଉଥିଲା। ସମଗ୍ର ଦେଶର ଏକଶହରୁ ଊର୍ଦ୍ଧ୍ୱ ବିଶାଳ ମନ୍ଦିରଗୁଡ଼ିକୁ ପୁନରୁଦ୍ଧାର କରିଥିବା ହେତୁ ସେ ପୁଣ୍ୟଶ୍ଲୋକା ରୂପେ ଖ୍ୟାତି ଅର୍ଜନ କରିଥିଲେ।

**ଜୀବନ ଚରିତ:** ଅହିଲ୍ୟାବାଈଙ୍କ ଜନ୍ମ ୧୭୨୫ ମେ' ୩୧ ତାରିଖରେ ଅହମ୍ମଦ ନଗରର ଚାଣ୍ଡୀ ଗ୍ରାମରେ ହୋଇଥିଲା। ପିତା ମାଣକୋଜୀ ସିନ୍ଦେ ଓ ମାତା ସୁଶୀଳା ଦେବୀଙ୍କ ସେ ତୃତୀୟ ସନ୍ତାନ ଥିଲେ। ମାଣକୋଜୀ ନିଜର କନ୍ୟା ଅହିଲ୍ୟାବାଈଙ୍କୁ ସମସ୍ତ ବିଦ୍ୟା ଶିକ୍ଷା ଅର୍ଜନ କରିବା ସହିତ ଯୁଦ୍ଧ ବିଦ୍ୟା ଓ ଘୋଡ଼ା ସବାରୀ ଆଦି କଳାରେ ପାରଙ୍ଗମ କରିଥିଲେ। ବାଲ୍ୟକାଳୁ ଅହିଲ୍ୟା ଶିବଭକ୍ତ ଥିଲେ। ଥରେ ମାଲୱାର ସୁବେଦାର ମହ୍ଲାର ରାଓ ନିଜର ସୈନ୍ୟସାମନ୍ତ ସହିତ ପୁଣେ ଯିବା ରାସ୍ତାରେ ଚାଣ୍ଡୀ ଗ୍ରାମରେ ବିଶ୍ରାମ କରୁଥିଲେ। ବାଲ୍ୟାବସ୍ଥାରେ ପ୍ରତ୍ୟେକ ଦିନ ଅହିଲ୍ୟା ଗାଁ ମୁଣ୍ଡରେ ଥିବା ଶିବ ମନ୍ଦିରକୁ ଯାଇ ପୂଜନ ଓ ଭଜନ କରୁଥିଲେ। ସେଦିନ ମହ୍ଲାର ରାଓ ଜଣେ ବାଳିକାର ଶିବ ଭକ୍ତି ବିନମ୍ର ଓ ସରଳ ଗୁଣକୁ ଦେଖି ଘୋର ପ୍ରଭାବିତ ହୋଇଥିଲେ। ମହ୍ଲାର ରାଓ ଏହି ବାଳିକାକୁ ନିଜର ପୁତ୍ରବଧୂ ରୂପେ ସ୍ୱୀକାର କରିବାକୁ ନିଷ୍ଚୟ କଲେ। ଏହିପରି ମାତ୍ର ୧୨ ବର୍ଷ ବୟସରେ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ଅହିଲ୍ୟା ସୁବେଦାର ରାଜବଂଶର ବୋହୂ ହୋଇଗଲେ। କ୍ରମଶଃ ରାଜ ପରିବାରର ସମସ୍ତ ପରମ୍ପରାକୁ ସ୍ୱୀକାର କରି ରାଜପରିବାରକୁ ସଂସ୍କାରକ୍ଷମ ବାତାବରଣରେ ପରିଣତ କରିପାରିଲେ। ପତି ଖଣ୍ଡେରାଓଙ୍କ ଠାରୁ ଅନୁମତି ନେଇ ସେ ସମସ୍ତ ଯୁଦ୍ଧବିଦ୍ୟା ଗ୍ରହଣ ସହିତ ଓ ଶାସନ ପ୍ରଶାସନ ସମ୍ବନ୍ଧରେ ଅବଗତ ହୋଇଗଲେ। ଶ୍ୱଶୁର ମହ୍ଲାର ରାଓ ଏହା ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ଓ ବୋହୂ ଅହିଲ୍ୟାଙ୍କୁ ସମସ୍ତ କାର୍ଯ୍ୟରେ ପ୍ରୋତ୍ସାହିତ କରୁଥିଲେ। ୧୭୪୫ରେ ଅହିଲ୍ୟାଙ୍କର ଏକ ପୁତ୍ର ସନ୍ତାନ ୧୭୪୮ରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲେ। ପୁତ୍ରର ନାମ ମାଲେରାଓ ଓ କନ୍ୟାର ନାମ ମୁକ୍ତା ରଖାଗଲା।

୧୭୫୪ ମସିହାରେ ରାଜସ୍ଥାନର କୁମ୍ଭେରୀ ଯୁଦ୍ଧରେ ଅହିଲ୍ୟାଙ୍କ ପତି ଖଣ୍ଡେରାଓଙ୍କ ଦେହାନ୍ତ ହୋଇଥିଲା। କିଛିଦିନ ପରେ ଶ୍ୱଶୁର ମହ୍ଲାର ରାଓଙ୍କ ମଧ୍ୟ ଦେହାନ୍ତ ହୋଇଗଲା। ଅହିଲ୍ୟାଙ୍କ ଜୀବିତାବସ୍ଥାରେ ନିଜର ଶ୍ୱଶୁର ଘରେ ପାଞ୍ଚଜଣ ପୁରୁଷ ଯୋଦ୍ଧାଙ୍କ ଦେହାନ୍ତ ହୋଇଗଲା। ପୁତ୍ର ମାଲେରାଓଙ୍କୁ ରାଜସିଂହାସନରେ ବସାଇ ସେ ଶାସନ କରୁଥିଲେ। ଦୁର୍ଭାଗ୍ୟବଶତଃ ପୁତ୍ର ମାଲେରାଓଙ୍କର ୨୨ବର୍ଷ ବୟସରେ ଦେହାନ୍ତ ହୋଇଗଲା। ନିଜର ଛାତି ଉପରେ ପଥର ରଖି ଅହିଲ୍ୟାବାଈ ଶାସନ ଡୋର ହାତକୁ ନେଇଥିଲେ। ନିରନ୍ତର ୨୮ ବର୍ଷ ତାଙ୍କର ରାଜ୍ୟ ଶାସନ ଏକ ସ୍ୱର୍ଣ୍ଣିମ ଯୁଗ ଥିଲା।

**ପ୍ରଶାସିକା ଦେବୀ:** ବାଲ୍ୟକାଳୁ ମହାଦେବଙ୍କ ଉପରେ ଅହିଲ୍ୟାବାଈଙ୍କ ଅତୁଟ ଆସ୍ଥା ଥିଲା। ରାଜ୍ୟ ଶାସନକୁ ସେ ମହାଦେବଙ୍କ ପ୍ରସାଦ ରୂପେ ଅର୍ପଣ କରିଥିଲେ। ନିଜର ଦିନଚର୍ଯ୍ୟା ସାଧାରଣ ସନ୍ଥଙ୍କ ପରି ଥିଲା। ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗକରି ସ୍ନାନ, ପୂଜା ଓ ଧ୍ୟାନ ସହିତ ମନ୍ଦିର ଓ ଗୋଶାଳା ଦର୍ଶନକରି ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ହେଉଥିଲେ। ନିୟମିତ ଅନ୍ନଦାନ ଓ ଧନଦାନ କରୁଥିଲେ। ରାଜ୍ୟ ଶାସନର ସମସ୍ତ ପତ୍ରାଳାପରେ ସେ ନିଜର ହସ୍ତାକ୍ଷର କରିବା ସମୟରେ କେବଳ 'ଶ୍ରୀ ଶଙ୍କର' ଲେଖୁଥିଲେ। ଏଥିରୁ ତାଙ୍କର ମହାଦେବଙ୍କ ପ୍ରତି ଅନନ୍ୟ ଭକ୍ତିର ପ୍ରମାଣ ମିଳୁଛି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଯେଉଁ ଟଙ୍କା ପ୍ରଚଳନ କରିଥିଲେ ସେଥିରେ ଶିବଲିଙ୍ଗ ଓ ବେଲପତ୍ର ଅଙ୍କିତ ଥିଲା ଓ ମୁଦ୍ରାରେ ନନ୍ଦି ଚିତ୍ର ଶୋଭା ପାଉଥିଲା।

ସମଗ୍ର ଦେଶକୁ ସହଜରେ ଶାସନ କରିବା ପାଇଁ ଓ ଦେଶର ପ୍ରତିଟି ସ୍ଥାନରୁ ସୂଚନା ପ୍ରାପ୍ତ କରିବା ପାଇଁ ୧୩ଟି ଦରବାରରେ ବିଭକ୍ତ କରିଥିଲେ। ଦେଶର ଏହି ୧୩ ସ୍ଥାନରେ ସେ ସୁବେଦାରମାନଙ୍କୁ ନିଯୁକ୍ତି ଦେଇଥିଲେ। ଏମାନଙ୍କ ଜରିଆରେ ସେ ସହଜରେ ସମଗ୍ର ଦେଶରୁ ସମସ୍ତ ସୂଚନା ପାଇପାରୁଥିଲେ। ଦେଶର ଚତୁଃପାର୍ଶ୍ୱରେ ସେ ପ୍ରତ୍ୟେକ ୧୦ କୋଶ ବ୍ୟବଧାନରେ ଗୋଟିଏ ଗୋଟିଏ ଶିବିର ନିର୍ମାଣ କରିଥିଲେ, ଯେଉଁଠାରେ ଜଣେ ସନ୍ଦେଶ ବାହକ ରହୁଥିଲେ। ଏହିପରି ସେ ସମଗ୍ର ଦେଶରୁ ସହଜରେ ସମସ୍ତ ସନ୍ଦେଶ ପାଇପାରୁଥିଲେ ଓ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରୁଥିଲେ। ଏହି ସନ୍ଦେଶ ବାହକମାନେ ବିଦ୍ୱାନ ଓ ବ୍ରାହ୍ମଣମାନେ ଥିଲେ। କେହି ସୈନ୍ୟସାମନ୍ତ ନଥିଲେ। କାରଣ ଶତ୍ରୁମାନେ ସନ୍ଦେଶବାହକଙ୍କୁ ଧରି ସହଜରେ ଭେଦ ଯେପରି ଜାଣି ନପାରିବେ, ସେଥିପାଇଁ ଅହିଲ୍ୟାବାଈ ଏହିପରି ଏକ ଅଭିନବ ପନ୍ଥା ବାହାର କରିଥିଲେ।

ଅହିଲ୍ୟାବାଈଙ୍କ ହୃଦୟ ଯେତେ କୋମଳ ଥିଲା ଶାସନ ପ୍ରଶାସନରେ ସେତେ ସେ କଠୋର ଥିଲେ। କର ଦେଇ ନଥିବା ଓ ବିଦ୍ରୋହ କରୁଥିବା ଚନ୍ଦ୍ରାବତର ଜାଟମାନଙ୍କ ସହିତ ସେ ସଂଘର୍ଷ କରିଥିଲେ ଓ ତାଙ୍କର ସେନାପତି ସୌରଭ ସିଂହ ଜାଟକୁ ଧରି ସେଠାରେ ତୋପ ଦ୍ୱାରା ଉଡ଼େଇ ଦେଇଥିଲେ। ଭବିଷ୍ୟତରେ ରାଜ୍ୟରେ କେହି ଯେପରି ବିଦ୍ରୋହ କରିବେ ନାହିଁ, ତା'ର ଏକ ଜ୍ୱଳନ୍ତ ଉଦାହରଣ ସେ ପ୍ରସ୍ତୁତ କରିଥିଲେ।

ସେତେବେଳେ ପ୍ରଚଳିତ ଉର୍ଦ୍ଦୁ, ପାର୍ସୀ ଭାଷା ସ୍ଥାନରେ ସଂସ୍କୃତ, ମାଲବୀ ଓ ଖଡ଼ି ଭାଷା ପ୍ରଚଳନ କରିଥିଲେ। ସମସ୍ତ ଆଇନ ବ୍ୟବସ୍ଥାରେ ଚାଣକ୍ୟ ନୀତିର ପ୍ରଭାବ ଦେଖାଦେଇଥିଲା। କେତେକାଂଶରେ ଛତ୍ରପତି ଶିବାଜୀଙ୍କ ସ୍ୱଦେଶ ପ୍ରୀତି ମଧ୍ୟ ରାଜମାତା ଅହିଲ୍ୟାବାଈଙ୍କ ଶାସନ ପ୍ରଶାସନରେ ପ୍ରଦର୍ଶିତ ହୋଇଥିଲା।

**କୁଶଳ ରାଜନୀତିଜ୍ଞ:** ମାଲୱାର ରାଣୀ ଅହିଲ୍ୟାବାଈ ଜଣେ ପ୍ରଭାବଶାଳୀ ଶାସିକା ସହିତ ଜଣେ କୁଶଳ ରାଜନୀତିଜ୍ଞ ଓ ଦୂରଦ୍ରଷ୍ଟା ଥିଲେ। ୧୭୭୨ରେ ପେଶବା ଇଂରେଜମାନଙ୍କ ସହିତ ସନ୍ଧି ଖବର ପାଇବା ପରେ ଅହିଲ୍ୟାବାଈ ପେଶବାଙ୍କୁ ଯେଉଁ ପତ୍ର ଲେଖିଥିଲେ ତାହା ତାଙ୍କ ଦୂରଦ୍ରଷ୍ଟାର ଚରମ ନିଦର୍ଶନ ଥିଲା। ସେ ଉଲ୍ଲେଖ କରିଥିଲେ ଯେ, ''ଇଂରେଜମାନଙ୍କ ସହିତ ଘନିଷ୍ଟ ହେବା ଭାଲୁ ସହିତ ଘନିଷ୍ଠ ହେବା ସଦୃଶ। ବାଘ ଓ ଅନ୍ୟ ଜୀବଜନ୍ତୁମାନଙ୍କୁ ଅସ୍ତ୍ରଶସ୍ତ୍ରରେ ମାରି ଦିଆଯାଇପାରେ, କିନ୍ତୁ ଭାଲୁକୁ ମାରିବା ଘୋର



୩୦୦ ତମ ଜନ୍ମଜୟନ୍ତୀ ଅବସରରେ

କଠିନ କାର୍ଯ୍ୟ। ସିଧା ତା' ମୁହଁରେ ଆଘାତ କଲେ ତା'ର ମୃତ୍ୟୁ ହେବ। କିନ୍ତୁ ଥରେ ତା' ହାତରେ ଧରାଦେଲେ ନିଜର ଶିକାରକୁ ସେ କୁତୁକୁତୁ କରି ମାରିଦେବ।'' ଅହିଲ୍ୟାବାଈ ଇଂରେଜଙ୍କୁ ଭାଲୁ ସହିତ ତୁଳନା କରିଥିଲେ, ତାଙ୍କଠାରୁ ଦୂରତା ରକ୍ଷା କରିବାକୁ ପେଶବାଙ୍କୁ ଅନୁରୋଧ କରିଥିଲେ। ଏଥିରୁ ଇଂରେଜମାନଙ୍କ କୁଟିଳ ବୁଦ୍ଧିକୁ ସେ କିପରି ପୂର୍ବାନୁମାନ କରିପାରିଥିଲେ, ତାହା ଜଣାଯାଏ। ଥରେ ନାନା ଫଡ଼ନାବିଶଙ୍କ ଓକିଲ ବିଠଲ ଶାମରାଜ ଅହିଲ୍ୟାବାଈଙ୍କୁ ପ୍ରଶ୍ନ କରିଥିଲେ- ଯଦି ଇଂରେଜମାନେ ବସଇକୁ ଅକ୍ତିଆର କରିନେବେ ତେବେ ସମଗ୍ର ଦେଶରେ ଉପଦ୍ରବ କରିବେ। ୧୭୮୦ ଜୁଲାଇ ୧୨ ତାରିଖରେ ସେ ନାନା ଫଡ଼ନାବିଶଙ୍କୁ ପତ୍ର ଲେଖି ଉପଦେଶ ଦେଇଥିଲେ ଯେ ନବାବ ଓ ଭୋଁସଲେ ଆଦି ସମସ୍ତେ ଏକତ୍ର ହୋଇ ଇଂରେଜମାନଙ୍କୁ ପରାସ୍ତ କରିବା ଆବଶ୍ୟକ। ତୁକୋଜୀ ରାଓଙ୍କୁ ମଧ୍ୟ ଟିପୁ ସୁଲତାନ ବିରୋଧରେ ଯୁଦ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହିପରି ଯଥାର୍ଥ ଉପଦେଶ ପ୍ରଦାନ କରିଥିବା ହେତୁ ନାନା ଫଡ଼ନାବିଶ ଆଦି ରାଜାମାନେ ଅହିଲ୍ୟାବାଈଙ୍କ ପ୍ରଶଂସକ ହୋଇଥିଲେ।

**ଶ୍ରେଷ୍ଠ ଅର୍ଥନୀତିଜ୍ଞ:** ରାଣୀ ଅହିଲ୍ୟା ଦେବୀଙ୍କ ଶୈକ୍ଷିକ ଓ ଆର୍ଥିକ ଦୃଷ୍ଟି ତୀକ୍ଷ୍ଣ ଥିଲା। ରାଜ୍ୟର ରାଜକୋଷ ବୃଦ୍ଧି ସହିତ ଆର୍ଥିକ କ୍ଷେତ୍ରରେ ନିର୍ଣ୍ଣୟ ନେବାରେ ତାଙ୍କର ପ୍ରଭାବୀ କ୍ଷମତା ଥିଲା। ମାଲୱା ଭାରତର ମଧ୍ୟସ୍ଥଳରେ ଅବସ୍ଥିତ। ଏହାକୁ ଦେଖି ସେ ନୂତନ ଉଦ୍ୟୋଗ, କୃଷି ଓ ବାଣିଜ୍ୟ ପାଇଁ ବହୁ ପ୍ରଚେଷ୍ଟା କରିଥିଲେ। ସେ ସ୍ୱଦେଶୀ ଅର୍ଥନୀତିର ଏକ ପକ୍ଷଧର ଥିଲେ। ଜନତାଙ୍କ ହାତକୁ କାମ ଦେବା ନ୍ୟାୟରେ ବିଶ୍ୱାସ କରୁଥିଲେ। ତଦନୁସାରେ ସେ ସମସ୍ତ ଯୋଜନା କରୁଥିଲେ। ୧୭୫୯ରେ ସେ ବୁଣାକାର ମାଲୁ ସମାଜକୁ ନେଇ ମହେଶ୍ୱରଠାରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନଙ୍କୁ ବାରାଣସୀ ଠାରୁ ଆମନ୍ତ୍ରଣ କରାଯାଇଥିଲା। ମହେଶ୍ୱର ଠାରେ ହସ୍ତତନ୍ତରେ ସୁନ୍ଦର ବସ୍ତ୍ର ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହୋଇଗଲା। ବସ୍ତ୍ରଗୁଡ଼ିକର ବିପଣନ (ମାର୍କେଟିଙ୍ଗ)ର ଜ୍ୱଳନ୍ତ ଉଦାହରଣ ଆଜି ମଧ୍ୟ 'ମାହେଶ୍ୱରୀ ଶାଢ଼ି' ରୂପେ ଦେଖିବାକୁ ମିଳୁଛି। ମାହେଶ୍ୱରୀ ଶାଢ଼ିର ପ୍ରସ୍ତୁତ ଓ ସ୍ୱୟଂସହାୟିକା ସମୂହ ଦ୍ୱାରା ସ୍ୱାବଲମ୍ବନର ଏକ ସଫଳ ପ୍ରୟୋଗ ସେ ଆରମ୍ଭ କରିଥିଲେ।

ଯୁଦ୍ଧରେ ସହିଦ ହୋଇଥିବା ପରିବାରକୁ ସେ ରାଜକୋଷରୁ ଅର୍ଥ ଆବଣ୍ଟନ କରୁଥିଲେ। ଦରିଦ୍ରମାନଙ୍କୁ କୃଷି ଓ ବାଣିଜ୍ୟ କାର୍ଯ୍ୟ ପାଇଁ ଶସ୍ତା ଋଣ ପ୍ରଦାନ କରୁଥିଲେ। ଏହାଦ୍ୱାରା ପ୍ରଜା ହିତ ସହିତ ରାଜକୋଷ ବୃଦ୍ଧି ହୋଇଥିଲା। ଦୁର୍ଭିକ୍ଷ ସମୟରେ ପ୍ରଜାମାନଙ୍କ ଠାରୁ କର ଗ୍ରହଣ କରୁନଥିଲେ। କୃଷକମାନେ ନିଜର ଉତ୍ପାଦନ ନିଜ ଇଚ୍ଛାନୁସାରେ ଯେ କୌଣସି ସ୍ଥାନରେ ବିକ୍ରୟ କରିପାରୁଥିଲେ। ଭୂମିହୀନମାନଙ୍କୁ ଭୂମି ପ୍ରଦାନ କରାଯାଉଥିଲା। ବନ ସଂରକ୍ଷଣ ପାଇଁ ସେ ବିଶେଷ ଧ୍ୟାନ ଦେଇଥିଲେ। ସେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଇଥିଲେ। ଯଦି କୃଷକମାନଙ୍କର କୌଣସି ଦୈବୀ ଦୁର୍ବିପାକରେ ଫସଲ ନଷ୍ଟ ହେଉଥିଲା, ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉଥିଲା।

ସେ ରାଜ୍ୟରେ ସୁଖ, ସମୃଦ୍ଧି ଓ ସ୍ୱାବଲମ୍ବନ ପାଇଁ ଶିକ୍ଷା ଓ କୌଶଳ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ପୁରୁଷ ଓ ମହିଳା ଉଭୟଙ୍କୁ ଶିକ୍ଷା ପ୍ରଦାନ କରାଯାଉଥିଲା। ଶିକ୍ଷା ସହିତ ସ୍ୱାବଲମ୍ବନର ପଦ୍ଧତି ସମ୍ବନ୍ଧରେ ମଧ୍ୟ ଜ୍ଞାନ ପ୍ରଦାନ କରାଯାଉଥିଲା। ଗୁରୁକୁଳ ପଦ୍ଧତିକୁ ପ୍ରୋତ୍ସାହନ ଦେବା ସହିତ ରାଜ୍ୟରେ ବିଦ୍ୱାନ, ଶିକ୍ଷକ, ଆଚାର୍ଯ୍ୟ, ବ୍ରାହ୍ମଣମାନଙ୍କୁ ଜ୍ଞାନ ପ୍ରଦାନରେ ନିୟୋଜନ କରିଥିଲେ। ସେ ୧୯ଟି ବିଷୟର ଏକ ସଞ୍ଚ (ଟିମ) ନିର୍ମାଣ କରିଥିଲେ। ସେହି ୧୯ଟି ବିଷୟ ଆଜି ମ୍ୟାନେଜମେଣ୍ଟ କ୍ଷେତ୍ରରେ ଅଧ୍ୟୟନ ହେଉଛି। ଏହି ବିଷୟଗୁଡ଼ିକରେ ଆଜି ଶୋଧ କରାଯାଉଛି।

**ପୁଣ୍ୟଶ୍ଲୋକା ଦେବୀ:** ସେ ଅହିଲ୍ୟାଦେବୀ ମାହେଶ୍ୱର କ୍ଷେତ୍ରରେ ନର୍ମଦା ନଦୀରେ ୨୮ଟି ଘାଟ ଓ ୫୦ ମନ୍ଦିର ନିର୍ମାଣ କରିଥିଲେ। ସେଗୁଡ଼ିକ ଆଜି ମଧ୍ୟ ବିଦ୍ୟମାନ। ତାଙ୍କର ରାଷ୍ଟ୍ରୀୟ ଦୃଷ୍ଟି ସନାତନ ହିନ୍ଦୁତ୍ୱ ମୂଲ୍ୟ ଆଧାରିତ ଥିଲା। ଭାରତର ଏକାତ୍ମତା ପାଇଁ ତୀର୍ଥଯାତ୍ରାର ବହୁତ ମହତ୍ତ୍ୱ ଅଛି ବୋଲି ସେ ହୃଦୟଙ୍ଗମ କରିଥିଲେ। ତୀର୍ଥଯାତ୍ରା ଆଧ୍ୟାତ୍ମିକ ସୁଖଶାନ୍ତି ପ୍ରଦାନ କରିବା ସହିତ ବିବିଧ କ୍ଷେତ୍ର, ପନ୍ଥ, ଭାଷା ଆଦିକୁ ସ୍ୱୀକାର କରୁଥିବା ଏହି ବିରାଟ ଦେଶର ଜନତାଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି। ଏହି ପରମ୍ପରା ଯୁଗ ଯୁଗ ଧରି ପ୍ରଚଳିତ ହୋଇଆସୁଛି। ଇସଲାମ ଆକ୍ରମଣକାରୀମାନେ ଦେଶର ଏହି ତୀର୍ଥସ୍ଥାନଗୁଡ଼ିକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲେ। ଅହିଲ୍ୟାବାଈ ସେଗୁଡିକୁ ପୁନଃନିର୍ମାଣ ପାଇଁ ସମସ୍ତ କାର୍ଯ୍ୟ କରିଥିଲେ। ସମଗ୍ର ଦେଶରେ ୧୦୦ରୁ ଊର୍ଦ୍ଧ୍ୱ ମନ୍ଦିର, ବହୁତ ଘାଟ, ଅନ୍ନକ୍ଷେତ୍ର ଆଦି ନିର୍ମାଣ କରିଥିଲେ।

ବାରାଣସୀରେ ମଣିକର୍ଣ୍ଣିକା ଘାଟ ସହିତ ଅନେକ ଘାଟ, ବଦ୍ରିନାଥ ଠାରୁ ରାମେଶ୍ୱରମ୍ ପର୍ଯ୍ୟନ୍ତ ଓ ଦ୍ୱାରିକାଠାରୁ କାଶୀ ପର୍ଯ୍ୟନ୍ତ ଅନେକ ମନ୍ଦିର, ଘାଟ, ଧର୍ମଶାଳା ଆଦି ନିର୍ମାଣ କରିଥିଲେ। କାଶୀ ଠାରୁ କୋଲକାତା ପର୍ଯ୍ୟନ୍ତ ପକ୍କା ସଡ଼କ ନିର୍ମାଣ କରିଥିଲେ। ନିଜର ଭୌଗୋଳିକ କ୍ଷେତ୍ର ପରିସର ବାହାରେ ମଧ୍ୟ ଦେଶର ବିଭିନ୍ନ ସ୍ଥାନରେ ଧାର୍ମିକ ସ୍ଥଳଗୁଡ଼ିକର ପୁନରୁଦ୍ଧାର କରିଥିଲେ। ଦେଶର ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ସେ ଧର୍ମଶାଳା ନିର୍ମାଣ କରିଥିଲେ। ଭାରତୀୟ ସମାଜକୁ ଏକାତ୍ମତା ସୂତ୍ରରେ ବାନ୍ଧିବା ପାଇଁ ତାଙ୍କର ଏହି ମହାନ ପ୍ରଚେଷ୍ଟା ଥିଲା। ପାଠଶାଳା, ଧର୍ମଶାଳା, ଅନ୍ନକ୍ଷେତ୍ରଗୁଡ଼ିକ ଭବିଷ୍ୟତରେ ଯେପରି ସୁଚାରୁରୂପେ ଚାଲିବ ସେଥିପାଇଁ ସେ ସମସ୍ତ ଯୋଜନା କରିଥିଲେ।

**ଲୋକମାତା ଦେବୀ:** ସେ କହୁଥିଲେ, "ଛତ୍ରପତି ଶିବାଜୀ ମୋତେ ଯେଉଁ ଦାୟିତ୍ୱ ପ୍ରଦାନ କରିଯାଇଛନ୍ତି ମୁଁ ତାହାକୁ ସମ୍ପୂର୍ଣ୍ଣ କରୁଛି। ମୋର କାର୍ଯ୍ୟ ପ୍ରଜାମାନଙ୍କୁ ସୁଖ ଶାନ୍ତି ପ୍ରଦାନ କରିବ। ରାଜ୍ୟର ପ୍ରତ୍ୟେକ କାର୍ଯ୍ୟ ପାଇଁ ମୁଁ ଉତ୍ତରଦାୟୀ। ମୋର ସମସ୍ତ କାର୍ଯ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସମର୍ପିତ। ମୁଁ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ ହେବି। କ୍ଷମତା, ଧନ, ବୈଭବ ଆଦି ସମସ୍ତ ଈଶ୍ୱର ପ୍ରଦତ୍ତ। ମୁଁ ଏହାର ମାଲିକ ନୁହେଁ କେବଳ ସଂରକ୍ଷକ।''

ଦେବୀ ଅହିଲ୍ୟା ଅତ୍ୟନ୍ତ ବୁଦ୍ଧିମତୀ, ସୁଧାରବାଦୀ ଓ ପ୍ରଜାବତ୍ସଳ ଶାସିକା ଥିଲେ। ସମଗ୍ର ରାଜ୍ୟକୁ ଜିଲ୍ଲା ଓ ତହସିଲରେ ବଣ୍ଟନ କରିଥିଲେ। ପଞ୍ଚାୟତରେ ନ୍ୟାୟ ମିଳୁଥିଲା। ନ୍ୟାୟର ଅନ୍ତିମ ଅପିଲ ସ୍ୱୟଂ ଅହିଲ୍ୟାବାଈ ଶୁଣୁଥିଲେ। ତାଙ୍କର ପ୍ରାସାଦ ସମସ୍ତଙ୍କ ପାଇଁ ଖୋଲା ଥିଲା। ସେ ତ୍ୱରିତ ଓ ସହଜ ନ୍ୟାୟ ପ୍ରଦାନ କରୁଥିଲେ। ଏଣୁ ସମସ୍ତେ ତାଙ୍କୁ ଲୋକମାତା କହୁଥିଲେ। ପ୍ରଜାମାନଙ୍କ ସୁଖ ଦୁଃଖ ସେ ନିଜେ ବୁଝୁଥିଲେ। ସମସ୍ତେ ଶାନ୍ତିରେ କାଳାତିପାତ କରୁଥିଲେ। ମହେଶ୍ୱର କିଲ୍ଲାରେ ୩୦୦ କର୍ମଚାରୀ ଅଧିକାରୀମାନଙ୍କ ଠାରୁ ସଫାଇ କର୍ମଚାରୀ ପର୍ଯ୍ୟନ୍ତ ଥିଲେ। ସମସ୍ତ ବର୍ଗର ବ୍ୟକ୍ତିଙ୍କ ସହିତ ସେ ନିୟମିତ ଭାବେ ଏକତ୍ର ଭୋଜନ କରୁଥିଲେ। ଏହାକୁ ଦେଖି ସବୁ ବର୍ଗର ବ୍ୟକ୍ତି ତାଙ୍କୁ ନିଜର ଆତ୍ମୀୟ ସ୍ୱଜନ ରୂପେ ଦେଖୁଥିଲେ। ସେ କଦାପି ରାଜସିଂହାସନରେ ବସିନାହାନ୍ତି। ସାଧାରଣ ଚୌକିରେ ବସି ସେ ରାଜ୍ୟ ଶାସନ କରୁଥିଲେ। ଅତ୍ୟନ୍ତ ସରଳ ଓ ସାଧାରଣ ଜୀବନ ଅତିବାହିତ କରୁଥିଲେ। ରାଜଦରବାରରେ ମନ୍ତ୍ରୀଙ୍କ ଠାରୁ ସାଧାରଣ ସୈନ୍ୟ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ସହିତ ସମାନ ଚୌକିରେ ବସୁଥିଲେ। ମହିଳାମାନଙ୍କ ଅଧିକାର ପାଇଁ ସେ ସଜାଗ ଥିଲେ। ତାଙ୍କ ଦରବାରକୁ ବହୁ ମହିଳା ନିର୍ଦ୍ୱନ୍ଦ୍ୱରେ ଦରଖାସ୍ତ ଧରି ଆସୁଥିଲେ। ସେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରୁଥିଲେ। ତତ୍କାଳୀନ ସମାଜରେ ରହିଥିବା ସତୀ ପ୍ରଥାକୁ ସେ ଉଚ୍ଛେଦ କରିଥିଲେ। ଯୌତୁକ ପ୍ରଥାକୁ ଅପରାଧ ବୋଲି ଘୋଷଣା କରିଥିଲେ। ସମଗ୍ର ଦେଶରେ ହିନ୍ଦୁମାନଙ୍କ ଏକତ୍ରୀକରଣ ପାଇଁ ସେ ଅନ୍ତଃରାଜ୍ୟ ବିବାହ ସପକ୍ଷବାଦୀ ଥିଲେ। ତାଙ୍କ ପୂର୍ବରୁ ବିଧବାମାନଙ୍କର ସମ୍ପତ୍ତି ଉପରେ କୌଣସି ଅଧିକାର ନଥିଲା। ସେ ଶାସନଭାର ଗ୍ରହଣ କରିବା ପରେ ବିଧବାମାନଙ୍କୁ ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ହାସଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ସମ୍ପତ୍ତି ଉପରେ କାହାର ଅଧିକାର ରହିବ ନାହିଁ। ସେମାନେ ଯାହାକୁ ଚାହିଁବେ ସ୍ୱଇଚ୍ଛାରେ ଦାନ କରିପାରିବେ। ପ୍ରସିଦ୍ଧ ସୋମନାଥ ମନ୍ଦିରର ଜୀର୍ଣ୍ଣୋଦ୍ଧାର ଏହିପରି ଜନୈକ ବିଧବା ମହିଳାଙ୍କ ଧନରୁ କରାଯାଇଥିଲା।

**ସ୍ମୃତିର ଝରକାରୁ:** ହୋଲକର ବଂଶର ଘୋର ବିରୋଧୀ ଓ ଶତ୍ରୁ ସାର ଜନ ମାଲକମ ନିଜର 'ମଧ୍ୟ ଭାରତ କାଳ' ପୁସ୍ତକରେ ଉଲ୍ଲେଖ କରିଛନ୍ତି- "ଅହିଲ୍ୟାବାଈ ଯେଉଁ ବିପରୀତ ପରିସ୍ଥିତି ସମୟରେ ଶାସନ ଭାର ଗ୍ରହଣ କରି ଦୀର୍ଘ ୨୮ ବର୍ଷ ଜନକଲ୍ୟାଣକାରୀ ଓ ଉତ୍କୃଷ୍ଟ ଶାସନ କରିଥିଲେ ତାହା ଅତୁଳନୀୟ। କେବଳ ମାଲୱା ନୁହେଁ ଅପିତୁ ସମଗ୍ର ଦେଶ ତାଙ୍କୁ ଦେବୀ ରୂପେ ସ୍ୱୀକାର କରୁଥିଲେ।'' ଡ. ଆନିବେଶାନ୍ତ କହିଛନ୍ତି- "ଅହିଲ୍ୟାବାଈ ଭାରତର ସୁଯୋଗ୍ୟ ସନ୍ତାନ ଥିଲେ। ଜନକଲ୍ୟାଣ ସହିତ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାକୁ ରକ୍ଷା କରିବା ପାଇଁ ସେ ବହୁ ପ୍ରଚେଷ୍ଟା କରିଛନ୍ତି ଓ ସଫଳ ମଧ୍ୟ ହୋଇଛନ୍ତି। ସେ ପ୍ରକୃତରେ ରାଷ୍ଟ୍ରମାତା।'' ସାର ଯଦୁନାଥ ସରକାର ଲେଖିଛନ୍ତି- "ଅଷ୍ଟାଦଶ ଶତାବ୍ଦୀରେ ସେ ଜଣେ ମହୀୟସୀ ମହିଳା ଥିଲେ। ତତ୍କାଳୀନ ମାଲୱା ପ୍ରଦେଶକୁ ସେ ଉତ୍ତମ ଶାସନ ପ୍ରଦାନ କରିଥିଲେ। ତାଙ୍କ ପରି ସୁ-ଉଚ୍ଚ ଗୁଣବାନ ରାଜନୀତିକ ରଣନୀତିକାର ମହିଳା ଭାରତ ଇତିହାସରେ ବିରଳ।'' ଇଂରେଜ ଇତିହାସକାର ଷ୍ଟିୱର୍ଡ଼ ଗାର୍ଡ଼ନ ତାଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି- "ଅଷ୍ଟାଦଶ ଶତାବ୍ଦୀରେ ଅହିଲ୍ୟାବାଈଙ୍କ ଶାସନ ସୁଦୃଢ଼ ଓ ସ୍ଥାୟୀ ଥିଲା।'' ଏଣୁ ରାଜମାତାରୁ ଲୋକମାତା ଆସନକୁ ଶ୍ରେୟ ମଣିଥିବା ଏଭଳି ଜଣେ ମହିଳାଙ୍କ ନେତୃତ୍ୱ ଓ କର୍ତ୍ତୃତ୍ୱ ଆଜି ଆମ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

**ଆଡଭୋକେଟ, ଖଟବିନସାହି, କଟକ**
**ମୋ-୯୪୩୭୦୧୬୩୮୪**

# ଅସାମାଜିକ ତତ୍ତ୍ୱ କ'ଣ ଆମ ଆଦର୍ଶ



**ଗୋପାଳ ମହାପାତ୍ର**

ଭାରତ ବର୍ଷ ଏକଦା ବିଶ୍ୱଗୁରୁ ଥିଲା ବୋଲି କହି ଆମେ ନିଜକୁ ଗର୍ବିତ ଅନୁଭବ କରୁଛେ। ବିଗତ ଦଶନ୍ଧି ଧରି ଏକଥାକୁ ନେଇ ଚର୍ଚ୍ଚା ଅଧିକ ଜୋର ଧରିଛି ଏବଂ କୁହାଯାଉଛି ଯେ ଭାରତବର୍ଷ ପୁନଃ ବିଶ୍ୱ ଗୁରୁ ହେବାକୁ ଯାଉଛି। କିନ୍ତୁ ଦେଶ ଶହଶହ ବର୍ଷ ପୂର୍ବେ ବିଶ୍ୱଗୁରୁ ଥିଲା ବୋଲି କୁହାଯାଉଥିବା ସମୟ ଏବଂ ଏବେ ବିଶ୍ୱଗୁରୁ ହେବା ପାଇଁ ଯେଉଁ ପ୍ରସ୍ତୁତି ଚାଲିଛି ସେ ସମୟ ଭିତରେ ଅନେକ ପାର୍ଥକ୍ୟ ରହିଛି। ପୂର୍ବେ ବିଶ୍ୱଗୁରୁ ଭାରତରେ ଯେଉଁ ଆଦର୍ଶର କଥା ଥିଲା, ଆମର ପ୍ରେରଣାସ୍ରୋତ, ଆମର ମାର୍ଗ ଦର୍ଶକ ନିଶ୍ଚିତ ରୂପରେ ଅନେକ ମହାପୁରୁଷ ହୁଏତ ଥିଲେ ଯେଉଁମାନେ ଆମକୁ ଆଦର୍ଶ ଜୀବନ ଯାପନ କରିବା, ଚରିତ୍ରବାନ୍ ହେବା, ମାନବୀୟ ମୂଲ୍ୟକୁ ପାଳନ କରିବା, ସଦ୍‌ଭାବ, ସହଯୋଗ, ସହାୟତା ଭଳି ମୂଲ୍ୟକୁ ଆପଣେଇବା ପାଇଁ ପ୍ରେରଣା ଦେଇଥିବେ। ଆମର ଅନେକ ଧାର୍ମିକ ଗ୍ରନ୍ଥରେ ମଧ୍ୟ ଏହି ଭଳି ଧାର୍ମିକ, ସାମାଜିକ ଓ ମାନବୀୟ ଶିକ୍ଷା ଓ ନିର୍ଦ୍ଦେଶ ଭରି ହୋଇ ରହିଛି। ଆମ ଦେଶର ଇତିହାସରେ ଅନେକ ବଳିଦାନ, ତ୍ୟାଗୀ, ତପସ୍ୱୀ, ଋଷି, ମୁନୀ, ସନ୍ଥ ଏବଂ ପୀର-ଫକୀରଙ୍କ ଆଦର୍ଶ ଉଲ୍ଲେଖ ରହିଛି ଯେଉଁମାନେ ସେମାନଙ୍କ ଆଚରଣରେ କେବଳ ଦେଶ ନୁହେଁ ପୁରା ଦୁନିଆକୁ ମାର୍ଗ ଦର୍ଶନ ଦେଇଥିଲେ। କିନ୍ତୁ ଯେତେବେଳେ "ଭାରତ ପୁଣିଥରେ ବିଶ୍ୱଗୁରୁ ହେବାକୁ ଯାଉଛି ବୋଲି ଚର୍ଚ୍ଚାଚାଲିଛି ଠିକ୍ ସେହି ସମୟରେ 'ବିଶ୍ୱଗୁରୁ ପାର୍ଟ-୨'" ସମୟରେ ଆମେ ଆଜିର ଆଦର୍ଶ, ପ୍ରେରଣା ସ୍ରୋତ ଏବଂ ମାର୍ଗଦର୍ଶକଙ୍କ ଉପରେ ନଜର ପକାଇଲେ ଅନ୍ୟ କିଛି ଦୃଷ୍ୟ ଦେଖିବାକୁ ମିଳିଥାଏ। ପୂର୍ବେ ଯେଭଳି ପ୍ରେରଣାସ୍ରୋତ ମହାପୁରଷ ଥିଲେ ସେଭଳି ମହାପୁରୁଷଙ୍କ ବାବଦରେ ଏବେର ସମୟରେ କଳ୍ପନା କରାଯାଇ ପାରିବ ନାହିଁ। କିନ୍ତୁ ତାଠାରୁ ବଡ଼ ଦୁଃଖଦ ଘଟଣା ହେଉଛି ଆଜିର ସମାଜର ଏକ ବଡ଼ ବର୍ଗ ବିଶେଷକରି ଯୁବବର୍ଗ ଏମିତି ବ୍ୟକ୍ତିଙ୍କୁ ନିଜର ଆଦର୍ଶ ବୋଲି ମାନୁଛନ୍ତି ବା ଏମିତି ଲୋକଙ୍କୁ ନିଜର ପ୍ରେରଣାର ସ୍ରୋତ ବୋଲି ଭାବୁଛନ୍ତି ଯେଉଁମାନେ ଅପରାଧି, ହତ୍ୟାକାରୀ, ବଳାତ୍କାରୀ, ଗୁଣ୍ଡା, ମଦ୍ୟପ ପ୍ରବୃତ୍ତିର ଅଟନ୍ତି। ଏହାଠାରୁ ବଡ଼ ଦୁର୍ଭାଗ୍ୟ ହେଉଛି ଆଜିର ସମାଜ ଭଲ- ମନ୍ଦ ବା ପକ୍ଷ- ବିପକ୍ଷ କଥା କହିବା ପୂର୍ବରୁ ଧର୍ମ, ସମ୍ପ୍ରଦାୟ ଓ ଜାତି କଥାକୁ ନେଇ ନିର୍ଣ୍ଣୟ ନେଇଥାଏ।

ବିଗତ ଏକ ଦଶନ୍ଧିରେ ଭାରତବର୍ଷରେ ଏମିତି ଶହେରୁ ଅଧିକ ଉଦାହରଣ ରହିଛି ଯେଉଁସବୁ ଉଦାହରଣରୁ ସ୍ପଷ୍ଟ ଯେ ଲୋକେ ଏପରିକି ଶାସକ ମଧ୍ୟ ହତ୍ୟାକାରୀ, ବଳାତ୍କାରୀଙ୍କୁ ମହିମାମଣ୍ଡନ କରୁଛନ୍ତି। ବଳାତ୍କାରୀ ଏପରିକି ଗଣବଳାତ୍କାରୀଙ୍କୁ ସମ୍ମାନିତ କରାଯାଉଛି, କେତେକ ରାଜ୍ୟ ସରକାର ଏଭଳି ଅପରାଧରେ ଲିପ୍ତ ଅପରାଧିଙ୍କୁ ଜେଲରୁ ମୁକୁଳାଇ ଦେଉଛନ୍ତି। ଅପରାଧିଙ୍କୁ ଚରିତ୍ରବାନ ର ଆଖ୍ୟା ଦିଆଯାଉଛି। ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ବଳାତ୍କାର ଓ ଗଣହତ୍ୟା ଭଳି ଅପରାଧରେ ଦୋଷୀଙ୍କୁ ଆବଶ୍ୟକତାଠାରୁ ଅଧିକ ବାର ଜେଲରୁ ପେରୋଲରେ ବାହାର କରାଯାଉଛି। ସମ୍ବେଦନଶୀଳ କଥା ହେଉଛି ଧର୍ମ ଆଧାରରେ ଜାମ୍ମୁକାଶ୍ମୀରର କଠୁଆର ଏକ ୮ ବର୍ଷର ନିଷ୍ପାପ ଶିଶୁକନ୍ୟାଙ୍କୁ ସାମୁହିକ ବଳାତ୍କାର କରିବା ସହ ତାର ହତ୍ୟା କରାଯାଇ ଶବକୁ ଜଙ୍ଗଲରେ ଫୋପାଡି ଦେଇଥିବା ଲୋକଙ୍କ ସମର୍ଥନରେ ଜାମ୍ମୁ-କାଶ୍ମୀର ସରକାରର ମନ୍ତ୍ରୀ ଓ ବିଧାୟକ ଏପରିକି ପାର୍ଟି କାର୍ଯ୍ୟକର୍ତ୍ତା ଶୋଭା ଯାତ୍ରା ବାହାର କରିବା, ଧାରଣା ଦେବା ଓ ତ୍ରିରଙ୍ଗା ଯାତ୍ର କରିବା ଭଳି ଘଟଣା ଘଟିଛି।

ଏବେ ଅପରାଧ ପୂର୍ଣ୍ଣ ପ୍ରବୃତ୍ତିରେ ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳୁଛି। ଅପରାଧି ଓ ଆତଙ୍କବାଦୀ ଏପରିକି ଗାଙ୍ଗଷ୍ଟାରଙ୍କୁ ମଧ୍ୟ ମହିମାମଣ୍ଡନ କରାଯାଉଛି। ଯେଉଁମାନେ ଦେଶ ତଥା ବିଦେଶରେ ଅପରାଧର ର୍‌ୟାକେଟ୍ ଚଳାଉଛନ୍ତି ସେମାନେ ନିଜର ଧର୍ମ ଓ ଜାତିର ଚାଦର ଘୋଡ଼େଇହୋଇ ନିଜକୁ ସମାଜର ଆଦର୍ଶ ପୁରୁଷ ଓ ପ୍ରେରଣାସ୍ରୋତ ଭାବେ ନିଜକୁ ସ୍ଥାପିତ କରିବାରେ ସକ୍ଷମ ହୋଇ ପାରୁଛନ୍ତି। ମଜାଦାର କଥା ହେଉଛି ଏହିଭଳି ଅପରାଧି ମାନଙ୍କୁ ଆମ ସମାଜ ଏପରିକି ରାଜନେତା ମାନଙ୍କର ସମର୍ଥନ ମିଳିବାରେ ଲାଗିଛି। ଏଭଳି ସ୍ଥିତି ଅଚାନକ ଭାବେ ସୃଷ୍ଟି ହୋଇନାହିଁ ବରଂ ରାଜନେତା ମାନଙ୍କ ସମର୍ଥନ ହାସଲ କାରଣରୁ ସାମ୍ପ୍ରଦାୟିକ ଓ ଜାତିବାଦୀ ତତ୍ତ୍ୱ ମାନଙ୍କ ଦ୍ୱାରା ଧିରେ ଧିରେ ଦେଶର ପରିବେଶ ବଦଳିବାରେ ଲାଗିଛି। ମହାପୁରୁଷଙ୍କ ଅଭାବରେ ବର୍ତ୍ତମାନର ସମୟରେ ଏବେ ହତ୍ୟାକାରୀ, ବଳାତ୍କାରୀ, ଗୁଣ୍ଡା ଓ ମଦ୍ୟପ ମାନଙ୍କୁ ଲୋକେ ନିଜର ଆଦର୍ଶ ବୋଲି ଗ୍ରହଣ କରିନେଉଛନ୍ତି। ସ୍ପଷ୍ଟ ଶବ୍ଦରେ ଏମାନଙ୍କ ଚରିତ୍ର ଏମାନଙ୍କ ଅପରାଧରେ ନୁହେଁ ବରଂ ଧର୍ମ ଓ ଜାତି ଅନୁସାରେ ସ୍ଥିର କରାଯାଉଛି।

ସତ କହିବାକୁ ଗଲେ ଏହି ସ୍ଥିତି ଭାରତବର୍ଷରେ ଦିନା ନା ଦିନେ ସୃଷ୍ଟି ହେବାର ହିଁ ଥିଲା। ଯେତେବେଳେ ମହାତ୍ମା ଗାନ୍ଧୀଙ୍କୁ ସ୍ୱାଧିନ ଭାତତରେ ହତ୍ୟା କରାଯାଇଥିଲା ଓ ହତ୍ୟାକାରୀ ନାଥୁରାମ ଗୋଡ଼ସେକୁ ସମର୍ଥନ କରିବା ପାଇଁ ଏକ ବର୍ଗ ବିଶେଷ ନାଥୁରାମ ସପକ୍ଷରେ ଠିଆ ହୋଇଥିଲେ ସେତେବେଳ ଠାରୁ ଭାରତବର୍ଷରେ ଅପରାଧିଙ୍କୁ ସମର୍ଥନ କରିବାର ମାନସିକତା ବଢ଼ିବାରେ ଲାଗିଛି। ସେଇ ମାନସିକତାର ଲୋକେ ଗାନ୍ଧୀଙ୍କୁ ଅପମାନିତ କରୁଛନ୍ତି ଓ ହତ୍ୟାକାରୀ ଗୋଡ଼ସେର ମହିମା ମଣ୍ଡନ କରୁଛନ୍ତି। କଠୁଆରେ ୮ ବର୍ଷିଆ ଆସିଫାର ବଳାତ୍କାରୀ ଓ ହତ୍ୟାକାରୀ ହୁଅନ୍ତୁ ବା ରାଜସ୍ଥାନର ହତ୍ୟାକାରୀ ଶମ୍ଭୁରା ଗୋର ହେଉ ଅଥବା ଗୁଜୁରାଟର ବିଲକିସ ବାନୋଙ୍କ ଭଳି ଶହଶହ ଉଦାହରଣ ରହିଛି ଯେଉଁ ସବୁ ଉଦାହରଣ ଆମକୁ ଚିନ୍ତା କରିବା ପାଇଁ ବାଧ୍ୟ କରୁଛି ଯେ କ'ଣ ଆମର ଆଦର୍ଶ ହତ୍ୟାକାରୀ, ବଳାତ୍କାରୀ, ଗୁଣ୍ଡା, ମଦ୍ୟପ ଓ ଗ୍ୟାଙ୍ଗଷ୍ଟାର ହିଁ ରହିଯାଇଛନ୍ତି? କ'ଣ ଭାରତବର୍ଷ ଏବେ ଅସାମାଜିକ ତତ୍ତ୍ୱଙ୍କ ଠାରୁ ପ୍ରେରଣା ନେଇ ବିଶ୍ୱଗୁରୁ ପାର୍ଟ-୨ ହେବାପାଇଁ ପ୍ରସ୍ତୁତ ହେଉଛି।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ବୁଲ୍‌ଡୋଜର ନ୍ୟାୟକୁ ସୁପ୍ରିମକୋର୍ଟଙ୍କ ବାରଣ

## କାର୍ଯ୍ୟନିର୍ବାହୀର ଦଣ୍ଡ ବିଧାନ କ୍ଷମତା ନାହିଁ

**ନୂଆଦିଲ୍ଲୀ, ୧୩।୧୧:** ବୁଲଡୋଜର ଲଗାଇ ଜଣେ ଅଭିଯୁକ୍ତଙ୍କ ଘର ବା ଅନ୍ୟ ସ୍ଥାବର ସମ୍ପତ୍ତିକୁ ନଷ୍ଟ କରିବାର ଅଧିକାର ଶାସକ ବା କାର୍ଯ୍ୟନିର୍ବାହୀଙ୍କ କ୍ଷମତା ପରିସରଭୁକ୍ତ ନୁହେଁ। କେବଳ କୋର୍ଟ ଏଥିପାଇଁ ନିଷ୍ପତ୍ତି ନେଇପାରିବେ। ସୁପ୍ରିମକୋର୍ଟଙ୍କ ତାଗିଦ ସତ୍ତ୍ୱେ ଯିଏ ଏଭଳି କାର୍ଯ୍ୟ କରିବେ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଲାଗିବ ଏବଂ ଭାଙ୍ଗି ଦିଆଯାଇଥିବା ସମ୍ପତ୍ତିର ମୂଲ୍ୟ ତାଙ୍କ ଦରମାରୁ କାଟି ଭରଣା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଜଷ୍ଟିସ ବି ଆର ଗଭାଇ ଏବଂ ଜଷ୍ଟିସ କେ ଭି ବିଶ୍ୱନାଥନଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ବୁଧବାର ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ କରି କହିଛନ୍ତି ଯେ, ଜଣଙ୍କର ଭୁଲ ପାଇଁ ପୁରା ପରିବାରକୁ ଦଣ୍ଡିତ କରାଯାଇପାରିବ ନାହିଁ। ଏହା ଭାରତୀୟ ନ୍ୟାୟ ବ୍ୟବସ୍ଥା ନୁହେଁ। ଶାସନ ବ୍ୟବସ୍ଥାରେ ଦଣ୍ଡବିଧାନ କ୍ଷମତା ନାହିଁ। କେବଳ ଅଦାଲତଙ୍କ ନିର୍ଦ୍ଦେଶକୁ କାର୍ଯ୍ୟନିର୍ବାହୀ ବା ପ୍ରଶାସନ କାର୍ଯ୍ୟକାରୀ କରିପାରିବ। ଦେଶର କେତେକ ରାଜ୍ୟରେ ଏଭଳି ଘଟଣା ଘଟିଥିବାର ଅଭିଯୋଗ ଆସିଛି। ୟୁପି, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଅନେକ ମାଫିଆଙ୍କ ଘର ଭଙ୍ଗାଯିବା



ଅଭିଯୋଗ ଆସିଛି। ଜଷ୍ଟି ଗଭାଇ କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତିର ସ୍ୱପ୍ନ ଥାଏ ଯେ, ଏହା ନିଜ ଜୀବନ କାଳରେ ନିଜର ଏକ ଘର ତିଆରି କରିବ। ଏହା ଜଣଙ୍କର ନୁହେଁ, ପୁରା ପରିବାରର ଆକାଂକ୍ଷା ଏବଂ ସ୍ୱପ୍ନ ଏବଂ ସୁରକ୍ଷାର ଆଧାର। ଏହାକୁ ବିନା ବିଚାରରେ ବୁଲଡୋଜର ଲଗାଇ ଭାଙ୍ଗିଦେବା ନ୍ୟାୟ ନୁହେଁ। ପ୍ରଶାସନ କାହା ମୁଣ୍ଡ ଉପରୁ ଛାତ ହଟାଇପାରିବ ନାହିଁ। ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଇନର ଶାସନ ଚାଲେ। ଏହାକୁ କେହି ଅବମାନନା କରିପାରିବେ ନାହିଁ। ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ଅନେକ ଥର ବୁଲଡୋଜର ନ୍ୟାୟକୁ ବାରଣ କରିଛନ୍ତି। ଏହା ସତ୍ତ୍ୱେ କେତେକ ସ୍ଥାନରେ ଏଭଳି କାର୍ଯ୍ୟ ହେଉଛି। ଏହାକୁ ସୁପ୍ରିମକୋର୍ଟ ଗୁରୁତ୍ୱର ସହ ନେଇ ଏଥିପାଇଁ କଠିନ ଦଣ୍ଡ ବିଧାନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏଥିପାଇଁ କାହାରିକୁ ଉତ୍ତରଦାୟୀ କରାଯିବା ଉଚିତ ଏବଂ ଯିଏ ଏଥିପାଇଁ ଉତ୍ତରଦାୟୀ ହେବେ ତାଙ୍କଠାରୁ ଜରିମାନ ବା କ୍ଷତିପୂରଣ ଆଦାୟ କରାଯିବ। ଜଣେ ଅପରାଧୀଙ୍କ ପାଇଁ ପୁରା ପରିବାରକୁ ଦଣ୍ଡିତ କରାଯାଇପାରିବ ନାହିଁ। ଏପରିକି ବେଆଇନ ଭାବେ ଗର ନିର୍ମାଣ ହୋଇଥିଲେ ମଧ୍ୟ ଏହାକୁ ଭାଙ୍ଗିବା ପାଇଁ କୋର୍ଟଙ୍କ ଅନୁମତି ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବୁଲଡୋଜର ଜଷ୍ଟିସ ଅନ୍ୟାୟ। ଏଥିଲାଗି ସାମୁହିକ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶକୁ ସ୍ୱାଗତ କରି ସମାଜବାଦୀ ପାର୍ଟୀର ନେତା ଅଖିଳେଶ ଯାଦବ କହିଛନ୍ତି ଯେ, ୟୁପିରେ ଯୋଗୀ ସରକାର ଯାହା କରିଛନ୍ତି ତାହା ବେଆଇନ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏବେ ୟୁପିରେ ବୁଲଡୋଜରସବୁ ଗ୍ୟାରେଜରେ ରହିବ ବୋଲି ସେ କହିଛନ୍ତି।

# କ୍ୟାନସର୍ ଆକ୍ରାନ୍ତ ମା' ପାଇଁ ଡାକ୍ତରଙ୍କୁ ଛୁରି ଭୁସିଲା ପୁଅ

**ଚେନ୍ନାଇ, ୧୩।୧୧:** କ୍ୟାନସର ୱାର୍ଡରେ ବୁଲିଲା ଛୁରୀ। କ୍ୟାନ୍‌ସର ୱାର୍ଡରେ ମା'ର ଚିକିତ୍ସା ଚାଲିଥିବା ବେଳେ ଡାକ୍ତରଙ୍କୁ ଆଖିବୁଜା ଛୁରାମାଡ଼ କଲା ପୁଅ। ବୁଧବାର ତାମିଲନାଡୁର ଚେନ୍ନାଇର କାଲାଇଗାର୍ ସେଞ୍ଚୁରୀ ହସ୍ପିଟାଲରେ ଘଟିଛି ଏଭଳି କିଛି ଘଟଣା। ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟ ଛୁରାମାଡ଼ କରିଛନ୍ତି। ଏହି ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଆଜି ସକାଳେ ବିଘ୍ନେଶ ନାମକ ଜଣେ ବ୍ୟକ୍ତି ନିଜ ତିନି ଜଣ ସାଙ୍ଗ ସହ ମିଶି ରୋଗୀ ସାଜି ଡାକ୍ତରଙ୍କ ପାଖକୁ ଆସିଥିଲେ। କ୍ୟାନ୍‌ସର ୱାର୍ଡରେ ଡ୍ୟୁଟିରେ ଥିବା ଡାକ୍ତର ବାଲାଜୀ ଜଗନ୍ନାଥଙ୍କ ପାଖକୁ ଯାଇଥିଲେ। ତେବେ କିଛି ବୁଝିବା ପୂର୍ବରୁ ସେ ଡାକ୍ତରଙ୍କୁ ଛୁରୀରେ ଆଖିବୁଜା ଆକ୍ରମଣ କରିଥିଲେ। ତାଙ୍କ ଉପରକୁ ସେ ୭ ଥର ଛୁରାମାଡ଼ କରିଥିଲେ। ଏଥିରେ ଡକ୍ଟର ବାଲାଜୀ ଗୁରୁତର ହୋଇପଡିଛନ୍ତି। ସେପଟେ ଘଟଣା ପରେ ବିଘ୍ନେଶ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ହସ୍ପିଟାଲ କର୍ମଚାରୀମାନେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ତାଙ୍କ ସହ ଥିବା ଅନ୍ୟ ଦୁଇ ଜଣଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ପୁଲିସ କହିବା ମୁତାବକ, ଉକ୍ତ ହସ୍ପିଟାଲରେ ବିଘ୍ନେଶଙ୍କ ମା' ଚିକିତ୍ସିତ ହେଉଛନ୍ତି। କ୍ୟାନସର ୱାର୍ଡରେ ତାଙ୍କ ଚିକିତ୍ସା ଚାଲିଛି। ତେବେ ଡାକ୍ତର ତାଙ୍କ କ୍ୟାନସର ପୀଡିତ ମା'ଙ୍କୁ ଭୁଲ୍ ଔଷଧ ଦେବା ସହ ଚିକିତ୍ସାରେ ଅବହେଳା କରିଥିବା ବିଘ୍ନେଶ ଅଭିଯୋଗ ଆଣିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ କହିଛନ୍ତି ଯେ, ଡାକ୍ତରଙ୍କ ବେକ, ପେଟ ଓ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କର ସର୍ଜରୀ କରାଯାଇଛି। ବର୍ତ୍ତମାନ ତାଙ୍କ ସ୍ଥିର ଅଛି। ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେପଟେ ଏହି ଘଟଣା ପରେ ହସ୍ପିଟାଲରେ ଅନ୍ୟ ଡାକ୍ତରଙ୍କ ମଧ୍ୟରେ ଆକ୍ରୋଷ ଦେଖିବାକୁ ମିଳିଛି। ସର୍ଭିସ ଏବଂ ପିଜି ଡାକ୍ତର ସଂଘ ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଡାକ୍ତରଖାନାରେ ଡାକ୍ତରମାନେ ଧର୍ମଘଟ କରିବାକୁ ଘୋଷଣା କରିଛନ୍ତି। କିନ୍ତୁ ଜରୁରୀକାଳୀନ ସେବା ଜାରି ରହିଛି।

# ପାଦ ଛୁଇଁବାକୁ ଗଲେ ନୀତୀଶ, ହାତ ଧରିପକାଇଲେ ମୋଦି




**ପାଟନା, ୧୩।୧୧:** ପୁଣିଥରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁବାକୁ ଗଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର। ବିହାରର ଦରଭଙ୍ଗାଠାରେ ରାଜ୍ୟର ଦ୍ୱିତୀୟ ଏମ୍ସର ଶିଳାନ୍ୟାସ ସମୟରେ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁବାକୁ ଯାଇଥିଲେ ନୀତୀଶ କୁମାର। ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ସମେତ ଜେଡିୟୁ ଓ ବିଜେପିର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ। ରାଜ୍ୟରେ ଦ୍ୱିତୀୟ ଏମ୍ସର ଶିଳାନ୍ୟାସରେ ଅତ୍ୟଧିକ ଖୁସି ହୋଇ ନୀତୀଶ ସିଧା ଯାଇ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଥିଲେ। ଏହି ସମୟର ଭିଡିଓ ଏବେ ସୋଶାଲ ମିଡିଆରେ ଖୁବ ଭାଇରାଲ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବିହାରରେ ଦ୍ୱିତୀୟ ଏମ୍ସ (AIIMS)ର ଶିଳାନ୍ୟାସ କରିଛନ୍ତି। ଦରଭଙ୍ଗାଠାରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ରାଜ୍ୟରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ହେଉଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଜ ଭାଷଣରେ ଦୀର୍ଘ ସମୟ ଧରି ପ୍ରଶଂସା କରିଥିଲେ ମୁଖ୍ୟମନ୍ତ୍ରୀ ନୀତୀଶ। ଏହାପରେ ଭାଷଣ ଶେଷ କରିବା ପରେ ସେ ନିଜ ଆସନକୁ ଫେରୁଥିଲେ। ଏହି ସମୟରେ ନୀତୀଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଆସି ତାଙ୍କ ପାଦ ଛୁଇଁବାକୁ ଯାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ସଙ୍ଗେ ସଙ୍ଗେ ଛିଡ଼ା ହୋଇ ନୀତୀଶ କୁମାରଙ୍କ ଦୁଇ ହାତ ଧରି ଅଭିବାଦନ ଜଣାଇଥିଲେ। ଏହି ଦୃଶ୍ୟ ଦେଖି ମଞ୍ଚରେ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକମାନେ ହସିବା ସହ ଜୋରରେ କରତାଳି ଦେଇଥିଲେ। କେବଳ ଏତିକି ନୁହେଁ, ପ୍ରଧାନମନ୍ତ୍ରୀ ମୋଦିଙ୍କୁ ପ୍ରଶଂସା ସମୟରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନୀତୀଶ ନିଜ ଭାଷଣରେ ଉଦଘାଟନ ବୋଲି ମଧ୍ୟ କହିଦେଇଥିଲେ। ଉଲ୍ଲେଖଯୋଗ୍ୟ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଦ ଛୁଇଁବାର ଏହା ପ୍ରଥମ ଦୃଶ୍ୟ ନୁହେଁ, ଏହା ପୂର୍ବରୁ ମଧ୍ୟ ଏକାଧିକ ଥର ନୀତୀଶ କୁମାର ବିଭିନ୍ନ ସଭା ମଞ୍ଚରେ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଥିବା ଦେଖିବାକୁ ମିଳିଛି।

# ଶରଦ ପାୱାରଙ୍କ ଫଟୋ ବ୍ୟବହାର କରିପାରିବେନି ଅଜିତ ଗୋଷ୍ଠୀ



**ମୁମ୍ବାଇ, ୧୩।୧୧:** ମହାରାଷ୍ଟ୍ରରେ ଆସନ୍ତା ସପ୍ତାହରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟିକୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଚାର ସମୟରେ ପାର୍ଟି ପ୍ରତିଷ୍ଠାତା ଶରଦ ପାୱାରଙ୍କ ଫଟୋ କିମ୍ବା ଭିଡିଓ ବ୍ୟବହାର ନକରିବାକୁ ଅଜିତ ପାୱାରଙ୍କ ଗୋଷ୍ଠୀକୁ ବୁଧବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅବିଭାଜିତ ଏନସିପିର 'ଘଡ଼ି' ଚିହ୍ନ ଉପରେ ଶୁଣାଣି ସମୟରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି ଯେ କୋର୍ଟକୁ ଭୁଲିଯାଅ, ନିର୍ବାଚନରେ ଧ୍ୟାନ ଦିଅ। ଅଦାଲତକୁ ତୁଚ୍ଛ ପ୍ରସଙ୍ଗ ଆଣ ନାହିଁ। ଏବେ ନିର୍ବାଚନରେ ଲୋକଙ୍କୁ ସେମାନଙ୍କ ନିଷ୍ପତ୍ତି ନେବାକୁ ଦିଅ। 'ଘଡ଼ି' ଚିହ୍ନ ବ୍ୟବହାରକୁ ନେଇ ଅଜିତ ପାୱାର ଶିବିରରୁ ଦିଆଯାଇଥିବା ସତ୍ୟପାଠକୁ ମଧ୍ୟ ସୁପ୍ରିମକୋର୍ଟ ରେକର୍ଡକୁ ନେଇଛନ୍ତି। ସୁପ୍ରିମକୋର୍ଟ ଅଜିତ ପାୱାରଙ୍କୁ କହିଛନ୍ତି ଯେ, ଥରେ ଆପଣ ଶରଦ ପାୱାରଙ୍କଠାରୁ ଅଲଗା ହୋଇଗଲେ, ଏବେ ତାଙ୍କ ନାମ, ଫଟୋ କିମ୍ବା ଭିଡିଓ ବ୍ୟବହାର କରିବା ବନ୍ଦ କରନ୍ତୁ। ବର୍ତ୍ତମାନ ନିଜ ଗୋଡ଼ରେ ଛିଡ଼ା ହେବା ଶିଖନ୍ତୁ।

ଆଜିର ଶୁଣାଣି ପୂର୍ବରୁ ଅଜିତ ପାୱାର ସୁପ୍ରିମକୋର୍ଟରେ ଏକ ଅନୁପାଳନ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ କୋର୍ଟଙ୍କ ପୂର୍ବ ନିର୍ଦ୍ଦେଶାନୁସାରେ 'ଘଡ଼ି' ଚିହ୍ନ ବ୍ୟବହାରକୁ ନେଇ ସେ ଖବରକାଗଜରେ ସ୍ପଷ୍ଟୀକରଣ ପ୍ରକାଶ କରିଥିବା ଦର୍ଶାଇଛନ୍ତି। ଯାହା ୭ ମରାଠୀ, ୨ ହିନ୍ଦୀ ଏବଂ ୨ ଇଂରାଜୀ ଖବରକାଗଜରେ ପ୍ରକାଶିତ ହୋଇଛି। ଗତ ଶୁଣାଣିରେ ସୁପ୍ରିମକୋର୍ଟ ଅଜିତ ପାୱାରଙ୍କୁ କହିଥିଲେ ଯେ ଉଲ୍ଲଂଘନ କୋର୍ଟର ଅବମାନନା ହେବ। ଯେଉଁଥିପାଇଁ ୩୬ ଘଣ୍ଟାର ଅଲ୍ଟିମେଟମ୍ ଜାରି କରାଯାଇଥିଲା। ପ୍ରକାଶ ଯୋଗ୍ୟ, ପ୍ରଚାର ଅଭିଯାନ ସହିତ ଜଡିତ ପ୍ରତ୍ୟେକ ପାମ୍ଫଲେଟ୍, ବିଜ୍ଞାପନ, ଅଡିଓ କିମ୍ବା ଭିଡିଓ କ୍ଲିପରେ ଏକ ସ୍ପଷ୍ଟୀକରଣ ଅନ୍ତର୍ଭୁକ୍ତ କରିବା ପାଇଁ ସୁପ୍ରିମକୋର୍ଟ ଅଜିତ ପାୱାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। 'ଘଡ଼ି' ନିର୍ବାଚନୀ ଚିହ୍ନ ମାମଲା କୋର୍ଟରେ ବିଚାରାଧୀନ ଅଛି, ସେ ଏହାକୁ ଅଧିକ ବ୍ୟବହାର କରିବାକୁ ସକ୍ଷମ ହେବେ କି ନାହିଁ ତାହା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ସ୍ଥିର ହେବ ବୋଲି ଏକ ଘୋଷଣା ସମସ୍ତ ପ୍ରକାର ନିର୍ବାଚନୀ ପ୍ରଚାରରେ ଅନ୍ତର୍ଭୁକ୍ତ କରିବାକୁ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଜିତ ପାୱାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାଁନ୍ତି ବୋଲି ଶରଦ ପାୱାର ଗୋଷ୍ଠୀ ଅଭିଯୋଗ କରିବା ପରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛି ଅଜିତ ଗୋଷ୍ଠୀ।

# ଇନ୍ଦିରା ସ୍ୱର୍ଗରୁ ଫେରି ଆସିଲେ ବି ୩୭୦ ଲାଗୁ କରିପାରିବେ ନାହିଁ



**ମୁମ୍ବାଇ, ୧୩।୧୧:** ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ଚୂଡ଼ାନ୍ତ ଏବଂ ଏହା ଏବେ ଇତିହାସ। ଭାରତରେ ଜାମ୍ମୁ-କାଶ୍ମୀରର ମିଶ୍ରଣ ଚୂଡ଼ାନ୍ତ। ଆଉ କେହି ବି ଧାରା ୩୭୦କୁ ପୁନର୍ବାର କାର୍ଯ୍ୟକାରୀ କରିପାରିବେ ନାହିଁ। ଏପରିକି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ମଧ୍ୟ ସ୍ୱର୍ଗରୁ ଫେରିଆସିଲେ ବି ଏହାକୁ ପୁନର୍ବାର ଲାଗୁ କରିପାରିବେ ନାହିଁ ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହା। ବୁଧବାର ମହାରାଷ୍ଟ୍ରର ଧୁଲେରେ ଏକ ନିର୍ବାଚନୀ ସଭାରେ ଉଦବୋଧନ ଦେଇ ଶାହା କହିଛନ୍ତି ଯେ, ଧାରା ୩୭୦ ଉଚ୍ଛେଦ ଲାଗି ବିଜେପି ଦୀର୍ଘ ୭୦ ବର୍ଷ ହେବ ସଂଗ୍ରାମ କରିଆସୁଥିଲା। ଶେଷରେ ଏହାକୁ ଆମେ ସବୁଦିନ ପାଇଁ ଉଚ୍ଛେଦ କରିବାରେ ସକ୍ଷମ ହୋଇଛୁ। ଏହାକୁ ଆଉ କେହି ବି ପୁନର୍ଜୀବିତ କରିପାରିବେ ନାହିଁ। ଏହି ଧାରା ଅନୁଯାୟୀ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟର ମାନ୍ୟତା ମିଳିଥିଲା। ଏହା ଉଚ୍ଛେଦ ହେବା ପରେ ଜାମ୍ମୁ-କାଶ୍ମୀର ଭାରତର ଅନ୍ୟ ରାଜ୍ୟ ସହ ସମାନ ହୋଇଛି। ଏବେ ଅନ୍ୟ ରାଜ୍ୟର ଲୋକେ ଜାମ୍ମୁ-କାଶ୍ମୀରରେ ସ୍ଥାୟୀ ଭାବେ ବସବାସ କରିପାରିବେ। ଶାହା କହିଥିଲେ ଯେ, ସୋନିଆ-ମନମୋହନଙ୍କ ୧୦ ବର୍ଷର ଶାସନ କାଳରେ ଆତଙ୍କବାଦୀମାନେ ପାକିସ୍ତାନରୁ ଆରାମରେ ଜାମ୍ମୁ-କାଶ୍ମୀରରେ ଅନୁପ୍ରବେଶ କରି ହିଂସା କରୁଥିଲେ। ଏବେ ଯେ କେହି ନିର୍ଭୟରେ ଶ୍ରୀନଗର ଯାଇ ଫେରିପାରିବେ।

ମହାରାଷ୍ଟ୍ରରେ କଂଗ୍ରେସ ନେତୃତ୍ୱାଧିନ ମହାଅଗାଡ଼ିକୁ ସମାଲୋଚନା କରି ଶାହା ସେମାନଙ୍କୁ ଆଉରଙ୍ଗଜେବ ଫ୍ୟାନ କ୍ଲବ ଭାବେ ବର୍ଣ୍ଣନା କରିଥିଲେ। ରାହୁଲ ଗାନ୍ଧିଙ୍କୁ ଟାର୍ଗେଟ କରି ସେ କହିଥିଲେ ଯେ, କଂଗ୍ରେସ ମୁସଲମାନ ସମ୍ପ୍ରଦାୟକୁ ସଂରକ୍ଷଣ ସୁବିଧା ପ୍ରଦାନ କରିବାକୁ ଚିନ୍ତା କରୁଛି। କିଛି ଦିନ ତଳେ ଜଣେ ମୁସଲମାନ ଧର୍ମର ନେତା ରାହୁଲଙ୍କୁ ଭେଟି ସେମାନଙ୍କୁ ମଧ୍ୟ ସଂରକ୍ଷଣ ସୁବିଧା ମିଳୁ ବୋଲି କହିଥିଲେ। ଶିବସେନା ନେତା ଉଦ୍ଧବ ଠାକରେଙ୍କୁ ସମାଲୋଚନା କରି ସେ କହିଥିଲେ ଯେ, ଶିବସେନାର ପ୍ରତିଷ୍ଠାତା ବାଲା ସାହେବ ଠାକରେଙ୍କ ନୀତି ଓ ଆଦର୍ଶକୁ ଉଦ୍ଧବ ଭୁଲି ଯାଇଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ, ଗତ ସପ୍ତାହରେ ଜାମ୍ମୁ-କାଶ୍ମୀର ବିଧାନସଭାର ପ୍ରଥମ ଅଧିବେଶନରେ ଏହି ପ୍ରସଙ୍ଗକୁ ନେଇ ତୁମୁଳ ହଟ୍ଟଗୋଳ ହୋଇଥିଲା। ଶାସକ ନ୍ୟାସନାଲ କନଫରେନ୍ସ ଓ ପିଡିପିର ବିଧାୟକମାନେ ଧାରା ୩୭୦ ଉଚ୍ଛେଦ ପ୍ରତିବାଦରେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ବିଜେପି ସଭ୍ୟମାନେ ଏହାର ପ୍ରତିବାଦ କରିଥିଲେ। ଫଳରେ ବିଧାନସଭାରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ୩୭୦କୁ ପୁନର୍ବାର କାର୍ଯ୍ୟକାରୀ କରିବାକୁ ବିଧାନସଭାରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଶାହା ଏହାକୁ ହାସ୍ୟାସ୍ପଦ ବୋଲି କହିଛନ୍ତି।

# ପ୍ରଦୂଷିତ ବାୟୁରେ ଦିଲ୍ଲୀ ଆଚ୍ଛାଦିତ

**ନୂଆଦିଲ୍ଲୀ, ୧୩।୧୧:** ବଦଳୁଛି ପାଗର ମିଜାଜ। ଖସୁଛି ପାରଦ, ବଢ଼ି ଚାଲିଛି ଥଣ୍ଡା। ତା'ସହ ତାଳ ଦେଇ ବଢ଼ି ଚାଲିଛି ପ୍ରଦୂଷଣ। ଚାରିଆଡେ ଧୂଆଁ ଧୂଆଁ। କିଛି ବି ହେଉନି ଦୃଶ୍ୟମାନ। ଗ୍ୟାସ୍ ଚାମ୍ବର ପାଲଟିଛି ଦେଶର ରାଜଧାନୀ ଦିଲ୍ଲୀ। ଚାରିଆଡେ ଘନ କୁହୁଡିର ଚାଦର ଢ଼ାଙ୍କି ହୋଇ ରହିଛି। ଲୋକେ ପ୍ରଦୂଷଣ ଯୋଗୁ ଅଣନିଶ୍ୱାସୀ ହୋଇପଡିଛନ୍ତି। ଆଜି ସକାଳୁ ଏଭଳି କିଛି ରହିଛି ଦିଲ୍ଲୀର ହାଲ୍। ସକାଳୁ ଦିଲ୍ଲୀ-ଏନ୍‌ସିଆର୍, ପଞ୍ଜାବ ଓ ଉତ୍ତରପ୍ରଦେଶ ସମେତ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳରେ ଭୟଙ୍କର କୁହୁଡ଼ି ଦେଖିବାକୁ ମିଳିଛି। ଏଥିଯୋଗୁ ଦୃଶ୍ୟମାନତା ଯଥେଷ୍ଟ ହ୍ରାସ ପାଇଛି। ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସକାଳ ୬ ଟାରେ ୧୦୦ ମିଟର ଦୃଶ୍ୟମାନ ହୋଇଥିବାବେଳେ ପଞ୍ଜାବର ହିଣ୍ଡନ ବିମାନବନ୍ଦର ଏବଂ ଅମୃତସର ବିମାନ ବନ୍ଦରରେ ଜିରୋ ଭିଜିବିଲିଟି ରେକର୍ଡ କରାଯାଇଛି। ଲୋକେ ରାସ୍ତାରେ ଗାଡ଼ିର ହେଡଲାଇଟ୍ ଜଳାଇ ଯାତାୟତ କରୁଛନ୍ତି। ସେପଟେ କୁହୁଡ଼ି ସମୟ ପ୍ରଦୂଷଣ ମାତ୍ରା ମଧ୍ୟ ଲଗାତର ବଢ଼ି ଚାଲିଛି। ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ବାୟୁର ଗୁଣବତ୍ତା ଲଗାତର ହ୍ରାସ ପାଉଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ ଜାତୀୟ ରାଜଧାନୀରେ ବାୟୁ ଗୁଣବତ୍ତା ବୁଧବାର ମଧ୍ୟ 'ଅତ୍ୟନ୍ତ ଖରାପ' ବର୍ଗରେ ରହିଛି। ଆଜି ସକାଳେ ଦିଲ୍ଲୀର ହାରାହାରି ଏକ୍ୟୁଆଇ ୩୪୪ ଥିବା ରେକର୍ଡ କରାଯାଇଛି। ସେହିପରି ଅୟାନ ନଗରରେ ବାୟୁର ଗୁଣବତ୍ତା ଅତ୍ୟନ୍ତ ଖରାପ ଶ୍ରେଣୀରେ ଥିବା ରେକର୍ଡ ହୋଇଛି। ଏଠାକାର ଏଆଇକ୍ୟୁ ସକାଳ ୮ଟା ସୁଦ୍ଧା ୪୧୭ ଥିବା ରେକର୍ଡ କରାଯାଇଛି।

ସହରରେ ବାୟୁ ପ୍ରଦୂଷଣର ସବୁଠାରୁ ବଡ଼ କାରଣ ହେଉଛି ଗାଡ଼ିରୁ ବାହାରୁଥିବା ଧୂଆଁ, ନିର୍ମାଣ କାର୍ଯ୍ୟ, ଶିଳ୍ପ ପ୍ରଦୂଷଣ ଏବଂ ନଡ଼ା ଜଳିବା ସାମିଲ ଅଛି। ବାୟୁ ପ୍ରଦୂଷଣକୁ ହ୍ରାସ କରିବା ପାଇଁ ଦିଲ୍ଲୀ ସରକାର ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଯାନ ସଂଖ୍ୟାକୁ ନିୟନ୍ତ୍ରଣ କରିବା, ନିର୍ମାଣ କାର୍ଯ୍ୟ ଉପରେ ନିଷେଧାଦେଶ ଏବଂ ନଡ଼ା ଜଳିବା ଉପରେ ମଧ୍ୟ ରୋକ୍ ଲଗାଯାଇଛି। ତଥାପି କମ୍ ହେଉନି ପ୍ରଦୂଷଣ। ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଅକ୍ଟୋବର ୩୦ ତାରିଖ ଠାରୁ ବାୟୁ ଗୁଣବତ୍ତା ସୂଚକାଙ୍କ ଏକ୍ୟୁଆଇ'ଅତ୍ୟନ୍ତ ଖରାପ' ଶ୍ରେଣୀରେ ରହିଆସିଛି। ଦିଲ୍ଲୀରେ ଅଧିକାଂଶ ସ୍ଥାନ ଧୂଆଁ ଆଚ୍ଛାଦିତ ହୋଇଥିବାବେଳେ ଅଧିକାଂଶ ଦିଲ୍ଲୀ ବାସିନ୍ଦା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ଅଭିଯୋଗ କରିଛନ୍ତି। ଆଖି ଜଳିବା ସହ ନିଶ୍ୱାସ ନେବାରେ ମୁସ୍‌କିଲ ହେଉଥିବା ଦିଲ୍ଲୀବାସୀ କହିଛନ୍ତି।



# ସିନ୍ଧୁ ନଦୀକୁ ଖସିଲା ବରଯାତ୍ରୀ ବସ୍, ୧୬ ମୃତ

**ଶ୍ରୀନଗର, ୧୩।୧୧:** ଭୟଙ୍କର ଦୁର୍ଘଟଣା। ସିନ୍ଧୁ ନଦୀକୁ ଖସିଲା ବରଯାତ୍ରୀ ବାସ୍। ଫଳରେ ଏଥିରେ ୧୬ ଜଣଙ୍କ ମୃତ୍ୟୁ ହୋଇଛି। ପାକିସ୍ତାନ ଅଧିକୃତ କଶ୍ମୀରର ଗିଲଗିତ-ବାଲ୍ଟିସ୍ତାନ ଅଞ୍ଚଳରେ ଘଟିଛି ଏହି ଦୁର୍ଘଟଣା। ଏକ ବିବାହ ସମାରୋହରେ ଯୋଗ ଦେବା ପାଇଁ ବରଯାତ୍ରୀଙ୍କୁ ନେଇ ଏହି ବସ୍ ପଞ୍ଜାବର ଚକୱାଲ ଜିଲ୍ଲା ଆଡକୁ ଯାଉଥିଲା। ତେବେ ରାସ୍ତାରେ ତେଲଚି ପୋଲ ପାର୍ ହେବା ବେଳେ ନିୟନ୍ତ୍ରଣ ହରାଇ ବସ୍‌ଟି ସିନ୍ଧୁ ନଦୀକୁ ଖସି ପଡିଛି। ନଦୀରୁ ୧୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ଜଣେ ମହିଳା ଆହତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ଦୁର୍ଘଟଣା ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବସ୍‌ରେ ବସିଥିବା ଅନ୍ୟ ଲୋକଙ୍କୁ ଖୋଜା ଚାଲିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା ରହିଛି। ତେବେ ଏହି ବସ୍‌ରେ କେତେ ଜଣ ଯାତ୍ରୀ ଥିଲେ ସେ ନେଇ କିଛି ସୂଚନା ମିଳିନାହିଁ। ପୁଲିସ ତଦନ୍ତ ଜାରି ରଖିଛି।

# ଘର ଭିତରୁ ୬୦ ଲକ୍ଷର ଗଞ୍ଜେଇ ଗଛ ଜବତ

**ନୂଆଦିଲ୍ଲୀ, ୧୩।୧୧:** ଆପାର୍ଟମେଣ୍ଟରେ ଗଞ୍ଜେଇ ଚାଷ କରିବା ଅଭିଯୋଗରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ଉତ୍ତର ପ୍ରଦେଶର ଗ୍ରେଟର ନୋଏଡା ପୁଲିସ। ତାଙ୍କ ନାଁ ରାହୁଲ ଚୌଧୁରୀ (୪୬)। ତାଙ୍କ ଘରୁ ୮୦ଟି ଗଞ୍ଜେଇ ଗଛ ଜବତ କରାଯାଇଛି, ଯାହାର ମୂଲ୍ୟ ପ୍ରାୟ ୬୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ତା' ସହିତ ତାଙ୍କ ଘରୁ ଗଞ୍ଜେଇ ମଞ୍ଜି, ସାର ଓ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ଗ୍ରେଟର ନୋଏଡା ପୁଲିସ ପକ୍ଷରୁ କୁହାଯାଇଛି ଯେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପାର୍ଶ୍ୱନାଥ ପାନୋରମା ସୋସାଇଟିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ରାହୁଲ ଚୌଧୁରୀ ତାଙ୍କ ଘରେ ଫୁଲ କୁଣ୍ଡରେ ଗଞ୍ଜେଇ ଚାଷ କରିଥିବା ଦେଖିବାକୁ ମିଳିଥିଲା। ପୂରା କିଚେନ୍ ଗାର୍ଡେନ ଶୈଳୀରେ ସେ ଗଞ୍ଜେଇ ଚାଷ କରିଥିଲେ। ଅଭିଯୁକ୍ତ ଗଞ୍ଜେଇ ଗଛ ପିଛା ୫ରୁ ୬ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ଯୋଜନା ବଦ୍ଧ ଭାବେ ଫ୍ଲାଟ୍‌ରେ ଗଞ୍ଜେଇ ଚାଷ କରିଥିଲେ ରାହୁଲ। ଗଞ୍ଜେଇ ଗଛଗୁଡ଼ିକ ଯେପରି ସଠିକ୍ ତାପାମାତ୍ରାରେ ବଢ଼ିବେ, ସେଥିପାଇଁ ସେ ଏସି ଲଗାଇଥିଲେ, ଯାହା ଦିନରାତି ୨୪ ଘଣ୍ଟା ଚାଲୁଥିଲା। ଯେହେତୁ ଗଞ୍ଜେଇ ଚାଷ ବେଆଇନ, ତେଣୁ ସେ ଘରର କବାଟ ଓ ଝରକା ଖୋଲିପାରୁ ନଥିଲେ। କେହି ଦେଖିଦେଲେ ପୁଲିସ ପାଖକୁ ସୂଚନା ପଳାଇବାର ଭୟ ରହିଥିଲା। ଗଞ୍ଜେଇ ଗଛଗୁଡ଼ିକ ସିଧାସଳଖ ସୂର୍ଯ୍ୟାଲୋକ ପାଇବାରୁ ବଞ୍ଚିତ ହେଉଥିବାରୁ ରାହୁଲ ସେଥିପାଇଁ କୃତ୍ରିମ ଆଲୋକ ବ୍ୟବସ୍ଥା କରିଥିଲେ।

# କେନ୍ଦ୍ର କର୍ମଚାରୀଙ୍କୁ ନୂଆବର୍ଷରେ ମିଳିପାରେ ଖୁସି ଖବର

**ନୂଆଦିଲ୍ଲୀ, ୧୩।୧୧:** ଗତ ମାସରେ ମୋଦି ସରକାର ମହଙ୍ଗା ଭତ୍ତା ବୃଦ୍ଧି କରିବାକୁ ଘୋଷଣା କରିଥିଲେ। ଫଳରେ କେନ୍ଦ୍ର ସରକାରୀ କର୍ମଚାରୀମାନେ ଡିଏରେ ଆଉ ୩% ବୃଦ୍ଧି ହୋଇଥିଲା। ପୁଣିଥରେ, ନୂତନ ବର୍ଷରେ କୋଟି କୋଟି କର୍ମଚାରୀଙ୍କ ଦରମା ବୃଦ୍ଧି ହେବାର ସମ୍ଭାବନା ରହିଛି। ନୂତନ ବର୍ଷ ଆରମ୍ଭ ସହିତ ସରକାର କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଏକ ବଡ ଘୋଷଣା କରିବାର ସମ୍ଭାବନା ରହିଛି। ରିପୋର୍ଟ ଅନୁଯାୟୀ, ପୁଣି ଥରେ ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି ହେବାର ଆଶା କରାଯାଉଛି। ଏହି ବୃଦ୍ଧି ଜାନୁଆରୀ ୨୦୨୫ରେ ଏବଂ ତା'ପରେ ଜୁଲାଇରେ କରାଯାଇପାରିବ। ନିକଟରେ କେନ୍ଦ୍ର ସରକାରୀ କର୍ମଚାରୀମାନେ ଡିଏ ବୃଦ୍ଧି ପାଇଛି। ସରକାର ଉଭୟ ଡିଏ ଏବଂ ଡିଆର୍‌କୁ ୩ ପ୍ରତିଶତ ବୃଦ୍ଧି କରି ୫୦ ରୁ ୫୩ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଏହି ସମୟରେ ଚର୍ଚ୍ଚା ହେଉଛି ଯେ, ଜାନୁଆରୀ ୨୦୨୫ରେ ମହଙ୍ଗା ଭତ୍ତା ସଂଶୋଧନ ପୂର୍ବରୁ ଏହି ବର୍ଦ୍ଧିତ ଡିଏ କର୍ମଚାରୀଙ୍କ ମୌଳିକ ବେତନରେ ମିଶ୍ରିତ ହେବ। ଯଦି ଏହା ଘଟେ, ସରକାରୀ କର୍ମଚାରୀଙ୍କ ବେତନରେ ବଡ଼ ପରିବର୍ତ୍ତନ ଆସିବ। ଅକ୍ଟୋବର ୧୬ରେ, କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ ପ୍ରତିଶତକୁ ୫୦ ପ୍ରତିଶତରୁ ୫୩ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଏହି ବୃଦ୍ଧି ପରେ ମୌଳିକ ଦରମା ସହିତ ଡିଏ ମିଶ୍ରଣ କରିବାର ସମ୍ଭାବନା ବିଷୟରେ ଆଲୋଚନା ଆରମ୍ଭ ହୋଇଛି। ଏହା ପୂର୍ବରୁ ପଞ୍ଚମ ଏବଂ ଷଷ୍ଠ ବେତନ ଆୟୋଗରେ ମଧ୍ୟ ମହଙ୍ଗା ଭତ୍ତା ୫୦% ଅତିକ୍ରମ କଲାବେଳେ ଏହି ସୁପାରିଶ କରାଯାଇଥିଲା। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବର୍ତ୍ତମାନ ଏହା ଉପରେ ଆଲୋଚନା ହେଉଛି, କିନ୍ତୁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। କେନ୍ଦ୍ରୀୟ କର୍ମଚାରୀମାନେ ବର୍ତ୍ତମାନ ୫୩ ପ୍ରତିଶତ ହାରରେ ମହଙ୍ଗା ଭତ୍ତା ପାଉଛନ୍ତି। ଯଦି ଏହା ମୌଳିକ ବେତନରେ ମିଶ୍ରିତ ହୁଏ, ତେବେ ଦରମା ଗଠନରେ ସ୍ଥାୟୀ ପରିବର୍ତ୍ତନ ଆସିବ। ସାଧାରଣତଃ ଏହି ଘୋଷଣା ବର୍ଷର ମାର୍ଚ୍ଚ ଏବଂ ସେପ୍ଟେମ୍ବର-ଅକ୍ଟୋବର ମାସରେ କରାଯାଇଥାଏ। ଯାହା ଯଥାକ୍ରମେ ଜାନୁଆରୀ ଏବଂ ଜୁଲାଇରୁ କାର୍ଯ୍ୟକାରୀ ହେବ। କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ସରକାର ବର୍ଷକୁ ଦୁଇଥର ଡିଏ ଏବଂ ଡିଏ ସଂଶୋଧନ କରନ୍ତି। ମାର୍ଚ୍ଚ ୨୦୨୫ରେ ହୋଲି ପର୍ବ ପୂର୍ବରୁ ନୂତନ ଡିଏ ବୃଦ୍ଧି ଘୋଷଣା କରାଯାଇପାରେ।

# ଟ୍ରମ୍ପ ସରକାରରେ ମସ୍କଙ୍କ ଏଣ୍ଟ୍ରି



**ୱାଶିଂଟନ, ୧୩।୧୧:** ଡୋନାଲ୍ଡ ଟ୍ରମ୍ପଙ୍କ ସରକାରରେ ହେଲେ ବିଶ୍ୱର ସବୁଠାରୁ ବଡ଼ ଧନୀ ତଥା ଟେସ୍‌ଲା ମାଲିକ ଏଲୋନ ମସ୍କଙ୍କ ଏଣ୍ଟ୍ରି। ତାଙ୍କୁ ମିଳିଲା ବଡ଼ ଦାୟିତ୍ୱ। କେବଳ ତାଙ୍କୁ ନୁହେଁ ଭାରତୀୟ ବଂଶୋଦ୍ଭବ ବିବେକ ରାମାସ୍ୱାମୀଙ୍କୁ ମଧ୍ୟ ବଡ଼ ବିଭାଗର ଦାୟିତ୍ୱ ତୁଲାଇବାକୁ ନିଯୁକ୍ତ କରିଛନ୍ତି ଟ୍ରମ୍ପ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବିପୁଳ ଭୋଟ୍‌ରେ ବିଜୟୀ ହୋଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ୪ ବର୍ଷ ପରେ ପୁଣି ଥରେ ସେ ହ୍ୱାଇଟ୍ ହାଉସରେ କରିଛନ୍ତି ଏଣ୍ଟ୍ରି। ଆସନ୍ତ ବର୍ଷ ଜନୁଆରୀ ୨୦ ତାରିଖରେ ଡୋନାଲ୍ଡ ଟ୍ରମ୍ପ ଆମେରିକା ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ଶପଥ ନେବେ। ତେବେ ଏହା ପୂର୍ବରୁ ସେ ନିଜ ଟିମ୍ ଗଠନ କରିବାରେ ବ୍ୟସ୍ତ ଅଛନ୍ତି। କାହାକୁ କେଉଁ ଦାୟିତ୍ୱ ଦେବେ, କିଏ ତାଙ୍କ କ୍ୟାବିନେଟ୍‌ରେ ସାମିଲ ହେବେ ସେ ନେଇ ଚଳାଇଛନ୍ତି ଅଙ୍କକଷା। ଅନେକ ବଡ ପଦବୀରେ ନିଯୁକ୍ତି ପରେ ଟ୍ରମ୍ପ ଏବେ ଏଲୋନ୍ ମସ୍କ ଏବଂ ବିବେକ ରାମସ୍ୱାମୀଙ୍କୁ ବଡ଼ ଦାୟିତ୍ୱ ଦେଇଛନ୍ତି। ଉଭୟଙ୍କୁ ମିଳିଛି ଡିପାର୍ଟମେଣ୍ଟ ଅଫ୍ ଗଭର୍ମେଣ୍ଟ ଏଫିସିଏନ୍ସି ବିଭାଗ। ଏଲୋନ୍ ମସ୍କ ଏବଂ ବିବେକ ରାମସ୍ୱାମୀ ସରକାରୀ ଦକ୍ଷତା ବିଭାଗର ମୁଖ୍ୟ ହେବେ। ସୋଶାଲ ମିଡିଆରେ ପୋଷ୍ଟ କରି ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ସରକାରୀ କାର୍ଯ୍ୟ ଦକ୍ଷତାର ମୂଳ ଉଦ୍ଦେଶ୍ୟ ହେଉଛି ସରକାରୀ କାର୍ଯ୍ୟରେ ଉନ୍ନତି ଆଣିବା, ଅମଲାତନ୍ତ୍ରକୁ ସମାପ୍ତ କରିବା ଏବଂ ଫେଡେରାଲ ଏଜେନ୍ସିଗୁଡିକର ଗଠନକୁ ପରିବର୍ତ୍ତନ କରିବା। କହିବାକୁ ଗଲେ ଅଫିସର ରାଜ୍ ସମାପ୍ତ କରିବାକୁ ଉଭୟ କାମ କରିବେ ବୋଲି ଟ୍ରମ୍ପ ଆଶାବାଦୀ ଅଛନ୍ତି।

ଟ୍ରମ୍ପଙ୍କ ଅନୁଯାୟୀ, ସରକାରୀ ସମ୍ବଳର ଅପବ୍ୟବହାରକୁ ରୋକିବା, ଅନାବଶ୍ୟକ ଖର୍ଚ୍ଚ ହ୍ରାସ କରିବା ଏବଂ ଅନାବଶ୍ୟକ ନିୟମ ହଟାଇବା ପାଇଁ ଏହି ବିଭାଗ କାର୍ଯ୍ୟ କରିବ। ଟ୍ରମ୍ପ ଏହାକୁ ତାଙ୍କର ସେଭ ଆମେରିକା ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଛନ୍ତି। ସେପଟେ ଏଲୋନ ମସ୍କ ଆମେରିକା କ୍ୟାବିନେଟ୍‌ରେ ସାମିଲ ହେବାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାରୀ ଦକ୍ଷତା ବିଭାଗ। ସରକାରୀ ଅର୍ଥ ନଷ୍ଟ କରୁଥିବା ଲୋକଙ୍କୁ ଏହା ସିଧାସଳଖ ବାର୍ତ୍ତା ପଠାଇବ ବୋଲି ସେ କହିଛନ୍ତି। ଆମେରିକାର ସରକାରୀ କାର୍ଯ୍ୟରେ ଉନ୍ନତି ଆଣିବା ପାଇଁ ସରକାରୀ ଦକ୍ଷତା ବିଭାଗକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି। ଟେସଲା ଏବଂ ସ୍ପେସ୍ ଏକ୍ସ ମୁଖ୍ୟ ଏଲନ୍ ମସ୍କ ଏବଂ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ତଥା ଉଦ୍ୟୋଗୀ ବିବେକ ରାମସ୍ୱାମୀଙ୍କୁ ସରକାରୀ ଦକ୍ଷତା ବିଭାଗ ବିଭାଗର ଦାୟିତ୍ୱ ଦିଆଯାଇଛି। ତାଙ୍କର ଅଭିନବ ତଥା ପ୍ରଭାବଶାଳୀ ଚିନ୍ତାଧାରା ପାଇଁ ଜଣାଶୁଣା ଏଲନ୍ ମସ୍କ ଏହି ବିଭାଗରେ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ସଂସ୍କାର ଉପରେ କାର୍ଯ୍ୟ କରିବେ। ଯାହା ଦ୍ୱାର ସରକାରୀ ସେବାଗୁଡିକ ଅଧିକ ଦକ୍ଷ ଏବଂ ସ୍ୱଚ୍ଛ ହୋଇପାରିବ। ବିବେକ ରାମସ୍ୱାମୀ: ତାଙ୍କର ସ୍ୱଚ୍ଛ ଚିନ୍ତାଧାରା ଏବଂ ବ୍ୟବସାୟିକ ଦକ୍ଷତା ପାଇଁ ଜଣାଶୁଣା। ବିବେକ ସରକାରୀ ଖର୍ଚ୍ଚ କାଟ୍ ଏବଂ ଏଜେନ୍ସିଗୁଡ଼ିକର ପୁନଃ ନିର୍ମାଣ ଉପରେ ଧ୍ୟାନ ଦେବେ।

# ଆଇସିସି ଦିନିକିଆ ର୍ୟାଙ୍କିଙ୍ଗରେ ୧ ନମ୍ବର ବୋଲର ଶାହିନ




**ନୂଆଦିଲ୍ଲୀ, ୧୩।୧୧:** ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜରେ ଧୂଆଁଧାର ବୋଲିଂ କରିଥିବା ପାକିସ୍ତାନର ବାମହାତୀ ଦ୍ରୁତ ବୋଲର, ଦିନିକିଆ କ୍ରିକେଟ୍ ରେ ବିଶ୍ୱର ଏକ ନମ୍ବର ବୋଲର ହୋଇଛନ୍ତି। ସର୍ବଶେଷ ଆଇସିସି ର୍ୟାଙ୍କିଙ୍ଗରେ ଶାହିନ୍ ଦିନିକିଆରେ ଶୀର୍ଷରେ ପହଞ୍ଚିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଶାହିନ୍ ଆଫ୍ରିଦି ଚମତ୍କାର ବୋଲିଂ କରିଥିଲେ। ଏହି ସିରିଜକୁ ପାକିସ୍ତାନ ୨-୧ରେ ଜିତିଥିଲା। ୨୨ ବର୍ଷ ପରେ ପାକିସ୍ତାନ ଦଳ ଅଷ୍ଟ୍ରେଲିଆରେ ଚାଲିଥିବା ଦିନିକିଆ ସିରିଜ ଜିତିବାରେ ସଫଳ ହୋଇଥିଲା। ଏହି ବିଜୟରେ ଶାହିନ୍ ଆଫ୍ରିଦି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଆଇସିସି ଦ୍ୱାରା ପ୍ରକାଶିତ ସର୍ବଶେଷ ଦିନିକିଆ ର୍ୟାଙ୍କିଙ୍ଗରେ ଶାହିନ୍ ଆଫ୍ରିଦି ତିନୋଟି ସ୍ଥାନ ଉପରକୁ ଉଠିଛନ୍ତି। ତାଙ୍କର ରେଟିଂ ବର୍ତ୍ତମାନ ୬୯୬ ହୋଇଛି, ଯାହା ତାଙ୍କର ଦିନିକିଆ କ୍ୟାରିୟରର ସର୍ବୋତ୍ତମ। ଆଫଗାନିସ୍ତାନର ରସିଦ ଖାନ ୬୮୭ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଶାହିନ୍ ଆଫ୍ରିଦି ଦ୍ୱିତୀୟ ସଫଳ ବୋଲର ହୋଇଥିଲେ। ଶାହିନ୍ ହାରାହାରି ୧୨.୬୨ରେ ତିନୋଟି ମ୍ୟାଚରେ ଆଠଟି ୱିକେଟ୍ ନେଇଥିଲେ। ଏହି ସିରିଜରେ ହରିସ୍ ରାଉଫ ସର୍ବାଧିକ ୧୦ ୱିକେଟ୍ ନେଇଥିଲେ। ସର୍ବଶେଷ ଆଇସିସି ମାନ୍ୟତାରେ ଜସପ୍ରୀତ ବୁମ୍ରା ମଧ୍ୟ ଉପରକୁ ଉଠିଛନ୍ତି। ତେବେ ସେ ଦୀର୍ଘ ଦିନ ଧରି କୌଣସି ଦିନିକିଆ ମ୍ୟାଚ୍ ଖେଳି ନାହାଁନ୍ତି। ବୁମ୍ରା ଅଷ୍ଟମ ସ୍ଥାନରୁ ଷଷ୍ଠ ସ୍ଥାନକୁ ଉଠିଛନ୍ତି । ଏଥି ସହିତ ଭାରତର ମହମ୍ମଦ ସିରାଜ ମଧ୍ୟ ନୂତନ ମାନ୍ୟତା ହାସଲ କରିଛନ୍ତି। ସେ ସପ୍ତମ ସ୍ଥାନକୁ ଉଠିଛନ୍ତି। ପାକିସ୍ତାନ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପରେ ପ୍ରକାଶିତ ସର୍ବଶେଷ ର୍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆର ଆଡାମ ଜାମ୍ପା ଏବଂ ଜୋଶ ହେଜଲେଉଡ୍ କ୍ଷତି ସହିଛନ୍ତି। ଆଡାମ ଜାମ୍ପା ଚତୁର୍ଥ ସ୍ଥାନରୁ ୯ମ ସ୍ଥାନକୁ ଖସି ଆସିଛନ୍ତି। ଜୋସ୍ ହେଜଲେଉଡ୍ ଦଶମ ସ୍ଥାନକୁ ଖସି ଆସିଛନ୍ତି।

# ଭାରତର ନା:ଆଇସିସିକୁ ସ୍ପଷ୍ଟୀକରଣ ମାଗିଲା ପାକିସ୍ତାନ

**ମୁମ୍ବାଇ, ୧୩।୧୧:** ଚାମ୍ପିୟନ୍ସ ଟ୍ରଫି ଖେଳିବା ପାଇଁ ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିବା ପରେ ଟୁର୍ଣ୍ଣାମେଣ୍ଟର ଭବିଷ୍ୟତକୁ ନେଇ ପ୍ରଶ୍ନ ସୃଷ୍ଟି ହୋଇଛି। ଭାରତର ଆଭିମୁଖ୍ୟ ସମ୍ପର୍କରେ ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବି ଜାଣିବା ପରେ ଆଇସିସିକୁ ଏହା ଉପରେ ସ୍ପଷ୍ଟୀକରଣ ମାଗିଛି। ଆଇସିସିକୁ ଏନେଇ ପିସିବି ଚିଠି ଲେଖିବା ସହ ଭାରତର ଆଭିମୁଖ୍ୟ ଉପରେ ବିଧିବଦ୍ଧ ଭାବେ ମତାମତ ରଖିବାକୁ କୁହାଯାଇଛି। ତେବେ ଏଥିରେ ଇଭେଣ୍ଟର ଫର୍ମାଟ କିମ୍ବା ସମ୍ଭାବ୍ୟ ହାଇବ୍ରିଡ ମଡେଲ ସମ୍ପର୍କରେ କିଛି ବି ପାକିସ୍ତାନ କହି ନାହିଁ।

ପିସିବି ସୂତ୍ରରେ କୁହାଯାଇଛି ଯେ "ଟୁର୍ଣ୍ଣାମେଣ୍ଟକୁ ନେଇ ଆମ ଆଭିମୁଖ୍ୟ ସମସ୍ତଙ୍କ ସାମ୍ନାରେ ରହିଛି। ଆଇସିସି ଚାମ୍ପିୟନ୍ସ ଟ୍ରଫିର ସବୁ ମ୍ୟାଚ୍ ପାକିସ୍ତାନରେ ହେବ। ଏହା ଆମେ ଆରମ୍ଭରୁ କହି ଆସିଛୁ। ଏଥିରେ କୌଣସି ନୂଆ ନାହିଁ। କୌଣସି ପ୍ରକାରର ହାଇବ୍ରିଡ ମଡେଲ ସପକ୍ଷରେ ଆମେ ନାହୁଁ।" ୮ ବର୍ଷ ପରେ ଚାମ୍ପିୟନ୍ସ ଟ୍ରଫି ଖେଳା ଯିବାକୁ ଥିବା ବେଳେ ଏହାର ଆୟୋଜନ ପାକିସ୍ତାନ ପାଇଛି। ଆସନ୍ତା ବର୍ଷ ଫେବୃଆରୀ ମାସରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ। କିନ୍ତୁ ଭାରତ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପାକିସ୍ତାନ ଯିବ ନାହିଁ ବୋଲି ଆଇସିସିକୁ ଜଣାଇ ଦେଇଛି। ଆଇସିସି ଇ-ମେଲ ଜରିଆରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ପିସିବିକୁ ଜଣାଇଥିଲା। ଏବେ ପିସିବି ବିଧିବଦ୍ଧ ଭାବେ ଆଇସିସି ଠାରୁ ଭାରତ କାହିଁକି ଗସ୍ତ କରିବାକୁ ଚାହୁଁ ନାହିଁ ବୋଲି ସ୍ପଷ୍ଟୀକରଣ ଦେବାକୁ କହିଛି।



ଆଇସିସି ପକ୍ଷରୁ ଭାରତ ଟୁର୍ଣ୍ଣାମେଣ୍ଟକୁ ଆସିବ ନାହିଁ ବୋଲି କୁହାଯିବା ପରେ ପିସିବିର ଅକଳ ଗୁଡୁମ ହୋଇଯାଇଛି। ଆଇସିସିର ଉକ୍ତ ଇ-ମେଲକୁ ପିସିବି ପାକିସ୍ତାନ ସରକାରଙ୍କ ପାଖକୁ ପଠାଇ ସହାୟତା ମାଗିଥିଲା। ପାକିସ୍ତାନ ସରକାର କଡ଼ା ଆଭିମୁଖ୍ୟ ଦେଖାଇ ପିସିବିକୁ ବଡ଼ ପରାମର୍ଶ ଦେଇଛନ୍ତି। ଯଦି ଆଇସିସି ପାକିସ୍ତାନ ପାଖରୁ ହୋଷ୍ଟିଂ ଅଧିକାର ଛଡ଼ାନେବ, ତା'ହେଲେ ଦଳ ଚାମ୍ପିୟନ୍ସ ଟ୍ରଫିରୁ ଓହରି ଯାଉ। ଏଥିସହ ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ବିବାଦର ସମାଧାନ ନ ହେବା ଯାଏ ପାକିସ୍ତାନ ଆଇସିସି କିମ୍ବା ଏସିଆନ କ୍ରିକେଟ କାଉନସିଲର କୌଣସି ମ୍ୟାଚ୍‌ରେ ଭାରତ ସହ ନ ଖେଳୁ ବୋଲି ନିଷ୍ପତ୍ତି ନେବାକୁ ପାକିସ୍ତାନ ସରକାର ପିସିବିକୁ କହିଛନ୍ତି।

ଚାମ୍ପିୟନ୍ସ ଟ୍ରଫି ଆୟୋଜନର ଅଧିକାର ପାଇବା ପରେ ପାକିସ୍ତାନ ପ୍ରଥମେ ନିଜ ଷ୍ଟାଡିୟମର ଉନ୍ନତିକରଣ କରିଥିଲା। ଦେଶ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲେ ହେଁ କରାଚି, ଲାହୋର ଓ ରାୱଲପିଣ୍ଡିରେ ଷ୍ଟାଡିୟମର ଉନ୍ନତି ପାଇଁ ବର୍ତ୍ତମାନ ସୁଦ୍ଧା ୧୭ ବିଲିୟନ ଟଙ୍କା ଖର୍ଚ୍ଚ କରି ସାରିଛି। ଏପରି ସ୍ଥିତିରେ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ନ ହେଲେ, ଦେଶକୁ ବଡ଼ କ୍ଷତି ସହିବାକୁ ପଡ଼ିବ।

# ଧୋନିଙ୍କୁ ହାଇକୋର୍ଟ ନୋଟିସ୍

## ହାଜର ହେବାକୁ ନିର୍ଦ୍ଦେଶ

**ମୁମ୍ବାଇ, ୧୩।୧୧:** ଭାରତୀୟ କ୍ରିକେଟର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନିଙ୍କ ବଢ଼ିଲା ଅଡୁଆ। ଝାଡ଼ଖଣ୍ଡ ହାଇକୋର୍ଟ ତାଙ୍କୁ ନୋଟିସ୍ ଜାରି କରିଛନ୍ତି। ଅଦାଲତରେ ହାଜର ହେବାକୁ ତାଙ୍କୁ କୋର୍ଟ ନିର୍ଦ୍ଦେଶ ଜରି କରିଛନ୍ତି। ତାଙ୍କ ପୂର୍ବତନ ସହଯୋଗୀ ମିହିର ଦିବାକର ଏବଂ ସୌମ୍ୟା ଦାସଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ମାମଲାରେ ଧୋନିଙ୍କୁ ହାଇକୋର୍ଟ ନୋଟିସ ପଠାଇଛନ୍ତି। ଧୋନିଙ୍କୁ କୋର୍ଟକୁ ଆସି ଏହି ମାମଲାରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ମିହିର ଦିବାକର ଓ ସୌମ୍ୟା ଦାସ 'ଆର୍କା ସ୍ପୋର୍ଟସ ଆଣ୍ଡ ମ୍ୟାନେଜମେଣ୍ଟ ଲିମିଟେଡ'ର ନିର୍ଦ୍ଦେଶକ ଅଟନ୍ତି। ତାଙ୍କ ନାମରେ କ୍ରିକେଟ୍ ଏକାଡେମୀ ଖୋଲିବା ପାଇଁ ଉଭୟେ ମହେନ୍ଦ୍ର ସିଂହ ଧୋନିଙ୍କ ସହ ଚୁକ୍ତି କରିଥିଲେ। ତେବେ ଏହାର କିଛି ଦିନ ପରେ ଏମଏସ ଧୋନି ମିହିର ଦିବାକର ଏବଂ ସୌମ୍ୟା ଦାସଙ୍କ ବିରୋଧ



ଠକେଇ ଅଭିଯୋଗ ଆଣିଥିଲେ। ଧୋନି ଜାନୁଆରୀ ୫ ତାରିଖରେ ଏମାନଙ୍କ ବିରୋଧ ରାଞ୍ଚିରେ ଅପରାଧିକ ମାମଲା ରୁଜୁ କରିଥିଲେ। ସୌମ୍ୟା ଓ ମିହିର ଦିବାକାର ତାଙ୍କ ଠାରୁ ୧୫ କୋଟି ଟଙ୍କାର ଠକେଇ କରିଥିବା ଧୋନି ଅଭିଯୋଗ ଆଣିଥିଲେ। ଧୋନି ଦାବି କରିଛନ୍ତି ଯେ ୨୦୨୧ ମସିହାରେ ସେ ଏକାଡେମୀ ପାଇଁ ଚୁକ୍ତିନାମା ଅଧିକାରକୁ ବାତିଲ କରିଦେଇଥିଲେ। ଅବଶ୍ୟ, ଏହା ପରେ ମଧ୍ୟ ତାଙ୍କ ନାମ ମିହିର ଦିୱାକର ଏବଂ ସୌମ୍ୟା ଦାସଙ୍କ ଦ୍ୱାରା ବ୍ୟବହୃତ କରାଯାଉଥିଲା। ପରବର୍ତ୍ତୀ ସମୟରେ, ରାଞ୍ଚିରେ ଜଣେ ନ୍ୟାୟିକ ମାଜିଷ୍ଟ୍ରେଟଙ୍କ କୋର୍ଟ ଦ୍ୱାରା ଦିୱାକର ଏବଂ ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତେବେ ଏହାକୁ ବିରୋଧ କରି ଦୁହେଁ ଝଡଖଣ୍ଡ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ହାଇକୋର୍ଟ ଧୋନିଙ୍କୁ ଏହି ମାମଲାରେ ଅଦାଲତରେ ହାଜର ହେବାକୁ ନୋଟିସ୍ ପଠାଇଛନ୍ତି। ଏହି ମାମଲାରେ ନିଜ ପକ୍ଷ ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

# ଆଇପିଏଲ୍: ୧୭ ବର୍ଷୀୟ ବ୍ୟାଟର ଆୟୁଷ ମହାତ୍ରେଙ୍କୁ କିଣିବ ଚେନ୍ନାଇ

**ମୁମ୍ବାଇ, ୧୩।୧୧:** ୫ ଥର ଆଇପିଏଲ ଟ୍ରଫି ଜିତିଥିବା ଚେନ୍ନାଇ ସୁପର କିଙ୍ଗସ(ସିଏସ୍‌କେ) ଆସନ୍ତା ୨୦୨୫ ସଂସ୍କରଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ୨୦୨୫ ଆଇପିଏଲ ପୂର୍ବରୁ ନଭେମ୍ବର ୨୪ରୁ ୨୫ ତାରିଖରେ ମେଗା ଅକ୍ସନ ହେବ। ଏହି ସମୟରେ ଚେନ୍ନାଇ ଜଣେ ୧୭ ବର୍ଷୀୟ ବ୍ୟାଟରଙ୍କୁ କିଣିବାକୁ ଚେଷ୍ଟା କରିପାରେ। ରଣଜୀ ଟ୍ରଫିରେ ମୁମ୍ବାଇ ପାଇଁ ଓପନ କରୁଥିବା ୧୭ ବର୍ଷୀୟ ଆୟୁଷ ମହାତ୍ରେଙ୍କୁ ଚେନ୍ନାଇ ନିଜ ସହ ସାମିଲ କରିବାକୁ ଚାହୁଁଛି। ଏଥିପାଇଁ ତାଙ୍କୁ ଟ୍ରାଏଲ ଦେବାକୁ ଦଳ ପକ୍ଷରୁ ଡକାଯାଇଛି। ଟ୍ରାଏଲ ଦ୍ୱାରା ଚେନ୍ନାଇ ତାଙ୍କ ଦକ୍ଷତା ମାପିବାକୁ ଚାହୁଁଛି। ଯଦି ଟ୍ରାଏଲରେ ଆୟୁଷ ପ୍ରଭାବିତ କରିପାରିଲେ, ତା'ହେଲେ ଅକ୍ସନ ବେଳେ ଚେନ୍ନାଇ ତାଙ୍କ କିଣିବାକୁ ଚେଷ୍ଟା କରିବ।




ରିପୋର୍ଟରେ କୁହାଯାଇଛି ଯେ କିମ୍ବଦନ୍ତୀ କ୍ରିକେଟର ମହେନ୍ଦ୍ର ସିଂହ ଧୋନି ମଧ୍ୟ ଆୟୁଷଙ୍କ ଘରୋଇ ପ୍ରଦର୍ଶନରେ ପ୍ରଭାବିତ ହୋଇଛନ୍ତି। ଏଥିପାଇଁ ଚେନ୍ନାଇ ପକ୍ଷରୁ ଆୟୁଷଙ୍କୁ ଟ୍ରାଏଲ ପାଇଁ ଡକାଯାଇଛି। ରଣଜୀ ଟ୍ରଫିର ୫ମ ରାଉଣ୍ଡ ନଭେମ୍ବର ୧୬ରେ ଶେଷ ହେବ। ଏହାପରେ ଆୟୁଷ ଟ୍ରାଏଲ ପାଇଁ ଆସି ପାରନ୍ତି। ଏହାର ଅର୍ଥ ଆୟୁଷଙ୍କୁ ଦକ୍ଷତା ମାପିବା ପାଇଁ ଚେନ୍ନାଇକୁ ୮ ଦିନର ସମୟ ମିଳିବ। କାରଣ ୨୪ ତାରିଖରେ ହିଁ ଆଇପିଏଲ ପାଇଁ ମେଗା ଅକ୍ସନ ହେବ। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ଆୟୁଷଙ୍କ ବ୍ୟାଟିଂ ଦେଖି କେବଳ ଚେନ୍ନାଇର ଟିମ ମ୍ୟାନେଜମେଣ୍ଟ ନୁହେଁ ବରଂ ଧୋନି ମଧ୍ୟ ବେଶ ପ୍ରଭାବିତ ହୋଇଛନ୍ତି। ଏଥିପାଇଁ ରଣଜୀ ଟ୍ରଫିର ୫ମ ରାଉଣ୍ଡ ମ୍ୟାଚ୍ ଶେଷ ହେବା ପରେ ତାଙ୍କୁ ଟ୍ରାଏଲ ଦେବାକୁ ଡକାଯାଇଛି। ଟ୍ରାଏଲ ପାଇଁ ଆୟୁଷଙ୍କୁ ଛାଡ଼ିବା ପାଇଁ ଚେନ୍ନାଇ ପକ୍ଷରୁ ମୁମ୍ବାଇ କ୍ରିକେଟ ଆସୋସିଏସନକୁ ମଧ୍ୟ ଅନୁରୋଧ କରାଯାଇଛି।

ଆୟୁଷ ଇରାନୀ କପରେ ଚଳିତ ବର୍ଷ ମୁମ୍ବାଇ ପାଇଁ ଡେବ୍ୟୁ କରିଛନ୍ତି। ସେ ପୃଥ୍ୱୀ ଶ'ଙ୍କ ସହ ଇନିଂସ ଆରମ୍ଭ କରିଥିଲେ। ତେବେ ରେଷ୍ଟ ଅଫ ଇଣ୍ଡିଆ ବିରୋଧରେ ସେ କେବଳ ୧୯ ଓ ୧୪ ରନ କରିପାରିଥିଲେ। ମୁମ୍ବାଇ ପାଇଁ ଆୟୁଷଙ୍କ ପ୍ରଦର୍ଶନ ଭଲ ରହିଥିଲେ ହେଁ ସେତେଟା ଆଖି ଦୃଶିଆ ହୋଇନାହିଁ। ସେ ୫ଟି ମ୍ୟାଚ୍‌ରେ ୩୫.୬୬ ହାରରେ ୩୨୧ ରନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଲିଯାତ୍ରାରେ ...

ରାଷ୍ଟ୍ରଦୂତମାନଙ୍କର ସମସ୍ତ ଗମନାଗମନ ଓ ପରିଦର୍ଶନକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ସ୍ୱତନ୍ତ୍ର ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ଅତିଥିମାନଙ୍କୁ ବାଲିଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ମଧ୍ୟ କରାଇବେ। ଓଡ଼ିଆ ସାଧବ ପୁଅମାନଙ୍କ ନୌବାଣିଜ୍ୟ ପରମ୍ପରା ଓ ବୋଇତ ବନ୍ଦାଣ ଉତ୍ସବର ପ୍ରତୀକ ରୂପେ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଆରମ୍ଭ ହେବାକୁ ଯାଉଥିବା ବାଲିଯାତ୍ରା ଉତ୍ସବରେ ଦକ୍ଷିଣ-ପୂର୍ବ ରାଷ୍ଟ୍ରସମୂହ ସହ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ଏକ ସ୍ୱତନ୍ତ୍ର ପାଭିଲିୟନ୍ ବିଶେଷ ଆକର୍ଷଣ ପାଲଟିବାକୁ ଯାଉଛି। ଓଡ଼ିଶାର, କଳା ଓ ସାଂସ୍କୃତିକ ବିନିମୟ, ପୌରାଣିକ ସମ୍ପର୍କ, ମନ୍ଦିର, ବସ୍ତ୍ର, ଟେରାକୋଟା, ନୃତ୍ୟ, ମୁଖା, ମୁଦ୍ରା ଆଦିର ସାମଞ୍ଜସ୍ୟ ପ୍ରଦର୍ଶିତ ହେବ । ପାଭିଲିଅନର ମୁଖ୍ୟ ପ୍ରବେଶ ପଥରେ ଜିରାଙ୍ଗ ଗେଟ୍ ସ୍ଥାନ ପାଇଥିବାବେଳେ ପ୍ରସ୍ଥାନ ଦ୍ୱାରରେ ଇଣ୍ଡୋନେସିଆର ଗେଟ୍ ସ୍ଥାନ ପାଇବ । ପାଭିଲିୟନ ମଧ୍ୟରେ ୧୫ରୁ ଉର୍ଦ୍ଧ୍ୱ ଷ୍ଟଲ ସ୍ଥାନ ପାଇଛି । ପ୍ରତି ଷ୍ଟଲରେ ରହିଛି ଭିନ୍ନ ଭିନ୍ନ ବିଷୟବସ୍ତୁକୁ ନେଇ ପ୍ରଦର୍ଶନୀ। ପ୍ରସ୍ଥାନ ପଥରେ ପୁରୀ ରଥଯାତ୍ରା ସମୟର ରଥ ଚକ ଓ ରଥ ଦଉଡିକୁ ମଧ୍ୟ ସ୍ଥାନିତ କରାଯାଇଛି ।

ପାଭିଲିଅନର ଅନ୍ୟତମ ଆକର୍ଷଣ ହେଉଛି ନୌବାଣିଜ୍ୟ ପରମ୍ପରା ଓ ବାଲିଯାତ୍ରାକୁ ନେଇ କୁଇଜ୍ ପ୍ରତିଯୋଗିତା। ସମ୍ପୂର୍ଣ୍ଣ ଡିଜିଟାଲ ବୋର୍ଡରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀମାନଙ୍କୁ ଉପହାର ଜିତିବାର ମଧ୍ୟ ସୁଯୋଗ ମିଳିଛି।

### କ୍ଷତିଗ୍ରସ୍ତଙ୍କ ...

ଫେରାଇବାକୁ ଆଦେଶ ଦେଇଥିଲେ ହାଇକୋର୍ଟ। ଲିଜ ଜମି ସରକାର ତାଙ୍କ ପାଖକୁ ଆଣିବେ ବୋଲି ଉଚ୍ଚ ନ୍ୟାୟାଳୟ କହିଥିଲେ। ବେଦାନ୍ତ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲା। ମାତ୍ର ସୁପ୍ରିମକୋର୍ଟ ରାୟକୁ କାଏମ ରଖିଥିଲେ। ଏଣୁ ସରକାର ଜମି ଫେରାଇବା ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ଜିଲ୍ଲା ପ୍ରଶାସନ ଖୁବଶୀଘ୍ର ପଦକ୍ଷେପ ନେବ। ବିଜ୍ଞପ୍ତି ପ୍ରକାଶ ପାଇବ ଓ ତା'ପରେ ଜମି ଫେରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି, ଏହା ପୂର୍ବ ସରକାରର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଥିଲା। ସରକାର ବେଦାନ୍ତକୁ ଅହେତୁକ ଅନୁଗ୍ରହ ପ୍ରଦର୍ଶନ କରି ଶାଗମାଛ ଦରରେ ବେଦାନ୍ତ ହାତକୁ ଜମି ଟେକି ଦେଇଥିଲେ।

ରାଜ୍ୟ ସରକାରଙ୍କ ଜମି ଫେରସ୍ତ ନିଷ୍ପତ୍ତି ଉପରେ ଖୁସି ପ୍ରକଟ କରିଛନ୍ତି କ୍ଷତିଗ୍ରସ୍ତ ଲୋକେ। ହେଲେ ଦୀର୍ଘ ବର୍ଷ ତଳେ ପାଇଥିବା କ୍ଷତିପୂରଣ କିପରି ଫେରାଇବେ ତାହା ସେମାନଙ୍କୁ ଚିନ୍ତାଗ୍ରସ୍ତ କରିଛି। ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧରେ ଦୀର୍ଘ ସଂଗ୍ରାମ ଚଳାଇଥିବା ବେଦାନ୍ତ ବିସ୍ଥାପିତ ସଂଘର୍ଷ ସମିତି ମୁଖ୍ୟ ଉମା ବଲ୍ଲଭ ରଥ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ସେତେବେଳେ ଏକର ପ୍ରତି ମାତ୍ର ଦୁଇଲକ୍ଷ ଟଙ୍କା ଦେଇ ମୂଲ୍ୟବାନ ଜମି ଅଧିଗ୍ରହଣ କରାଯାଇଥିଲା। ଏବେ କ୍ଷତିପୂରଣ ଫେରସ୍ତ କରିବା ସମସ୍ୟା ହେବ। ସୂଚନାଯୋଗ୍ୟ, ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ପ୍ରାୟ ୧୦ ହଜାର ଏକର ଜମି ଅଧିଗ୍ରହର କରାଯାଇଥିଲା। ଅଧିକାଂଶ ଜମି ସ୍ଥାନୀୟ ଲୋକଙ୍କର ଥିଲା। ଜମି ଫେରସ୍ତ ପାଇଁ ସେମାନେ ଖୁସି ହେଉଥିଲେ ସୁଦ୍ଧା କ୍ଷତିପୂରଣ ଫେରାଇବା ଚିନ୍ତା ଘାରିଲାଣି।

### ୧୫ରୁ ...

ହେବ। ନଭେମ୍ବର ୨୦ ଡିସେମ୍ବର ୭ ତାରିଖ ମଧ୍ୟରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ପ୍ରଦାନ କରାଯିବ। ଡିସେମ୍ବର ୮ ରେ ବରଗଡ଼ ଜିଲ୍ଲା ସୋହେଲା ଠାରେ ଏକ ରାଜ୍ୟସ୍ତରୀୟ କୃଷକ ସମାବେଶ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ଧାନର କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କରିବେ। ଡିସେମ୍ବର ୮ ତାରିଖ ଠାରୁ ୨୩୦୦ ଟଙ୍କା ସହିତ ଅତିରିକ୍ତ ୮୦୦ ଟଙ୍କା ଚାଷୀଙ୍କ ବ୍ୟାଙ୍କ ଖାତାକୁ ୪୮ ଘଣ୍ଟା ମଧ୍ୟରେ ଡିବିଟିରେ ପ୍ରଦାନ କରାଯିବ।

କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କୁ ଧାନ ସଂଗ୍ରହ ବ୍ୟବସ୍ଥା ପାଇଁ ନିଆଯାଇଥିବା ସରକାରୀ ପଦକ୍ଷେପ ସମ୍ପର୍କରେ ବିଭିନ୍ନ ସୂଚନା, ଶିକ୍ଷା ଓ ସଂଚାର କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଉଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ଜିଲ୍ଲାପାଳମାନେ ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ ହୋଇ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଧାନ ମଣ୍ଡିରେ ଗ୍ରେନ ଆନାଲାଇଜର, କ୍ୱାଲିଟି ଆନାଲିଷ୍ଟ, ମଣ୍ଡି ସୁପରଭାଇଜର ମୁତୟନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଚାଷୀମାନଙ୍କୁ ଟୋକନ ପ୍ରଦାନ ୧୫ ତାରିଖରୁ ଆରମ୍ଭ ହେବ। ଜିଲ୍ଲାପାଳମାନେ ଚାହିଁଲେ ଟୋକନ ସମୟସୀମାକୁ ୭ଦିନ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ। ପଡୋଶୀ ରାଜ୍ୟ ସହିତ ଲାଗି ରହିଥିବା ଜିଲ୍ଲା ଗୁଡିକରେ ଯେପରି ବାହାର ରାଜ୍ୟର ଧାନ ନ ପଶିବ, ସେଥିପ୍ରତି ଜିଲ୍ଲାପାଳମାନେ ପ୍ରତ୍ୟକ୍ଷ ଭାବେ ନଜର ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୀମାବର୍ତ୍ତୀ ଅଞ୍ଚଳରେ କ୍ୟାମେରା ସଂଯୁକ୍ତ ଥିବା ଯାନ ମାଧ୍ୟମରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବା ପାଇଁ ଏବଂ ମଣ୍ଡିମାନଙ୍କରେ ସିସିଟିଭି ଲଗାଇବା ଓ କଟନି-ଛଟନି ରୋକିବା ପାଇଁ ପଦକ୍ଷେପ ନେବାକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ସମବାୟ ବିଭାଗର କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଳମାନେ ମଧ୍ୟ ଜିଲ୍ଲା ସ୍ତରରେ ପ୍ରସ୍ତୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଆଲୋଚନାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

### ବଦଳି...

ଜାଣିବା ପାଇଁ କହିରଖୁଛୁ ଯେ ମାନସଙ୍କ ଭାଇ କମିଶନରେଟ ପୋଲିସରେ ଏସିପି ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଜମି ମାଫିଆଙ୍କ ସହ ସମ୍ପର୍କ, ନିଶା ମାଫିଆଙ୍କ ଠାରୁ ବଟି, ଗୋରୁ ଚୋରା ଚାଲାଣରେ ଏସ୍କର୍ଟ କରୁଥିବା ଭଳି ଅନେକ ସାଙ୍ଘାତିକ ଅଭିଯୋଗ ମାନସ ସ୍ୱାଇଁଙ୍କ ବିରୋଧରେ ଆସିଥିଲେ ମଧ୍ୟ ଏସିପି ଭାଇଙ୍କ ବୋଲି ବର୍ତ୍ତିଯାଇଥିଲେ। ରାତିଅଧିଆ ହାଇଟେକ ଛକରେ ଥିବା ଏକ ଡ୍ୟାନ୍ସ ପବ୍ ଓ ବାର୍‌ରେ ନାଚ ଗୀତ ସାଙ୍ଗକୁ ଦେହବେପାର ଚଳୁଥିଲେ ସୁଦ୍ଧା ମୋଟା ଅଙ୍କର ମାଲ ନେଇ କୁଆଡେ ଚୁପ ବସିଥିଲେ ମାନସ। ଏନେଇ ସାମ୍ବାଦିକ ତାଙ୍କ ନିକଟକୁ ଯାଇ ସତ୍ୟାସତ୍ୟ ଯାଞ୍ଚ କରୁଥିବା ବେଳେ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବାକୁ ପଛାଇ ନ ଥିଲେ ତତ୍କାଳୀନ ଆଇଆଇସି। କିନ୍ତୁ ସବୁ ଦେଖି ଚୁପ ରହିଥିଲେ ତତ୍କାଳୀନ ଡିସିପି ପ୍ରତୀକ ସିଂ। ଏବେ ନୂଆ ଡିସିପି ଆସିବା ପରେ ଠିକ ଲୋକକୁ ଠିକ ଜାଗାକୁ ବଦଳି କରାଯାଇଥିବା ଚର୍ଚ୍ଚା ହେଉଛି। ବଡ଼କଥା ହେଉଛି ଗତ କିଛିଦିନ ହେଲା ମଞ୍ଚେଶ୍ୱର ଥାନା ଅଫିସରଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଯତୀନ୍ଦ୍ର ସେଠୀ ଓ ସୁଧୀର ସାହୁଙ୍କ ପରେ ମାନସ ସ୍ୱାଇଁଙ୍କ ଅପମାନଜନକ ବଦଳି ଥାନା ଷ୍ଟାଫଙ୍କ ଚିନ୍ତା ବଢ଼ାଇ ଦେଇଛି।

### ବିଜେପିର...

ଲିକୁଙ୍କ ପାଖରେ ଦୀନଦୟାଲ, ବାଜପାୟୀ ଓ ମୋଦୀଙ୍କ ଆଦର୍ଶ ଗଲା କୁଆଡେ? ସେମାନଙ୍କ ନା ଟ୍ରେଲରେ ଦେଖିବାକୁ ମିଳୁନାହିଁ। ଦଳୀୟ ଶୃଙ୍ଖଳା ଓ ଅନୁଶାସନ ପାଇଁ ଦେଶରେ ଶାସନର ଡୋରି ଧରିଥିବା ବିଜେପିର ସହଯୋଗୀ ସଦସ୍ୟ ଭାବେ ଲିକୁ ଏହା ଭୁଲିଗଲେ କିଭଳି ? ଲିକୁ ଯଦି ଧର୍ମଶାଳାରେ ଜନତା ଗ୍ୟାରେଜ ଆଦର୍ଶରେ ଚାଲିବେ ତେବେ ବିଜେପି କେବଳ ସେଠାରେ କ୍ଷତିଗ୍ରସ୍ତ ହେବନାହିଁ, ପୂରା ଓଡ଼ିଶାରେ ବଦନାମ ହେବାକୁ ବେଶି ସମୟ ଲାଗିବ ନାହିଁ।

ପ୍ରଥମଥର ବିଧାୟକ ହୋଇଥିବା ଲିକୁ କିଛିଦିନ ତଳେ ପୂର୍ବତନ ବିଧାୟକ ଜିତୁଙ୍କୁ ନିଜ ସମର୍ଥକଙ୍କ ସହାୟତାରେ ଅଣ୍ଡାମାରି ଢେର ବଦନାମ ମୁଣ୍ଡାଇଥିଲେ। ଏହାକୁ ଧର୍ମଶାଳାବାସୀ ଗ୍ରହଣ କରିନଥିଲେ। ବିଜେପିର ଚାପ ପରେ ଲିକୁ ଭୁଲ୍ ମାଗିଥିଲେ। ହେଲେ ସେତେବେଳକୁ ଢେର ବିଳମ୍ବ ହୋଇଥିଲା। ଫାଇଦା ନେଇଥିଲା ବିଜେଡି ଓ କିଛିଦିନ ପରେ ଆୟୋଜିତ ଦଳୀୟ ପଦଯାତ୍ରାରେ ଭଲ ଲୋକ ଏକଜୁଟ କରିବାରେ ସକ୍ଷମ ହୋଇଥିଲା। ଲିକୁଙ୍କ ଅଣ୍ଡାମାଡ଼ କ୍ଷତି ଏବେ ବି ଭରଣା ହୋଇନଥିବାବଳେ ଏବେ ପୁଣି ଜନତା ଗ୍ୟାରେଜ ଉପାଖ୍ୟାନ ଆରମ୍ଭ କରିଛନ୍ତି। ଏହା ଧର୍ମଶାଳା ରାଜନୀତିକୁ କେଉଁଆଡେ ନେବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ବବିଙ୍କ...

ଆକ୍ରମଣ କରୁଛି। ନିକଟରେ ରାଜଧାନୀର ଦୁଇ ବିଜେଡି କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୁପକାର ଦଳକୁ ଏକ ପ୍ରକାର ରାସ୍ତାରେ ଛିଡା କରାଇଥିଲେ। ମାମଲା ଶଙ୍ଖଭବନର ଯାଇ ଥାନାରେ ପହଞ୍ଚିଲା। ଏଥିରେ ବିଜେଡି ଲୋକହସା ହେବା ସହିତ ବିଜେପିକୁ ଭଲ ଫାଇଦା ମିଳିଲା। ବର୍ତ୍ତମାନ ଏହି ଦୁଇ କର୍ପୋରେଟର କାହା ସହିତ ଅଛନ୍ତି ତାହାକୁ ବିଜେଡି ନେତାମାନେ ଜାଣିପାରୁ ନାହାନ୍ତି।

ତେଣୁ ବିଜେଡି ନେତାଙ୍କର ହଠାତ୍ ଏଭଳି ପଟ୍ଟ ପରିବର୍ତ୍ତନ ଏବେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ପୁରୁଣା ରାଗ ରଖି ସନ୍ୟାସୀଙ୍କୁ ପାନେ ଦେବାପାଇଁ ଏଭଳି ଖେଳ ଚାଲିଥିବା କୁହାଯାଉଛି। କାରଣ ସାଂଗଠନିକ ସମ୍ପାଦକ ଧିରେ ଧିରେ ବୁଝିଗଲେଣି ଯେ ସନ୍ୟାସୀଙ୍କ ପାଇଁ କେବଳ ବିଜେଡି କ୍ଷମତାରୁ ଯାଇନାହିଁ, ତାଙ୍କ ରାଜନୈତିକ ଭବିଷ୍ୟତ ବି ଅନ୍ଧକାର ଭିତରକୁ ଠେଲିହୋଇ ଯାଇଛି। ତେଣୁ ଆପେ ବଞ୍ଚିଲେ ବାପ ନାଁ ଫର୍ମୁଲାରେ ସନ୍ୟାସୀଙ୍କ ବିରୋଧରେ ଗୋଟି ଚାଳନା ହେଉଥିବା କୁହାଯାଉଥିବାବେଳେ ଏହାଦ୍ୱାରା ବବିଙ୍କ କୋଟେରୀ କିଭଳି ଭୁଶୁଡୁଛି ତାହା ଉପରେ ଦୁଇ ଦଳର ନେତା ନଜର ରଖିଛନ୍ତି।

### ବଞ୍ଚିତ...

ନମ୍ବର ମଧ୍ୟରେ ସମନ୍ୱୟ ନ ଥିବାରୁ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସୁଭଦ୍ରା ଟଙ୍କା ପାଇ ନ ଥିବା ମହିଳା କିପରି ଟଙ୍କା ପାଇବେ ସେନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ଯୋଜନାରୁ ଯେମିତି ଜଣେ ହେଲେ ଯୋଗ୍ୟ ହିତାଧିକାରୀ ବାଦ୍ ପଡିବେନି ସେଥିପାଇଁ ସରକାର ଯତ୍ନବାନ ଅଛନ୍ତି। ପ୍ରାୟ ୫ ଲକ୍ଷ ଆବେଦନର ବ୍ୟାଙ୍କ ଆକାଉଣ୍ଟ, ଆଧାର ଓ ମୋବାଇଲ ନମ୍ବର ମଧ୍ୟରେ ସମନ୍ୱୟ ନାହିଁ। ତେଣୁ ସେମାନଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାରେ ଅସୁବିଧା ହେଉଛି। ତେଣୁ ସମସ୍ତେ ଗୋଟିଏ ଆକାଉଣ୍ଟ ସହ ଗୋଟିଏ ମୋବାଇଲ ନମ୍ବର ଯୋଡନ୍ତୁ ବୋଲି ନିବେଦନ କରିଛନ୍ତି ଉପମୁଖମନ୍ତ୍ରୀ। ଆସନ୍ତା ୨୪ ତାରିଖରେ ଯେଉଁମାନେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ଟଙ୍କା ପାଇବାରୁ ବଂଚିତ ହେବେ, ପୁନଃ ତଦନ୍ତ କରାଯାଇ, ସେମାନଙ୍କୁ ସାମିଲ କରାଯିବ। ଏହା ପରେବି ଯଦି କେହି ବଞ୍ଚିତ ହେଲେ ତେବେ ୨୪ ତାରିଖ ପରେ ଗାଁକୁ ଯିବ ଟିମ୍। ଅଙ୍ଗନବାଡ଼ି କର୍ମୀ ବ୍ୟକ୍ତିଗତ ଭାବେ ଯାଇ ଯାଞ୍ଚ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୨୪ ତାରିଖରେ ସୁନ୍ଦରଗଡ଼ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇ ତୃତୀୟ ପର୍ଯ୍ୟାୟ ଟଙ୍କା ଦିଆଯିବ। ପୂର୍ବରୁ ୧ କୋଟି ୨ ଲକ୍ଷ ମହିଳାଙ୍କୁ ଯୋଜନାରେ ସାମିଲ କରାଯିବାକୁ ସରକାର କହିଥିବା ବେଳେ ଏବେ ଆହୁରି ୨୦ ଲକ୍ଷ ହିତାଧିକାରୀଙ୍କୁ ଯୋଡ଼ାଯିବାର ଲକ୍ଷ୍ୟ ରହିଛି।

ବଳକା ସବୁ ଯୋଗ୍ୟ ମହିଳାଙ୍କୁ ଡିସେମ୍ବରରେ ପ୍ରଥମ କିସ୍ତି ଟଙ୍କା ମିଳିଯିବ। କେହି ଜଣେ ବି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ ନାହିଁ ବୋଲି ଆଶ୍ୱାସନା ଦେଇଛନ୍ତି ଶ୍ରୀମତୀ ପରିଡ଼ା। ବାରମ୍ବାର ଆବେଦନ କରି ସାମାନ୍ୟ ଭୁଲ ଭଟକା ପାଇଁ ଏହି ଯୋଜନାରୁ ବାଦ୍ ପଡ଼ିଛନ୍ତି ସେମାନେ ନିରାଶ ହେବାର କାରଣ ନାହିଁ। ଦୁଇଟି ପର୍ଯ୍ୟାୟରେ ଏପର୍ଯ୍ୟନ୍ତ ୬୦ ଲକ୍ଷ ୬୭ ହଜାର ମହିଳା ସୁଭଦ୍ରାରେ ସାମିଲ ହୋଇ ଟଙ୍କା ପାଇ ସାରିଛନ୍ତି।

### ଝାଡ଼ଖଣ୍ଡ...

ପୂର୍ଣ୍ଣିମା ଦାସ ସାହୁ। ପୂର୍ଣ୍ଣିମା ଜାମସେଦପୁର ଇଷ୍ଟରୁ ପ୍ରାର୍ଥୀ ହୋଇଛନ୍ତି। ଏଥର ୨୦ଲକ୍ଷରୁ ଅଧିକ ଓଡ଼ିଆ ଭୋଟର ନିର୍ଣ୍ଣାୟକ ସାଜିବେ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରାୟ ୧୩.୭ ନିୟୁତ ମତଦାତା ୧୫ ହଜାର ବୁଥ୍‌ରେ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଆସନ୍ତା ୨୦ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ କରାଯିବ।

### ନିଯୁକ୍ତି ...

ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ନୂଆ ଆଇନ ଅଣାଯାଇଛି। ଏହି ବିଲକୁ ଶୀତ ଅଧିବେଶନରେ ବିଧାନସଭାରେ ପାରିତ କରିବାରକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି 'ଓଡ଼ିଶା ପବ୍ଲିକ ଏକ୍ସଜାମିନେସନ(ପ୍ରିଭେନ୍ସନ୍ ଅଫ ଅନଫେୟାର ମିନସ) ଆକ୍ଟ-୨୦୨୪' କାର୍ଯ୍ୟକ୍ଷମ ହେଲେ, ସରକାରୀ ଚାକିରି ପାଇଁ ଚୟନ ପରୀକ୍ଷାରେ ବିଭିନ୍ନ ପ୍ରକାରର ଅନ୍ୟାୟ ଯଥା ମିଥ୍ୟା ପରିଚୟ ପ୍ରଦାନ, ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା ସଂକ୍ରାନ୍ତ ସୂଚନା ଲିକ୍, ପରୀକ୍ଷା ହଲ୍ ଭିତରକୁ ଅନଧିକୃତ ଲୋକଙ୍କ ପ୍ରବେଶ ନିଷେଧ ତଥ୍ୟା ବ୍ୟାଘାତ ସୃଷ୍ଟି ଆଦିକୁ ରୋକିବା ସହ ପରୀକ୍ଷାର ଅଖଣ୍ଡତା ବଜାୟ ରଖିବା ପାଇଁ ଏହି ବିଲ୍ ଅଣାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି ।

ଏହି ଆଇନରେ ସମସ୍ତ ଅପରାଧ, ଜାମିନବିହୀନ ହେବ। କୌଣସି ବ୍ୟକ୍ତି ପରୀକ୍ଷାରେ ଅନୁଚିତ୍ ଉପାୟ ଅବଲମ୍ବନ ଓ ଅପରାଧ କଲେ ତାଙ୍କୁ ୩ରୁ ୫ବର୍ଷ ଜେଲ୍ ଦଣ୍ଡ ଓ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରାଯିବ। ସେବାପ୍ରଦାନକାରୀ ମଧ୍ୟ ୧କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ। ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ତାଙ୍କଠୁ ଆଦାୟ କରାଯିବ। ଜୋରିମାନା ପଇଠରେ ବିଫଳ ହେଲେ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ବ୍ୟବସ୍ଥା ଅନୁସାରେ ଅତିରିକ୍ତ ଜେଲ୍ ଦଣ୍ଡ ଲାଗୁ କରାଯିବା ପାଇଁ ବ୍ୟବସ୍ଥା ରହିଛି।

ମତ୍ସ୍ୟ ଓ ପଶୁସମ୍ପଦର ବିକାଶ ସହ ଚାଷୀମାନଙ୍କୁ ଆର୍ଥିକ ସୁବିଧା ଯୋଗାଇ ଦେବାପାଇଁ ୨ ନୂଆ ଯୋଜନା ସହ ମୋଟ ୫ ଯୋଜନାରେ ୪୭୫୮.୭୬କୋଟି ଟଙ୍କା ବ୍ୟୟବରାଦ ପାଇଁ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ବାଜିଛି। ନୂଆ ଯୋଜନା 'ଗୋମାତା'ରେ ୩ବର୍ଷରେ ୩୪୨.୬୫କୋଟି ଟଙ୍କା ଓ ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା ଅନ୍ତର୍ଗତ 'କୁକୁଟ ଉନ୍ନୟନ' ଉପଯୋଜନାରେ ୫ବର୍ଷରେ ୧୦୩୧.୧୯କୋଟି ଟଙ୍କା ଖର୍ଚ୍ଚ କରିବାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' ଅନ୍ତର୍ଗତ ୧୭ଟି ଉପଯୋଜନାରେ ୨୨୩୯କୋଟି ଟଙ୍କା ବ୍ୟୟବରାଦକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୨୦୨୪-୨୫ରୁ ୨୦୨୮-୨୯ ମସିହା ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ ହେବ । ଏହି ଯୋଜନା ଦ୍ୱାରା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ରପ୍ତାନୀ ବୃଦ୍ଧି ମାଧ୍ୟମରେ ମତ୍ସ୍ୟଜୀବୀଙ୍କ ଆୟ ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ଆଗାମୀ ୫ବର୍ଷରେ ୬,୬୭,୫୦୦ ମତ୍ସ୍ୟଜୀବୀ ଓ ୭,୩୨,୫୦୦ ମହିଳା ଏସ୍‌ଏଚ୍‌ଜିଙ୍କ ସମେତ ମୋଟ ୧୪ଲକ୍ଷ ମତ୍ସ୍ୟଜୀବୀ ଉପକୃତ ହେବେ।'ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ' ସମ୍ପ୍ରସାରଣକୁ ମଧ୍ୟ ଅନୁମୋଦନ ମିଳିଛି । ଏହି କାର୍ଯ୍ୟକ୍ରମରେ ୫ବର୍ଷ ମଧ୍ୟରେ ୯୬୫୨.୨୪କୋଟି ଟଙ୍କା ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି । ୬୪୩୫ହେକ୍ଟର ସେଚାଂଚଳର ସୁଦୃଢ଼ୀକରଣ ସହିତ ୧୫୮୩୧୮ ହେକ୍ଟର ଅତିରିକ୍ତ ସେଚାଂଚଳ ସୃଷ୍ଟି କରାଯାଇ ରାଜ୍ୟରେ ଜଳସେଚନ ବିକାଶକୁ ତ୍ୱରାନ୍ୱିତ କରାଯିବ। ଏହି ଯୋଜନାରେ ନୂଆ ଜଳସେଚନ ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ, ସର୍ଭେ ଓ ଅନୁସନ୍ଧାନ ତଥା ପର୍ଯ୍ୟାପ୍ତ ପାଣିର ବ୍ୟବସ୍ଥା ସହିତ ନିର୍ମାଣାଧୀନ ଜଳସେଚନ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଦିଷ୍ଟ ଅବଧିରେ ସମ୍ପୂର୍ଣ୍ଣ କରିବାରେ ସହାୟକ ହେବ। ବନ୍ୟା ଓ ମରୁଡ଼ି ପରିସ୍ଥିତିକୁ ନିୟନ୍ତ୍ରଣ କରାଯିବା ସହିତ କୃଷକମାନଙ୍କୁ ପର୍ଯ୍ୟାୟକ୍ରମେ ଜଳ ଯୋଗାଇବା ସମ୍ଭବପର ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଅଦରକାରୀ କାଗଜରୁ ନିଆରା ଡଙ୍ଗା



## କାର୍ତ୍ତିକ ପୂର୍ଣ୍ଣିମା ଆସିଲେ ଡଙ୍ଗା ତିଆରି କରି ପରିବାର ପ୍ରତିପୋଷଣ କରନ୍ତି ଦିବ୍ୟାଙ୍ଗ ରାଜେନ୍ଦ୍ର

**କାକଟପୁର/ଅସ୍ତରଙ୍ଗ, ୧୩।୧୧ (ସଂଚାର ବ୍ୟୁରୋ):** କାର୍ତ୍ତିକ ପୂର୍ଣ୍ଣିମା ଆସିଲେ ହିନ୍ଦୁ ଧର୍ମରେ ଡ଼ଙ୍ଗା ଭସାଯାଏ । ବିଭିନ୍ନ ପ୍ରକାରର ଡ଼ଙ୍ଗା ବଜାରକୁ ଆସେ । ସୋଲ ଡ଼ଙ୍ଗା, କାଗଜ ଡ଼ଙ୍ଗା ସହ ବିଭିନ୍ନ କଳାକୃତି ମାନ କରାଯାଇଥାଏ । ଯାହାକୁ ଗ୍ରାହକ ମାନେ ବେଶ ପସନ୍ଦ କରିଥାନ୍ତି । ଏବେ ଡ଼ଙ୍ଗା ତିଆରିରେ ବ୍ୟସ୍ତ ଅଛନ୍ତି ପୁରୀ ଜିଲ୍ଲା କାକଟପୁର ବ୍ଲକ ହାଟସାହିର ଦିବ୍ୟାଙ୍ଗ ରାଜେନ୍ଦ୍ର ଚାନ୍ଦ ।
କାକଟପୁର ବ୍ଲକ ହାଟସାହି ଅଂଚଳରେ ଜଣେ ଦିବ୍ୟାଙ୍ଗ ଡ଼ଙ୍ଗା ତିଆରି କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି ଦିବ୍ୟାଙ୍ଗ ରାଜେନ୍ଦ୍ର ଚାନ୍ଦ । ସେ ଜନ୍ମରୁ ଦିବ୍ୟାଙ୍ଗ। ପରିବାର କହିଲେ ମା, ସ୍ତ୍ରୀ ଓ ଛୋଟ ଝିଅ । କାର୍ତ୍ତିକ ପୂର୍ଣ୍ଣିମା ଆସିବା ଆଗରୁ ଦୀର୍ଘ ଚାରି ମାସଆଗରୁ ଲାଗି ପଡନ୍ତି ଏହି କାଗଜ ଡଙ୍ଗା ତିଆରି କାର୍ଯ୍ୟରେ । ପେଟି କାଟିବା କାଗଜକୁ ହାତତିଆରି ଅଠାରେ ଯୋଡିବା, ବିଭିନ୍ନ ରଙ୍ଗ ବେରଙ୍ଗର କାଗଜ ଦେବା ଭଳି ଅନେକ ବେଶରେ ଶେଷରେ ବୋଇତ, ମୟୁର, ହଂସ, ନାଉରି ଓ ଘର ଡଙ୍ଗାରେ ଅନେକ ରୂପ ଦିଅନ୍ତି । ଜଣେ ଦିବ୍ୟାଙ୍ଗ ହୋଇ ମଧ୍ୟ ସେ ଜଣେ ସକ୍ଷମର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି କାର୍ଯ୍ୟରେ ତାଙ୍କୁ ତାଙ୍କ ପରିବାର ସାହାଯ୍ୟ କରିଥାନ୍ତି। ତାଙ୍କ ଦ୍ୱାରା ନିର୍ମିତ ଡ଼ଙ୍ଗା କାକଟପୁର, ଅସ୍ତରଙ୍ଗ, ନିମାପଡା ସହ ଅନେକ ଅଞ୍ଚଳ ବ୍ୟବସାୟୀ କିଣି ବଜାରରେ ବିକ୍ରି କରିଥାନ୍ତି ।

ରାଜେନ୍ଦ୍ର ମା କହିଛନ୍ତି ବର୍ଷକୁ ଥରେ ଏହି ପର୍ବ ଆସେ ଯେଉଁ ବ୍ୟବସାୟୀ ପାଇଁ ଅକ୍ଳାନ୍ତ ପରିଶ୍ରମ କରନ୍ତି ଦିବ୍ୟାଙ୍ଗ ରାଜେନ୍ଦ୍ର । ପ୍ରଥମେ ଏହି ବ୍ୟବସାୟ ରାଜେନ୍ଦ୍ର ଜେଜେ କରୁଥିଲେ । ପରେ ତାଙ୍କ ବାପା, ବାପାଙ୍କ ଦେହାନ୍ତ ପରେ ଆଉ ଘରେ ନ ବସି ନିଜ ପରିବାର ଆର୍ଥିକ ସମସ୍ୟା ସୁଧାର ଆଣିବାକୁ ଲାଗିପଡିଛନ୍ତି ରାଜେନ୍ଦ୍ର ଚାନ୍ଦ । ସବୁଠୁ ସ୍ୱତନ୍ତ୍ର କଥା ହେଉଛି ଆମେମାନେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟକୁ ବ୍ୟବହାର କରି ତାର ଖୋଳ ଫିଙ୍ଗିଦେଇଥାଉ । ସେ ଓ ତାଙ୍କ ମା କାଗଜ ପେଟି ଓ ଖୋଳ ସଂଗ୍ରହ କରିଥାନ୍ତି କହିବାକୁ ଗଲେ ଧୂପକାଠି ଖୋଳ, ମଶା ଧୂପଖୋଳ, ଚୁଡ଼ି ଖୋଳ ଏ ସବୁ କାଗଜ ଖୋଳ ସଂଗ୍ରହ କରି ଏହାକୁ ଡ଼ଙ୍ଗା ତିଆରି କାର୍ଯ୍ୟରେ ବ୍ୟବହାର କରିଥାନ୍ତି।

ସରକାରୀ ସହାୟତା କହିଲେ କେବଳ ଦିବ୍ୟାଙ୍ଗ ଭତ୍ତା ବ୍ୟତୀତ ଆଉ କିଛି ନାହିଁ । ତେବେ ଦିବ୍ୟାଙ୍ଗ ହୋଇ ମଧ୍ୟ ଜୀବନ ଯୁଦ୍ଧରେ ହାରିନାହାନ୍ତି। ଏହି ଅଦରକାରୀ କାଗଜରୁ ସୁନ୍ଦର ସୁନ୍ଦର ଡଙ୍ଗା ତିଆରିକରି ବେଶ ଦି'ପଇସା ରୋଜଗାର କରିପାରୁଛନ୍ତି । ଏହି ସୁନ୍ଦର ଡଙ୍ଗାରର ଚାହିଦା କଟକ, ଭୁବନେଶ୍ୱରରୁ ବଡ଼ ବଡ଼ ବେପାରୀ ଆସି ରାଜେନ୍ଦ୍ରର ଡଙ୍ଗାକୁ ବ୍ୟବସାୟୀମାନେ ଅନେକ ଆଗ୍ରହରେ ତାଙ୍କ ଠାରୁ କିଣି ନେଇଥାନ୍ତି ।

ଏଭଳି ଅବସ୍ଥାରେ ବି ନିଜକୁ ଅସହାୟ ଓ ଦୁର୍ବଳ ଭାବିନାହାନ୍ତି ରାଜେନ୍ଦ୍ର । ଅନ୍ୟମାନଙ୍କ ପାଇଁ ରାଜେନ୍ଦ୍ର ପ୍ରେରଣା ଉତ୍ସ ପାଲଟିଛନ୍ତି।

# ଅବକାରୀ ଗୁଇନ୍ଦା ବିଭାଗ କବଜାରେ ଗଞ୍ଜେଇ ବେପାରୀ



## ୫ ଗିରଫ, କାର୍, ବାଇକ୍ ସହ ୫ ମୋବାଇଲ ଜବତ

**ବ୍ରହ୍ମପୁର, ୧୩।୧୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ କବଜାରେ ପଡିଛନ୍ତି ଗଞ୍ଜେଇ ବେପାରୀ। ସହର ନିକଟ ବଡକୁଶତୋଳି ସ୍ଥିତ ମୁଖ୍ୟ ରାସ୍ତାରେ ପାଟ୍ରୋଲିଂ ଏବଂ ଯାଞ୍ଚ ବେଳେ ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବାରେ ଅବକାରୀ ଗୁଇନ୍ଦା ବିଭାଗ ସଫଳ ହୋଇଛି। ଯାଞ୍ଚ ବେଳେ ଏକ କାରରୁ ୩୪ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୫ ଜଣଙ୍କୁ ଗିରଫ କରାଯିବା ସହ ଗୋଟିଏ କାର ଏବଂ ଗୋଟିଏ ପୋଲସର ବାଇକ୍, ୫ଟି ମୋବାଇଲ ଜବତ୍ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ହେଉଥିବା କାରକୁ ଏକ ପଲସର ବାଇକ୍ ଏସକର୍ଟ କରି ନେଉଥିବା ବେଳେ କାବୁ କରିବାରେ ସଫଳ ହୋଇଥିଲେ ପାଟ୍ରୋଲିଂରେ ନିୟୋଜିତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ। ପରେ ମୁଖ୍ୟ ଅଭିଯୁକ୍ତ ପ୍ରକାଶ ପ୍ରଧାନ କନ୍ଧମାଳର ବାଲିଗୁଡାରୁ ଗଞ୍ଜେଇ କିଣି ବଲୋଗଡ଼କୁ ଚାଲାଣ କରୁଥିବା ଜଣାପଡିଥିଲା। ଅନ୍ୟ ଅଭିଯୁକ୍ତମାନେ ହେଲେ କନ୍ଧମାଳର ସାରଥୀ କର(୩୨),ବଲାଙ୍ଗୀରର ପୂର୍ଣ୍ଣଚନ୍ଦ୍ର ଭରସାଗର(୩୦), ଗାଙ୍ଗପୁରର ପଞ୍ଚାନନ ବେହେରା(୨୭), ବ୍ରହ୍ମପୁର ଗୋଶାଣିନୁଆଗାଁର ଗୌତମ ପ୍ରଧାନ(୨୬) । ଜବତ୍ ଗଂଜେଇ ଏବଂ ଗାଡିର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ୮୦ ହଜାର ଟଙ୍କା ହେବା ନେଇ ଆକଳନ କରାଯାଇଛି। ଏହି ମାମଲାର ସଠିକ୍ ତଦନ୍ତ ପାଇଁ ତଦନ୍ତକାରୀ ଅଧିକାରୀ (ଆଇ.ଓ) ତଥା ଉପ ନିରୀକ୍ଷକ ଅଜିତ୍ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଅବକାରୀ ବିଭାଗର ଉପ ଅଧିକ୍ଷକ ଶୃତିକାନ୍ତ ରାଉତ ସୂଚନା ଦେଇଛନ୍ତି।

## ଲୁଟେରାଙ୍କ ଟାର୍ଗେଟରେ ମନ୍ଦିର

# ଭାଙ୍ଗିଲେ ହୁଣ୍ଡି, ଲୁଟିଲେ ଲକ୍ଷାଧିକ ଟଙ୍କା



**ବ୍ରହ୍ମପୁର, ୧୩।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ଗତ କିଛି ଦିନ ଧରି ଲୁଟେରାଙ୍କ ରାଜ୍ ଦେଖିବାକୁ ମିଳିଛି। ନିକଟରେ ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା'ତାରାତାରିଣୀଙ୍କ ମନ୍ଦିର ଦାନହୁଣ୍ଡି ଭାଙ୍ଗି ଲୁଟେରା ମାନେ ଲୁଟ୍ କରିବା ପରେ ଖଲ୍ଲିକୋଟ ଓ ଆସିକା ଅଞ୍ଚଳର ମନ୍ଦିର ଦାନହୁଣ୍ଡି ଭାଙ୍ଗି ଲୁଟେରା ଗ୍ୟାଙ୍ଗ ଲୁଟ୍ କରି ଫେରାର ହେବାରେ ସକ୍ଷମ ହୋଇଥିଲେ । ଏବେ ପୁଣି ଜିଲ୍ଲାର ହିଂଜିଳିକାଟୁ ଅଞ୍ଚଳରୁ ସମାନ ଘଟଣା ଘଟିଥିବା ଖବର ସାମ୍ନାକୁ ଆସିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟେରା ଗ୍ୟାଙ୍ଗ ହିଞ୍ଜିଳିକାଟୁ ପୌରାଞ୍ଚଳ ଘୋଡାହାଡ ନଦୀ ନିକଟରେ ଥିବା ହୋଲସେଲ ପରିବା ବଜାର ପରିସର ରାଧାକୃଷ୍ଣ ମନ୍ଦିରରେ କଳା କନା ବୁଲାଇଥିବା ଅଭିଯୋଗ ହୋଇଛି। ମନ୍ଦିରର ଦାନହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍ କରି ଫେରାର ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ଏହି ରାଧାକୃଷ୍ଣ ମନ୍ଦିରକୁ ପ୍ରତିଦିନ ପରି ମଙ୍ଗଳବାର ମଧ୍ୟ ରାତ୍ର ସମୟରେ ମନ୍ଦିର ପୂଜକ ପୂଜାର୍ଚ୍ଚନା ଓ ଭୋଗରାଗ ପରେ ମନ୍ଦିର ପହଡ କରି ମନ୍ଦିର ଦ୍ୱାରରେ ଚାବି ପକାଇ ଘରକୁ ଫେରିଥିଲେ। ବୁଧବାର ଭୋରରୁ ପୂଜକ ମନ୍ଦିର ଖୋଲିବା ବେଳେ ମନ୍ଦିର ଦାନହୁଣ୍ଡି ନଥିବା ଦେଖିବାକୁ ପାଇଥିଲେ। ଘଟଣା ନେଇ ପୂଜକ ଜଣକ ମନ୍ଦିର ପରିଚାଳନା କମିଟିଙ୍କୁ ଜଣାଇଥିଲେ। ପରେ ମନ୍ଦିର ପରିଚାଳନା କମିଟି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମନ୍ଦିର ନିକଟସ୍ଥ ଅଞ୍ଚଳରେ ଦାନହୁଣ୍ଡି ଭାଙ୍ଗି ପଡିଥିବା ଦେଖିବାକୁ ପାଇଥିଲେ। ସଂପୃକ୍ତ ସ୍ଥାନରେ କିଛି ଖୁଚୁରା ପଇସା ପଡିଥିବା ଦେଖିବାକୁ ମିଳିଥିଲା। ଦାନହୁଣ୍ଡିରେ କେତେ ଟଙ୍କା ରହିଥିଲା ସଠିକ୍ ଆକଳନ କରାଯାଇନଥିଲେ ମଧ୍ୟ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦାନହୁଣ୍ଡି ଖୋଲାଯାଇ ନଥିବାରୁ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରହିଥିବା ଅନୁମାନ କରାଯାଉଛି। ଘଟଣା ନେଇ ମନ୍ଦିର ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ଗୌଡ ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ସରଜମିନ ତଦନ୍ତ ଆରମ୍ଭ କରିବା ସହ ମନ୍ଦିରର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୯୪୩/୨୪ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି।

# ଜୁଆ ଖେଳିବା ଅଭିଯୋଗରେ ୩ କୋର୍ଟ ଚାଲାଣ

**ବାଲିଅନ୍ତା, ୧୩।୧୧ (ସଂଚାର ବ୍ୟୁରୋ):** ଭାର୍ଗବୀ ନଦୀକୂଳରେ ଥିବା ମା ମାଟି ହାଣ୍ଡିଶାଳ ନିକଟରେ ବହୁତ୍ ଦିନରୁ ବେଆଇନ ଭାବେ ଜୁଆ ଖେଳ ହେଉଥିଲା ଖବର ପାଇ ବାଲିଅନ୍ତା ଥାନାର ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଙ୍ଗ ଟିମ ନିଜ ଅଞ୍ଚଳରେ ସନ୍ଧ୍ୟାକାଳୀନ ପାଟ୍ରୋଲିଙ୍ଗ କରୁଥିବା ବେଳେ ଭାର୍ଗବୀ ନଦୀକୂଳରେ ଥିବା ମା ମାଟି ହାଣ୍ଡିଶାଳ ନିକଟରେ ବେଆଇନ ଜୁଆ ଖେଳ ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ଏହି ସୂଚନା ଆଧାରରେ ପାଟ୍ରୋଲିଂ ଟିମ ଘଟଣା ସ୍ଥଳରେ ପହଞ୍ଚି ଅତର୍କିତ ଚଢଉ କରି ୩ ଜଣ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଅନ୍ୟ କିଛି ଅଭିଯୁକ୍ତ ସେଠାରୁ ଖସି ପଳାଇ ଯାଇଥିଲେ। ଧରାପଡିଥିବା ଅପରାଧିମାନେ ହେଲେ କିଶୋର ଚନ୍ଦ୍ର ସାହୁ, ପ୍ରଦୀପ୍ତ କୁମାର ସାହୁ, ପ୍ରଭାତ କୁମାର ସାହୁ। ସେମାନେ ସ୍ଥାନୀୟ ବାଳକାଟି ବାସିନ୍ଦା ଅଟନ୍ତି । ପୁଲିସ୍ ଯାଞ୍ଚ କରିବା ସମୟରେ ଅଭିଯୁକ୍ତ ମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ, ୫୨ଟି ତାସ ପତା, ଗୋଟିଏ ପଲିଥିନ ଦରି ଏବଂ ୭,୮୦୦ ଟଙ୍କା ଜବତ କରିଛନ୍ତି । ବାଲିଅନ୍ତା ପୋଲିସ୍ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।



# ଦେଶୀ ମଦ ଜବତ, ଜଣେ କୋର୍ଟ ଚାଲାଣ



**କୋଣାର୍କ, ୧୩।୧୧ (ସଂଚାର ବ୍ୟୁରୋ):** କୋଣାର୍କ ଅବକାରୀ ପୋଲିସ୍ ପକ୍ଷରୁ ବୁଧବାର ପୁରୀ କୋଣାର୍କ ମେରାଇନ ଡ୍ରାଇଭ୍ ରାସ୍ତା ଟିକନା ଛକ ନିକଟରେ ଚଢାଉ କରି ବେଆଇନ୍ ଦେଶୀ ମଦ ବିକୁଥିବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ କୋଣାର୍କ ଅବକାରୀ ଅଧିକାରୀ ମନୋଜ କୁମାର ପୂର୍ସେଟଙ୍କ ନେତୃତ୍ୱରେ ଏକ ଟିମ୍ ବେଆଇନ ଦେଶୀ ମଦ କାରବାର କରୁଥିବା ଖବର ପାଇ ଟିକନା ଛକ ନିକଟରେ ଚଢାଉ କରିଥିଲେ। ୧୦ଲିଟର ଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତ ସର୍ବେଶ୍ୱର ରାଉତଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ଥାନା ପକ୍ଷରୁ ୭୪/୨୪-୨୫ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଚଢାଉ ସମୟରେ ଅବକାରୀ କର୍ମଚାରୀ ଶେଖ୍ ୱାରିସ ଓ ମମତା ସାହୁ ଉପସ୍ଥିତ ଥିଲେ।

# ଅନ୍ଧାର ହେଲେ ଚାଲେ କାଠ ମାଫିଆଙ୍କ ରାଜ୍

## ପ୍ରଶାସନ ସାଜିଛି ନିରବଦ୍ରଷ୍ଟା



**ନାଉଗାଁ, ୧୩।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ପରିବେଶକୁ ସୁରକ୍ଷା ଦେବାପାଇଁ ବୃକ୍ଷ ରୋପଣ କରିବା ସହିତ ବେଆଇନ ଭାବରେ ଗଛ କାଟିବା ଉପରେ ଅଙ୍କୁଶ ଲଗାଇଛନ୍ତି। ପରିବେଶର ସୁରକ୍ଷା ଦୃଷ୍ଟି କୋଣରୁ ପ୍ରତେକ ଲୋକ ଗଛ ଟିଏ ଲଗାଇବା ପାଇଁ ଚାଲିଛି ପ୍ରୟାସ। ହେଲେ ସରକାରଙ୍କ ପକ୍ଷରୁ ପରିବେଶ ସୁରକ୍ଷାକୁ ନେଇ ପ୍ରଚେଷ୍ଟା ଜାରି ରହିଥିବା ବେଳେ ବନବିଭାଗର ଅପାରଗତା ପାଇଁ ଦୈନିକ ଶହ ଶହ ଗଛ ଅବାଧରେ କଟାଯାଉଅଛି। କିନ୍ତୁ ବନବିଭାଗ ନିଦା ବିଷ୍ଣୁ ସାଜିଛି।

ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଦୈନିକ ଦାମୀ ଦାମୀ ଗଛମାନ ଚୋରା କାଠ ବ୍ୟବସାୟୀମାନେ କାଟି ନିଜର ପକେଟ ଗରମ କରିବା ସହିତ ଏହି କାଠକୁ ନାଉଗାଁ ଶିଖର ଘାଟ ପୋଲ ଦେଇ ପୁରୀ ଓ କଟକ ଜିଲ୍ଲାକୁ ଚୋରା ଚାଲାଣ କରୁଛନ୍ତି। ଏହି ଚୋରା କାଠମାନ ପ୍ରତ୍ୟେକ ଦିନ ରାତ୍ର ଅନ୍ଧାରରେ ପ୍ରାୟ କୋଡିଏରୁ ତିରିଶ ଗାଡି କାଠ ଟ୍ରାକ୍ଟର ମାଧ୍ୟମରେ ଚୋରା ଚାଲାଣ ହେଉଛି। କିନ୍ତୁ ବନବିଭାଗ ଠାରୁ ଆରମ୍ଭ କରି ସ୍ଥାନୀୟ ପୋଲିସ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଏହି ଦୃଶ୍ୟ କୁ ଦେଖି ଅଣଦେଖା କରୁଛନ୍ତି। କାରଣ ଏହି ଚୋରା କାଠ ବ୍ୟବସାୟୀ ମାନଙ୍କ କାଠ ଗାଡିକୁ ଏପଟେ ଛାଡିବା ପାଇଁ କୁଆଡେ ବନବିଭାଗ ଓ ପୋଲିସ ବାବୁମାନଙ୍କ ସହିତ ଆଗରୁ ମୋଟା ଅଙ୍କରେ ଡିଲ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

ତେବେ ଯଦି ଏହିପରି ଭାବରେ ଦୈନିକ ଶହ ଶହ ଗଛ କଟାଯାଇ ସେହି କାଠକୁ ଚୋରା ଚାଲାଣ କରାଯିବ ତେବେ ସରକାର ନେଇଥିବା ପଦକ୍ଷେପ ବେକାର ହୋଇଯିବା ସହିତ ସମ୍ପୂର୍ଣ୍ଣ ଭାବରେ ପରିବେଶ ନଷ୍ଟ ହୋଇଯିବ। ତେଣୁ ଏହି ଘଟଣା ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଜିଲ୍ଲପାଳଙ୍କୁ ଭେଟିଲେ ରାହାସୋଇ ପୀଡିତା

# ଯେତେ ଆକ୍ରମଣ କଲେ ମଧ୍ୟ ଦୁର୍ନୀତି ପଦାକୁ ଆଣିବି



**ଯାଜପୁର, ୧୩।୧୧ (ସଂଚାର ବ୍ୟୁରୋ):** ସ୍ୱାମୀ ସୂଚନା ଅଧିକାର ବଳରେ ତଥ୍ୟ ମାଗିଥିବା ବେଳେ ସ୍ତ୍ରୀକୁ ସଂଘବଧ ଆକ୍ରମଣ ହୋଇଥିଲା। ତେବେ ଏହି ଘଟଣା ଚର୍ଚ୍ଚାରେ ଥିବା ବେଳେ ୩ ଜଣ ଗିରଫ ହୋଇଥିବା ବେଳେ ଆଜି ଉଭୟ ଦମ୍ପତି ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ପଞ୍ଚାୟତ ଶହଶହ ଦୁର୍ନୀତିର ତଦନ୍ତ କରିବାକୁ ଅନୁରୋଧ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି। ସୂଚନା ଅନୁସାରେ ଦଶରଥପୁର ବ୍ଲକ ରାହାସୋଇ ପଞ୍ଚାୟତରେ ମନରେଗା, ୫ଟି ସ୍କୁଲ ନିର୍ମାଣ ସହ ବିଭିନ୍ନ ପ୍ରକଳ୍ପ ନିର୍ମାଣରେ ମନଇଚ୍ଛା କୋଟିକୋଟି ଟଙ୍କାର ଦୁର୍ନୀତି ହୋଇଛି। ଯାହାକୁ କି ଉକ୍ତ ପଞ୍ଚାୟତ ସୂଚନା ଅଧିକାର କର୍ମୀ ଅଶୋକ ପତି ବାରମ୍ବାର ଆରଟିଆଇ ଜରିଆରେ ତଥ୍ୟ ମାଗିବା ସହ ଦୁର୍ନୀତି ବିରୋଧ ସ୍ୱର ଉଠାଇଥାନ୍ତି। ତେବେ ଏହାର ପରିମାଣରେ ଦୁର୍ନୀତିରେ ଲିପ୍ତ ଥିବା ସରପଞ୍ଚଙ୍କ ସ୍ୱାମୀ ଏବଂ ଅନ୍ୟ ଲୋକମାନେ ଏକତ୍ରିତ ହୋଇ ଆକ୍ରମଣ କରିଥିଲେ। ଯାହାକି ଅଶୋକଙ୍କ ପତ୍ନୀ ଲଳିତା ପତିଙ୍କୁ ନିର୍ମମ ଭାବେ ମାଡ ମାରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହିଘଟଣାରେ ପୁଲିସ ତଦନ୍ତ ଜାରି ଥିବା ବେଳେ ଆଜି ଉଭୟ ଦମ୍ପତି ଜିଲ୍ଲପାଳଙ୍କୁ ଭେଟି ରାହାସୋଇ ପଞ୍ଚାୟତରେ ହୋଇଥିବା କୋଟି କୋଟି ଟଙ୍କାର ଦୁର୍ନୀତିକୁ ପୁନଃ ତଦନ୍ତ କରିବାକୁ ଅନୁରୋଧ କରିଛନ୍ତି। ପୂର୍ବରୁ ବହୁ ବାର ଅଭିଯୋଗ ପରେ କିଛିଟା କାର୍ଯ୍ୟର ତଦନ୍ତ ହୋଇଥିଲେ ମଧ୍ୟ ତାହାର ରିପୋର୍ଟ ସାର୍ବଜନୀନ ହୋଇନି କି କାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ଦମ୍ପତି ଜଣକ ମାଡ ଖାଇବୁ ପଛେ ଦୁର୍ନୀତିକୁ ପ୍ରଶୟ ନଦେବା ଜିଦରେ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସଂପର୍କରେ ଅବଗତ କରାଇଛନ୍ତି। ଏପରିକି ମାଡ ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପତ୍ର ଜରିଆରେ ଅଭିଯୋଗ କରିଛନ୍ତି।

# ଅସ୍ତରଙ୍ଗ ବ୍ଲକସ୍ତରୀୟ ବିଜ୍ଞାନ ମେଳା

**ଅସ୍ତରଙ୍ଗ, ୧୩।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଶିକ୍ଷା ମଣ୍ଡଳ ପକ୍ଷରୁ ୩୩ତମ ବ୍ଲକ୍ ସ୍ତରୀୟ ବିଜ୍ଞାନ ମେଳା ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ



ବ୍ଲକ୍ ଟପର ହୋଇଥିବା ଶୁଭମ୍ ସାହୁ ଓ ଅର୍ଜିତ ଦିବ୍ୟଦର୍ଶନ ଦାସଙ୍କ ଦ୍ୱାରା ପ୍ରକଳ୍ପ ଉଦଘାଟନ ହୋଇଥିଲା। ମୁଖ୍ୟଅତିଥି ଭାବେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ବୈଜ୍ଞାନିକ ତଥା ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ନୂଆଦିଲ୍ଲୀର ଶଙ୍କର କୁମାର ଜେନା, ସଂମ୍ମାନିତ ଅତିଥି ଭାବେ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସହ ମଣ୍ଡଳ ଶିକ୍ଷା ଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ ଯୋଗଦେଇଥିବା ବେଳେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପରିଡା। ଆଜିର ବାଳ ବିଜ୍ଞାନୀ ପ୍ରଦର୍ଶନ କ୍ଷେତ୍ରରେ ବ୍ଲକର ମୋଟ ଉଚ୍ଚ ବିଦ୍ୟାଳୟ ୨୨ଗୋଟି , ପ୍ରାଥମିକ, ନିମ୍ନ ମାଧ୍ୟମିକ ମିଶି ୧୦୦ ଗୋଟି , ଆଦର୍ଶ ବିଦ୍ୟାଳୟର ଗୋଟିଏ ସହ ୧୦୫ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶିଶୁ ବିଜ୍ଞାନୀ ମାନେ ଭିନ୍ନ ଭିନ୍ନ ପ୍ରକଳ୍ପ ଆଣି ପ୍ରଦର୍ଶିତ କରିଥିଲେ। ଏଥିମଧ୍ୟରୁ ବିଚାରଙ୍କ ଦ୍ୱାରା ୭ ଗୋଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ କରାଯିବ ବୋଲି କହିଛନ୍ତି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବେହେରା ।

ଏହି ବିଜ୍ଞାନ ମେଳାରେ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ପରିଡା, ପ୍ରିୟବ୍ରତ ପରିଡା , ରବୀନ୍ଦ୍ର କୁମାର ପରିଡା,ତରୁଣ କୁମାର ନାୟକ, ଗଣେଶ ନାୟକ, ପ୍ରିୟଦର୍ଶିନୀ ବିଶ୍ୱାଳ, ମଙ୍ଗୁଳି ଚରଣ ଦାସ , ଅର୍ଚ୍ଚନା ଶତପଥୀ ଓ ପ୍ରକଳ୍ପ ପଞ୍ଜିକରଣ କାରିଣୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବିଶ୍ୱାଳ ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ସନ୍ତୋଷ କୁମାର ସ୍ୱାଇଁ ସଂଯୋଜନା କରିଥିଲେ ଏବଂ ଶେଷରେ ବିଚାରକ ମଣ୍ଡଳୀ ଦ୍ୱାରା ରାଇକଣା ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟର ମଧୁସ୍ମିତା ନାୟକ ପ୍ରଥମ, ଦ୍ୱିତୀୟରେ ସୁରେନ୍ଦ୍ର ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାର୍ଥ ସାରଥୀ ବିଶ୍ୱାଳ, ୩ୟରେ ଶ୍ରୀ ଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାନ୍ତିଲୋର ଅଜିତି ସାହୁ , ୪ ର୍ଥରେ ବେଳାଭୂମି ଉଚ୍ଚ ବିଦ୍ୟାଳୟର ଦେବସ୍ମିତା ବାରିକ ଏହିପରି ୭ ଗୋଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ସୂଚନା ମିଳିଛି ।

# ବୃହତ ପାନୀୟ ପ୍ରକଳ୍ପକୁ ମଞ୍ଜୁରି ଦିଆନଯାଉ



**ଖୋର୍ଦ୍ଧା, ୧୩।୧୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଅଞ୍ଚଳରେ ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ଶିଳ୍ପାନୁଷ୍ଠାନ ଗଢି ଉଠିଛି। ବିଭିନ୍ନ ଶିଳ୍ପରୁ ନିର୍ଗତ ହେଉଥିବା ପ୍ରଦୁ୍ୟଷିତ ବାୟୁ ଓ ଜଳ ଦ୍ୱାରା ଖୋର୍ଦ୍ଧା ଅଞ୍ଚଳବାସୀ ଆକ୍ରାନ୍ତ ହେଉଛନ୍ତି। ଏଠି ଅନେକ ଶିଳ୍ପାଞ୍ଚଳ ଗଢି ଉଠିଥିଲେ ମଧ୍ୟ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ମିଳୁନାହିଁ। ଜମି ପାଣି ପବନ ବ୍ୟବହାର କରି ଶିଳ୍ପାନୁଷ୍ଠାନ ଗୁଡିକ ମୁନାଫା କମାଉଥିବାବେଳେ ଅଞ୍ଚଳ ଓ ଅଞ୍ଚଳବାସୀ ଯୋଉ ଗରିବକୁ ସେଇ ଗରିବ ହୋଇ ରହିଛନ୍ତି । ଖୋର୍ଦ୍ଧା ଅଞ୍ଚଳର ସବୁଠାରୁ ବଡ଼ ସମସ୍ୟା ହେଉଛି ପାନୀୟଜଳ। ଏହାର ପ୍ରମୁଖ କାରଣ ହେଉଛି ଖୋର୍ଦ୍ଧା ଅଞ୍ଚଳରେ ଅନେକ ପାନୀୟ ପ୍ରକଳ୍ପ ଗଢି ଉଠିଛି। ସେହି ପାନୀୟ ପ୍ରକଳ୍ପ ଗୁଡିକ ଗଭୀର ବୋରିଂ କରି ଜଳ ବ୍ୟବହାର କରିବା ଦ୍ୱାରା ଭୂତଳ ଜଳସ୍ତର ହ୍ରାସ ପାଉଛି। ଜଳର ଆବଶ୍ୟକତା ମେଣ୍ଟାଇବା ପାଇଁ ଶିଳ୍ପାନୁଷ୍ଠାନ ଗୁଡିକ ଖୋର୍ଦ୍ଧା ସହର ଏବଂ ଏହାର ଆଖ ପାଖ ଅଞ୍ଚଳରେ ଥିବା ପୋଖରୀ, ଚୁଆ ତଥା ଜଳାଶୟ ଗୁଡିକରୁ ପାଣି ନେଇ ବ୍ୟବହାର କରୁଛନ୍ତି। ଯାହାଫଳରେ ଜମିର ଆଦ୍ରତା କମିଯିବାରୁ ଚାଷ ଜମି ଗୁଡିକରୁ ପାଣି ଶୁଖିଯାଉଛି। ଏହାଦ୍ୱାରା ଚାଷୀ ମାନଙ୍କ ଚାଷ ପ୍ରଭାବିତ ହେଉଛି। ୱାଟକୋ ପକ୍ଷରୁ ଚବିଶ ଘଣ୍ଟିଆ ଜଳ ଯୋଗାଣ ସ୍ଲୋଗାନ ଏକ ପ୍ରହସନ ପାଲଟିଛି। ପାଣି ପାଇଁ ସ୍ଥାନୀୟ ଅଧିବାସୀ ନାହିଁ ନଥିବା ହନ୍ତସନ୍ତ ହେଉଥିବାବେଳେ ସରକାର ପୁଣି ଦୁଇଟି ବୃହତ ପାନୀୟ ପ୍ରକଳ୍ପକୁ ସିଙ୍ଗିଲ ଉଇଣ୍ଡୋ କର୍ତ୍ତୃପକ୍ଷ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଅଞ୍ଚଳବାସୀ ନୂତନ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠାକୁ ବିରୋଧ କରୁନଥିବା ବେଳେ ପାନୀୟ ପ୍ରକଳ୍ପ ନକରିବାକୁ ଅନୁରୋଧ କରିଛନ୍ତି। କୌଣସି ଗ୍ରାମସଭା କିମ୍ବା ଜନ ଶୁଣାଣି ଓ ସାମାଜିକ, ଆର୍ଥିକ ସର୍ବେକ୍ଷଣ ବିନା କିପରି ଦୁଇ, ଦୁଇଟି ପାନୀୟ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଗଲା ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଯଦି ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏଠି ପାନୀୟ ପ୍ରକଳ୍ପ କରାନ୍ତି ତେବେ ବାଧ୍ୟ ହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏକ ପ୍ରତିନିଧି ମଣ୍ଡଳୀ କଂଗ୍ରେସ ନେତ୍ରୀ ସୋନାଲି ସାହୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦ୍ୟେଶରେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି ।

# ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



**ଟାଙ୍ଗୀ-ଚୌଦ୍ୱାର, ୧୩।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ଅସହାୟ ମାନଙ୍କୁ ଶୀତବସ୍ତ୍ର ବିତରଣ କରାଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଂକରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଦିଲ୍ଲିପ ଛତାର, ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୫୦ରୁ ଉର୍ଦ୍ଧ୍ୱ ଦୁସ୍ଥ, ଅସହାୟ ବୃଦ୍ଧ, ବୃଦ୍ଧା ଓ ମହିଳା ଙ୍କୁ କମ୍ବଳ ବଣ୍ଟନ କରିଥିଲେ।ସଂସଦ ସଭାପତି କେ.ସି.ପ୍ରତାପସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ଶ୍ରୀନିବାସ ବେହେରା, ମନୋଜ କୁମାର ସ୍ୱାଇଁ, ସହଦେବ ବରାଳ, ଅଜୟ ଦାସ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଜଗତସିଂହପୁର ଜିଲ୍ଲାରେ ବାଲିଯାତ୍ରାକୁ ନେଇ ରାଜନୀତି ସରଗରମ

## ଜିଲ୍ଲା ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ

**ଜଗତସିଂହପୁର, ୧୩।୧୧ (ସଂଚାର ବ୍ୟୁରୋ):** ବାଲିଯାତ୍ରାକୁ ନେଇ ଜଗତସିଂହପୁର ଜିଲ୍ଲା ରାଜନୀତି ଏବେ ସରଗରମ ହୋଇଛି। ଜିଲ୍ଲା ଗ୍ରସ୍ତ ରେ ଆସିବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ। ଜଗତସିଂହପୁର ଜିଲ୍ଲାରେ ମୁଖ୍ୟତଃ ୨ଟି ସ୍ଥାନରେ ବାଲିଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ସେଥିମଧ୍ୟରୁ ପାରାଦ୍ୱୀପ ସମୁଦ୍ର ବେଳାଭୂମିରେ କଳିଙ୍ଗ ବାଲିଯାତ୍ରା ପାଳିତ ହେଉଥିବା ସମୟରେ ତିର୍ତ୍ତୋଲ ମହାନଦୀ ପଠା ଗୋପିଆକୁଦ ଠାରେ ଚେରିତୋଳ ବାଲିଯାତ୍ରା ପାଳିତ ହୋଇଆସୁଅଛି। ବର୍ତ୍ତମାନ ଚଳିତ ନିର୍ବାଚନରେ ଦୁଇଟି ଯାକ ନିର୍ବାଚନ ମଣ୍ଡଳୀ ଦୁଇଟି ଦଳ ତଥା ତିର୍ତ୍ତୋଲ ବିଜେଡି ହାତରେ ଓ ପାରାଦ୍ୱୀପ ବିଜେପି ହାତରେ ରହିଛି। ଚଳିତବର୍ଷ କଳିଙ୍ଗ ବାଲିଯାତ୍ରାକୁ ଉଦଘାଟନ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିବା ପାଇଁ ସ୍ଥିର ହୋଇଥିବା ବେଳେ, ଚେରିତୋଳ ବାଲିଯାତ୍ରାକୁ ଉଦଘାଟନ କରିବା ପାଇଁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆସିବା ପାଇଁ ସ୍ଥିର ହୋଇଛି। ଏଭଳି ସ୍ଥିତିରେ ଜିଲ୍ଲା ଭିତରେ ବିଜେପି ଓ ବିଜେଡି ରାଜନୀତି ସକ୍ରିୟ ହେଉଥିବା ଦେଖିବାକୁ ମିଳୁଛି।

ପରମ୍ପରା ଅନୁସାରେ କଳିଙ୍ଗ ବାଲିଯାତ୍ରାକୁ ପ୍ରାୟତଃ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର ପରମ୍ପରା ରହିଛି। ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ଭଳି ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ମଧ୍ୟ କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟନ କରିଥିବାର ନଜିର ରହିଛି। ସେହି କ୍ରମରେ ଚଳିତବର୍ଷ ନୂତନ ଭାବେ ଗଠିତ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମାତ୍ର କେତେକ କୁହନ୍ତି ପାରାଦ୍ୱୀପ ବିଧାୟକ ସମ୍ପଦ କୁମାର ସ୍ୱାଇଁ ବିଜେପି ସମର୍ଥନରୁ ବିଧାୟକ ହୋଇ ମନ୍ତ୍ରୀ ପଦ ପାଇଥିବାରୁ ତାଙ୍କ ଉଦ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉଦ୍‌ଘାଟନୀ ଉତ୍ସବକୁ ଆଣିବା ପାଇଁ ପ୍ରସ୍ତୁତି ଚାଲିଛି। ଅପରପକ୍ଷରେ ତିର୍ତ୍ତୋଲ ଠାରେ ହେଉଥିବା ଚେରିତୋଳ ବାଲିଯାତ୍ରା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ତିର୍ତ୍ତୋଲର ବିଧାୟକ ରମାକାନ୍ତ ଭୋଇ ବିଜେଡି ସଂଗଠନର ନେତା ହୋଇଥିବାରୁ ଜିଲ୍ଲାରେ ଥିବା ପ୍ରମୁଖ ବିଜେଡି ନେତାଙ୍କ ପରାମର୍ଶ କ୍ରମେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ନିମନ୍ତ୍ରଣ କରିଛନ୍ତି। ଚେରିତୋଳ ବାଲିଯାତ୍ରା ମହୋତ୍ସବ ନାମରେ ଜଗତସିଂହପୁର ଜିଲ୍ଲାରେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଆରମ୍ଭ ହେଉଥିବା ବିଷୟ ଚର୍ଚ୍ଚାକୁ ଆସିଛି। ଏହି ଉଦଘାଟନ ଆଳରେ ଏବେ ବିଜେଡି ଓ ବିଜେପି ନିଜର ବଳ ଦେଖାଇବାକୁ ଉଦ୍ୟମ ଆରମ୍ଭ ହୋଇଛି।

ସାମଗ୍ରିକ ଭାବେ ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ଠାରେ ବିଜେପି ସରକାରର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟକ ହେବା ଓ ତିର୍ତ୍ତୋଲ ଠାରେ ଚେରିତୋଳ ବାଲିଯାତ୍ରାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଉଦ୍‌ଘାଟକ ହେବା ପ୍ରସଙ୍ଗ ଏବେ ଜିଲ୍ଲାରେ ରାଜନୈତିକ ଉଷ୍ମତା ସୃଷ୍ଟି କରିଛି । ଉଭୟ ଦଳ ଅଧିକ ଲୋକ ସମାଗମ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପାରାଦ୍ୱୀପ କଳିଙ୍ଗ ବାଲିଯାତ୍ରାକୁ ୧୪ ତାରିଖ ସନ୍ଧ୍ୟାରେ ଉଦ୍‌ଘାଟନ କରିବା ସହିତ ୧୫ ତାରିଖ ସକାଳୁ ପାରାଦ୍ୱୀପ ବନ୍ଦରରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୫ ତାରିଖ ସନ୍ଧ୍ୟାରେ ତିର୍ତ୍ତୋଲ ଚେଳିତୋଳ ବାଲିଯାତ୍ରାର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

# ଦାଣ୍ଡରେ ପଡ଼ି ହାଟରେ ଗଡୁଛି ଓଲିଉଡ୍ କଳି

**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ଦିନକୁ ଦିନ ଓଲିଉଡ ବିବାଦ ତୀବ୍ର ହେଉଛି। ଆରୋପ ପ୍ରତ୍ୟାରୋପ ଭିତରେ ସାଇବର ଥାନାରେ ପହଁଚିଲାଣି ଓଲିଓଡ୍ କଳି। ଓଡ଼ିଆ ସିନେ ନିର୍ଦ୍ଦେଶକ ସଂଘ ଅଭିନେତା ମନୋଜ ମିଶ୍ରଙ୍କ ନାଁରେ ସାଇବର ପୋଲିସ ଷ୍ଟେସନରେ ଅଭିଯୋଗ ଆଣିବା ପରେ ଆଜି ପାଲଟା ଅଭିଯୋଗ ଆଣିଛନ୍ତି ମନୋଜ ମିଶ୍ର। ଓଡ଼ିଶା ସିନେମା ଶିଳ୍ପର ଦୁର୍ଗତି ପାଇଁ ସେ ନିର୍ଦ୍ଦେଶକଙ୍କୁ ଦାୟୀ କରିଛନ୍ତି।



ସେ କହିଛନ୍ତି କୌଣସି ନିର୍ଦ୍ଦେଶକ ମୋର ଶତ୍ରୁ ନୁହନ୍ତି କି ଓଡ଼ିଆ ସିନେମା ଶିଳ୍ପ ମୋ' ପୈତୃକ ସମ୍ପତ୍ତି ନୁହେଁ। ଯିଏ ବି ଓଡ଼ିଶା ସିନେମାର ଶତ୍ରୁ ସେ ମୋର ଶତ୍ରୁ। ତେଣୁ ମୁ ସିନେମାକୁ ନେଇ କହିଛି ମୋର ଯାହା ହେଉଯାଉ। ଯେପର୍ଯ୍ୟନ୍ତ ଭଲ, ଅପଡେଟ ଓ ଟେକ୍ନିକାଲ ସାଉଣ୍ଡ ସିନେମା ନ ହୋଇଛି ଓଡ଼ିଆ ଚଳଚ୍ଚିତ୍ର ଉପରେ ନିର୍ଭର ଲୋକଙ୍କୁ ଟଙ୍କା ନ ମିଳିଛି, ସେ ପର୍ଯ୍ୟନ୍ତ ମୁ ଏମିତି କହିବି ବୋଲି କହିଛନ୍ତି ମନୋଜ। ସେ କହିଛନ୍ତି ଯେ, ମୁ ମୋ ଭବିଷ୍ୟତ ପିଢ଼ି ପାଇଁ କହୁଛି, ସେମାନେ ଯେଭଳି ଆମପରି ଅବସ୍ଥା ନ ଭୋଗନ୍ତୁ କି ଆମ ପୂର୍ବ ପିଢ଼ିକୁ ଗାଳି ନ ଦିଅନ୍ତୁ। ସିନେମା ଏକ ବ୍ୟବସାୟ ତାର ଉନ୍ନତି ହେବ ଦରକାର, କିନ୍ତୁ ତାହା ଏବେ ହେଉନାହିଁ। କାରଣ ପ୍ରଯୋଜକ ଏଠି କ୍ଷତି ସହୁଛି ରୋଗଗ୍ରସ୍ତ ହୋଇ ନିର୍ମାଣରୁ ବିମୁଖ ହେଉଛି ଆଉ ଟେକନିସିଆନ ଓ ଜଣେ ତଳିଆ କର୍ମଚାରୀ ତାଙ୍କ ପାରିଶ୍ରମିକ ପାଉନାହିଁ। ଏଥିପାଇଁ ଦାୟୀ କେବଳ କିଛି ନିର୍ଦ୍ଦେଶକ, ଯେଉଁମାନେ ପ୍ରଯୋଜକକୁ ପଟେଇ ୫ ଟଙ୍କାର ଜିନିଷ ୧୦୦ ଟଙ୍କାରେ ଖର୍ଚ୍ଚ କରୁଛନ୍ତି, ତା'ପରେ ସିନେମା ଚାଲୁନି। ଓଡ଼ିଆ ସିନେମାର

**ମୁହାଁମୁହିଁ ହେଲେ ସବ୍ୟସାଚୀ ଓ ମନୋଜ**



ଗୁଣାତ୍ମକ ଅନ୍ୟ ସିନେମା ହିସାବରେ ହେଉ ନ ଥିବାରୁ ଏଠି ନାୟକଠୁ ଆରମ୍ଭ କରି ଟେକନିସିଆନ ପର୍ଯ୍ୟନ୍ତ ସମସ୍ତେ ସଂଘର୍ଷ କରୁଛନ୍ତି। ଚଳଚ୍ଚିତ୍ର ହେଉଛି ଓଡ଼ିଆ ଅସ୍ମିତା ଯାହା ଆମ ସଂସ୍କୃତି ଆମ ପାରାଗ୍ରାଫ ଓ ପରିଚୟକୁ ବିଶ୍ୱରେ ପହଞ୍ଚାଇବାର ମାଧ୍ୟମ। ତେଣୁ ଫିଲକୁ ଯୁଗୋପଯୋଗୀ କରିବା ସହ ଭବିଷ୍ୟତ ପିଢ଼ିକୁ କାମ ମିଳୁ ଓ ଲୋକଙ୍କୁ ସୁହାଇଲା ପରି ସିନେମା ହେଉ। ଯେଉଁ କିଛି ନିର୍ଦ୍ଦେଶକମାନେ ମୋ ନାଁରେ ମାମଲା ଦେଇଛନ୍ତି ସେମାନଙ୍କୁ ଭଲ ନିର୍ଦ୍ଦେଶକ ବୋଲି ମାନେନାହିଁ। ସିନେମା ଦେଖିସାରିବା ପରେ ତର୍ଜମାକୁ ନେଇ କୁହେ। ଭଲ ହେଲେ ବି କୁହେ ଖରାପ ହେଲେ ବି କୁହେ। ଏଥିରେ ଆପତ୍ତିଜନକ କଥା ଉଠିଲା କୋଉଠୁ? ବର୍ତ୍ତମାନ ପିଢ଼ିଙ୍କୁ ଆକୃଷ୍ଟ କରି ସିନେମା ବନେଇବା ପାଇଁ କୁହେ। ଯାହା ବ୍ୟବସାୟିକ ଓ କଳାତ୍ମକ ଦୃଷ୍ଟିରୁ ଭଲ ହୋଇଥିବ ସୁପରହିଟ ନ ହୋଇଥିଲେ ବି ଚାଲିବ ବୋଲି କହି ୪ ନିର୍ଦ୍ଦେଶକଙ୍କୁ ମନୋଜ ଟାର୍ଗେଟ କରିଛନ୍ତି।

ମନୋଜ ମିଶ୍ରଙ୍କ ପ୍ରତିକ୍ରିୟାକୁ ନେଇ ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର କହିଛନ୍ତି, ସମସ୍ତଙ୍କ ସିନେମାରେ ସମାଲୋଚନା କରି କହିବାଟା ଏକ ଅଭ୍ୟାସଗତ ହୋଇଗଲାଣି। ସେ ଓଡ଼ିଆ ସିନେମାର କର୍ଣ୍ଣଧାର ନୁହନ୍ତି। ସେ ଜଣେ ଭଲ ଅଭିନେତା ସେ ଉପରକୁ ଉଠନ୍ତୁ, କିନ୍ତୁ ଅନ୍ୟକୁ ଆକ୍ଷେପ ନ କରି ତାଙ୍କୁ ଭେଟି ସିଧା କଥା ହୁଅନ୍ତୁ। ସୋସାଲ ମିଡିଆରେ ନୁହେଁ। ସେ ଜଣେ ଓଡ଼ିଆ କଳାକାର, ନିଜ ଶିଳ୍ପର ବଦନାମ ନ କରନ୍ତୁ। ଆଉ ଭାଷାର ପରିସରରେ ରହି କୁହନ୍ତୁ। ମନୋଜଙ୍କ ଷ୍ଟ୍ରାଟେଜି କେମିତି ମିଡ଼ିଆ ଆଟେନସନ୍ ପାଇବେ। ମୋ ବିରୁଦ୍ଧରେ ପ୍ରଥମେ ଲେଖିଲେ ଅନେକ କିଛି। ପରେ ବିଭିନ୍ନ ନିର୍ଦ୍ଦେଶକଙ୍କ ବିରୁଦ୍ଧରେ କହିଲେ। ନିର୍ଦ୍ଦେଶକ ସଂଘ କ୍ଷୁବ୍ଧ ହୋଇ ସାଇବର ସେଲରେ ମାମଲା ଦେଇଛୁ। ଏବେ ଯୁବ ଡାଇରେକ୍ଟର ଆସୁଛନ୍ତି। କର୍ମ, ଦମନ, ପାବାର ଭଳିଆ ଫିଲ୍ମ ଆଗକୁ ହେବ। ନିର୍ଦ୍ଦେଶକ ତାପସ ସରଘରିଆ କହିଛନ୍ତି, ମନୋଜ ଜଣେ ଭଲ ଅଭିନେତା, ଅଭିନୟ କରନ୍ତୁ। ସେ ବାଛିଥିବା ବାଟ ଠିକ୍ ନୁହେଁ। ଏହାଦ୍ୱାରା ଇଣ୍ଡଷ୍ଟ୍ରି ଆଗକୁ ବଢ଼ିବନି। ଇଣ୍ଡଷ୍ଟ୍ରିର ଗୋଟେ ବଜେଟ୍ ଅଛି, ସେହି ଅନୁସାରେ କାମ ହେଉଛି। ତେଣୁ ଆକ୍ଷେପ ନ କରି ଭଲ ଫିଲ୍ମ କରନ୍ତୁ, ଇଣ୍ଡଷ୍ଟ୍ରିକୁ ଆଗକୁ ନିଅନ୍ତୁ।

## ରାଜରାଜେଶ୍ୱର ବେଶ ପାଇଁ ବ୍ୟାପକ ପ୍ରସ୍ତୁତି



**ପୁରୀ,୧୩।୧୧ (ସଂଚାର ବ୍ୟୁରୋ):** କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତଥା ପଞ୍ଚୁକର ଦ୍ୱିତୀୟ ଦିନରେ ଆଜି ମହାପ୍ରଭୁ ବାଙ୍କଚୂଡ଼ା ବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅବକାଶ ନୀତି ପରେ ଖୁଣ୍ଟିଆ, ମେକାପ ଓ ପୁଷ୍ପାଳକ ସେବାୟତ ଶ୍ରୀଜୀଉଙ୍କୁ ଏହି ଦୁର୍ଲଭ ବେଶରେ ସଜ୍ଜିତ କରିଥିଲେ। ଏହି ବେଶରେ ମହାପ୍ରଭୁଙ୍କର ମସ୍ତକର ଦକ୍ଷିଣ ପାର୍ଶ୍ୱରେ ସୁନାକିଆ ଶୋଭା ପାଇଥାଏ। ବାଙ୍କଚୂଡ଼ା ବେଶ ଦର୍ଶନରେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ଥିବାରୁ ଲକ୍ଷାଧିକ ଭକ୍ତ ବେଶ ଦର୍ଶନ କରିଛନ୍ତି। ପଞ୍ଚୁକ ବ୍ରତ ପାଳନ କରିବା ପାଇଁ ଏବେ ଶ୍ରୀମନ୍ଦିର ସହ ପୁରୀର ବିଭିନ୍ନ ମଠ, ମନ୍ଦିର ଓ ଧର୍ମାନୁଷ୍ଠାନ ଗୁଡ଼ିକରେ ଭକ୍ତଙ୍କର ପ୍ରବଳ ଭିଡ଼ ଲାଗି ରହିଛି। ହବିଷ୍ୟାଳିଙ୍କ ସମାଗମ ଲାଗି ରହିଥିବା ବେଳେ ରାଜ୍ୟର କୋଣ ଅନୁକୋଣରୁ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ରରେ ଏକାଠି ହୋଇଛନ୍ତି। ଭିଡ଼କୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମହାପ୍ରଭୁଙ୍କ ଯେଭଳି ସମସ୍ତ ନୀତିକାନ୍ତି ସୂଚାରୁ ରୂପେ ହୋଇପାରିବ ପ୍ରଶାସନ ଓ ସେବାୟତ ତତ୍ପର ରହିଛନ୍ତି। ଆସନ୍ତାକାଲି ତ୍ରୟୋଦଶୀ ତିଥିରେ ଭକ୍ତମାନଙ୍କୁ ମହାପ୍ରଭୁ ତ୍ରିବିକ୍ରମ ବେଶରେ ଦର୍ଶନ ଦେବେ। କାର୍ତ୍ତିକ ପୂର୍ଣ୍ଣମୀରେ ରାଜରାଜେଶ୍ୱର ବା ସୁନାବେଶରେ ଦର୍ଶନ ଦେବେ ମହାପ୍ରଭୁ। ତେଣୁ ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନିକ ସ୍ତରରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ରାଜରଜେଶ୍ୱର ବେଶ ଶୃଙ୍ଖଳିତ କରିବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପଞ୍ଚୁକରେ କିଭଳି ଶୃଙ୍ଖଳିତ ନିତିକାନ୍ତି ହୋଇ ପାରିବ ସେ ନେଇ ପ୍ରଶାସନ ନଜର ରଖିଛି। ଶୃଙ୍ଖଳିତ ଦର୍ଶନ ପାଇଁ ମରିଚିକୋଟ ଛକରୁ ବ୍ୟାରିକେଡ଼ ହୋଇଛି। ବ୍ୟାରିକେଡ଼ରେ ଫ୍ୟାନ, ପାନୀୟ ଜଳ, ଗରମ ସମୟରେ ଜଳ ସିଞ୍ଚନ ସହିତ ସିସିଟିଭି ବ୍ୟବସ୍ଥା ହୋଇଛି। କାର୍ତ୍ତିକ ପରେ ଶ୍ରୀମନ୍ଦିରରେ ନୂଆ ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ। ନୂଆ ପରିଚାଳନା କମିଟି ଗଠନ ପରେ ଏହାର ଅନୁମୋଦନ କରାଯିବ।

## ପ୍ରଫେସର ମନୋରଞ୍ଜନ ପରିଡ଼ା ଆଇଆର୍‌ସି ସଭାପତି



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ରୋଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ରାୟପୁରରେ ଅନୁଷ୍ଠିତ ଭାରତୀୟ ସଡ଼କ କଂଗ୍ରେସ (ଆଇଆର୍‌ସି) ବାର୍ଷିକ ଅଧିବେଶନରେ ଏହାର ସଭାପତି ନିର୍ବାଚିତ ହୋଇଛନ୍ତି। ଆଇଆର୍‌ସି ଇତିହାସରେ ଗତ ୯୦ ବର୍ଷ ମଧ୍ୟରେ ସେ ତୃତୀୟ ଓଡ଼ିଆ ଭାବେ ଏହି ମର୍ଯ୍ୟାଦାଜନକ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ପ୍ରଫେସର ପରିଡ଼ା ୟୁସି.ଇ. ବୁର୍ଲାର ପୂର୍ବତନ ଛାତ୍ର। ସିଏସ୍ଆଇରେ ଯୋଗଦେବା ପୂର୍ବରୁ ସେ ଆଇଆଇଟି ରୁର୍କିର ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ଦିଲ୍ଲୀରେ ଫ୍ଲାଏଓଭର ପାଇଁ 'ଡିଜାଇନ୍ ଏବଂ ନଏଜ୍ ବ୍ୟାରିଅର୍‌ର ଡିଜାଇନ୍ ଏବଂ ଡେଭଲପମେଣ୍ଟ' ପ୍ରଫେସର ପରିଡ଼ାଙ୍କ ଏକ ଅଭିନବ ଅବଦାନ। ଭାରତୀୟ ସଡ଼କ କଂଗ୍ରେସ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ଇଂ. ଧର୍ମାନନ୍ଦ ଷଡ଼ଙ୍ଗୀ, ଇନଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସର ପୂର୍ବତନ ସଭାପତି ଇଂ. ଅଶୋକ ବାସା, ଭାରତୀୟ ସଡ଼କ କଂଗ୍ରେସର ସଦସ୍ୟ ଡ. ଏନସି ପାଲ, ଇଂ. ମନୋରଞ୍ଜନ ମିଶ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସରକାରୀ କାର୍ଯ୍ୟ ପାଇଁ ବିମାନରେ ଯାତ୍ରା କରିପାରିବେ ମନ୍ତ୍ରୀ

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ଏଣିକି ମନ୍ତ୍ରୀମାନେ ସରକାରୀ କାର୍ଯ୍ୟ ପାଇଁ ବିମାନରେ ଯାତ୍ରା କରିପାରିବେ। ବୁଧବାର ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଅନୁମତି ମିଳିଛି। ଏନେଇ ବିଭାଗ ପକ୍ଷରୁ ଏକ ଅଫିସିଆଲ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଉଭୟେ କ୍ୟାବିନେଟ ମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରୀ ବିମାନରେ ଏକ୍‌ଜିକ୍ୟୁଟିଭ୍, ବିଜନେସ୍ ଏବଂ କ୍ଲବ କ୍ଲାସରେ ଯାତ୍ରା କରିପାରିବେ। ଏହି ସୁବିଧା ଭାଜପା ସରକାରରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ୮ କ୍ୟାବିନେଟ ମନ୍ତ୍ରୀ ଏବଂ ୫ ରାଜ୍ୟ (ସ୍ୱାଧୀନ) ମନ୍ତ୍ରୀଙ୍କୁ ମିଳିବ। ଏହାପୂର୍ବରୁ ସରକାରୀ କାର୍ଯ୍ୟରେ ରାଜ୍ୟ ଭିତରେ ବିମାନଯୋଗେ ଯାତ୍ରା କରିବାକୁ ସରକାରୀ ଅଧିକାରୀଙ୍କୁ ଅନୁମତି ଦେଇଥିଲେ ବର୍ତ୍ତମାନର ସରକାର। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ଗ୍ରୁପ୍-ଏ ବର୍ଗର ରାଜ୍ୟ କର୍ମଚାରୀଙ୍କୁ ରାଜ୍ୟ ରାଜ୍ୟ ମଧ୍ୟରେ ସରକାରୀ କାର୍ଯ୍ୟକ୍ରମ ସମୟରେ ବିମାନ ଯୋଗେ ଯାତ୍ରା କରିବାକୁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିଲେ।

### ବିଜେଡି କର୍ମୀଙ୍କ ହଙ୍ଗାମା

## ଏନ୍‌ଏସି ଅଫିସ୍‌ରେ ପଶି କାଗଜପତ୍ର ଫିଙ୍ଗିଲେ



**ନୂଆପଡ଼ା, ୧୩।୧୧ (ସଂଚାର ବ୍ୟୁରୋ):** ବିଜେଡି କର୍ମୀଙ୍କ ଗୁଣ୍ଡାଗର୍ଦ୍ଦୀ। ଏନ୍‌ଏସି ଅଫିସ୍‌ରେ ପଶି ଫାଇଲ୍ ଓ ଚେୟାର ଫିଙ୍ଗିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏ ସବୁ ଘଟଣା ବିଜେଡି ବିଧାୟକଙ୍କ ପୁଅଙ୍କ ଉପସ୍ଥିତିରେ ଘଟିଥିଲା। ନୂଆପଡ଼ା ଜିଲ୍ଲାରେ ଦେଖିବାକୁ ମିଳିଛି ଏପରି ଚିତ୍ର।

ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ନୂଆପଡ଼ା ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଓ ତାଙ୍କ ସମର୍ଥକ ଖରିଆର ରୋଡ଼ରେ ଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କମଲାଶନ ରଥଙ୍କ ଅଫିସ୍‌କୁ ଯାଇଥିଲେ। ଜୟଙ୍କ ଉପରେ ଶ୍ରୀ ରଥଙ୍କ ସହିତ କୌଣସି ବିଷୟକୁ ନେଇ ଆଲୋଚନା ହୋଇଥିଲା। ଠିକ୍ ସେତିକି ବେଳେ ଜଣେ ବିଜେଡି କର୍ମୀ ହଠାତ୍ ରାଗି ଯାଇଥିଲେ। ଆଉ ଶ୍ରୀ ରଥଙ୍କ ଟେବୁଲ୍ ଉପରେ ଥିବା କାଗଜପତ୍ରକୁ ଫିଙ୍ଗାଫିଙ୍ଗି କରିଥିଲେ। ତା'ପରେ ଅନ୍ୟ କର୍ମୀମାନେ ମଧ୍ୟ ଅଫିସ୍‌ରେ ଥିବା ଫାଇଲ୍ ଓ ଚେୟାର ଫିଙ୍ଗି କରିଥିଲେ। ଏଥିସହ ଗାଳି ଗୁଲଜ କରିଥିବା ଦେଖିବାକୁ ମିଳିଛି। ଜୀବନ ବିକଳରେ ଶ୍ରୀ ରଥ ଚେୟାର ଛାଡ଼ି ପଳାଇବାକୁ ଉଦ୍ୟମ କରୁଥିଲେ। ହେଲେ ଉତ୍ୟକ୍ତ ବିଜେଡି କର୍ମୀମାନେ ତାଙ୍କୁ ଛାଡ଼ି ନଥିଲେ। ଏ ସବୁ ଘଟଣା ଜୟ ଢୋଲକିଆଙ୍କ ଉପସ୍ଥିତିରେ ଘଟୁଥିବା ବେଳେ ସେ ଚୁପ୍ ବସିଥିଲେ। ନିଜ କର୍ମୀଙ୍କୁ ଅଟକାଇ ନଥିଲେ। କହିବାକୁ ଗଲେ ନୀରବଦ୍ରଷ୍ଟା ସାଜିଥିଲେ ଜୟ ଢୋଲକିଆ। ତେବେ ଅନ୍ୟ କର୍ମଚାରୀମାନେ ବିଜେଡି କର୍ମୀଙ୍କୁ ଅଫିସ୍ ବାହାର କରିଥିଲେ। ଯାହାର ଭିଡିଓ ଏବେ ଭାଇରାଲ୍ ହେଉଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଫିସ୍ କେଉଁ କାରଣରୁ ବିଜେଡି କର୍ମୀମାନେ ଗଣ୍ଡଗୋଳ କରିଥିଲେ, ତାହା ଜଣାପଡ଼ି ନାହିଁ। ସେପଟେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଥ ଜୋଙ୍କ ଥାନାରେ ପହଞ୍ଚିଛନ୍ତି। ଥାନାରେ ସେ ଲିଖିତ ଅଭିଯୋଗ କରିଛନ୍ତି କି ନାହିଁ ଜଣାପଡ଼ି ନାହିଁ। ସେପଟେ ଏନେଇ ବିଜେଡିର ପ୍ରତିକ୍ରିୟାମିଳିପାରି ନାହିଁ।

## ଆନ୍ତଃରାଜ୍ୟ ବିବାଦର ସମାଧାନ କରିବ ମନ୍ତ୍ରୀସ୍ତରୀୟ କମିଟି



**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ଥିବା ଓଡ଼ିଶାର ବିଭିନ୍ନ ବିବାଦର ସମାଧାନ ପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଢ଼ିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ମହାନଦୀ,ପୋଲାଭରମ, ବଂଶଧାରା ଓ କୋଟିଆ ଭଳି ଦୀର୍ଘଦିନର ବିବାଦର ସମାଧାନ ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଆନ୍ତଃ ରାଜ୍ୟ ବିବାଦଗୁଡ଼ିକ ଉପରେ ଦୀର୍ଘସମୟ ଧରି ଆଲୋଚନା ପରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ବିଭିନ୍ନ ରାଜ୍ୟଗୁଡ଼ିକ ସହ ଓଡ଼ିଶାର ଥିବା ବିବାଦଗୁଡ଼ିକ ସମ୍ପର୍କରେ ଆଜି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ମହାନଦୀ,ବଂଶଧାରା,ପୋଲାଭରମ ଓ କୋଟିଆ ଆଦି ବିଭିନ୍ନ ଆନ୍ତଃରାଜ୍ୟ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହି ବିବାଦଗୁଡ଼ିକର ସମାଧାନ ପାଇଁ ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି । ଆଜିର ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜସ୍ୱ ସଚିବ ଦେଓରଞ୍ଜନ ସିଂ, ଆଇନ ସଚିବ ମାନସ ରଞ୍ଜନ ବାରିକ ପ୍ରମୁଖଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଫିସରମାନେ ଉପସ୍ଥିତ ଥିଲେ ।

## ଏସ୍‌ଏସ୍‌ବି ଅଧ୍ୟାପକ ନିଯୁକ୍ତି ବିଜ୍ଞପ୍ତି ରଦ୍ଦ

**କଟକ, ୧୩।୧୧(ସଂଚାର ବ୍ୟୁରୋ):** ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସଏସବି) ପକ୍ଷରୁ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ଅଧ୍ୟାପକ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ୟୁଜିସି ନିୟମାବଳୀ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ଆଧାରରେ ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରି ଏସଏସବି ପକ୍ଷରୁ ସାନି ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରାଯାଇ ପାରିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ଅମୀୟ ରଂଜନ ବାରିକ, ଜୟପ୍ରକାଶ ନାୟକ ଓ ଅନ୍ୟମାନଙ୍କ ତରଫରୁ ଦାୟର ମାମଲା ଗୁଡ଼ିକର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୪, ମାର୍ଚ୍ଚ ୯ରେ ଏସଏସବି ପକ୍ଷରୁ ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ୭୮୬ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁମାନେ କେବଳ ସ୍ନାତକୋତ୍ତରରେ ୫୫ ପ୍ରତିଶତ ମାର୍କ ରଖିଥିବେ ସେମାନେ ଆବେଦନ କରିବାକୁ ଯୋଗ୍ୟ ହେବେ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା।

ଏପରି ସର୍ତ୍ତ ୟୁଜିସି ନିୟମାବଳୀର ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଦାୟର ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ୟୁଜିସି ନିୟମାବଳୀ ଅନୁସାରେ ପିଜି ସହିତ ପିଏଚଡି ଓ ନେଟ୍ ଆଦିକୁ ଯୋଗ୍ୟତା ମାନଦଣ୍ଡ ଭାବେ ଧାର୍ଯ୍ୟ କରାଯାଇଛି।

ସେହିଭଳି ଭାବେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ୧୯୯୯, ଡିସେମ୍ବର ୩୧ର ବିଜ୍ଞପ୍ତିରେ ମଧ୍ୟ ସିଧା ସଳଖ ଅଧ୍ୟାପକ ନିଯୁକ୍ତି ପାଇଁ ପ୍ରାର୍ଥୀଙ୍କ ସ୍ନାତୋକତ୍ତରରେ ୫୫ ପ୍ରତିଶତ ମାର୍କ ସହିତ ନେଟ୍ ଯୋଗ୍ୟତା ପ୍ରସଂଗରେ ଉଲ୍ଲେଖ କରାଯାଇଥିଲା। ଅଧ୍ୟାପକ ନିଯୁକ୍ତି ପ୍ରସଂଗରେ ୟୁଜିସି ନିୟମାବଳୀ ଅନୁପାଳନ କରାଯିବ ବୋଲି ରାଜ୍ୟ ସରକାରଙ୍କ ମଧ୍ୟ ବିଜ୍ଞପ୍ତି ରହିଛି। ହେଲେ ଏସଏସବି ନିଯୁକ୍ତି ବିଜ୍ଞପ୍ତିରେ ୟୁଜିସି ନିୟମାବଳୀ ଓ ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ଉଲ୍ଲଙ୍ଘନ କରି ପ୍ରାର୍ଥୀଙ୍କ ପାଇଁ ଯୋଗ୍ୟତା ମାପଦଣ୍ଡ ଧାର୍ଯ୍ୟ କରାଯାଇଛି ବୋଲି ଆବେଦନକାରୀ ଦର୍ଶାଇଥିଲେ।

ଓଡ଼ିଶା ଲୋକସେବା ଆୟୋଗ ତରଫରୁ ଅଧ୍ୟାପକ ନିଯୁକ୍ତି ବେଳେ ୟୁଜିସି ନିୟମାବଳୀ ପାଳନ କରି ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରାଯାଉଛି। ତେଣୁ ଏସଏସବି ମଧ୍ୟ ଏହି ଆଧାରରେ ଅଧ୍ୟାପକ ନିଯୁକ୍ତି ବେଳେ ଶିକ୍ଷାଗତ ଯୋଗ୍ୟତା ଧାର୍ଯ୍ୟ କରିବା କଥା। ଏପରି କରାଯାଇ ନଥିବାରୁ ଏସଏସବି ବିଜ୍ଞପ୍ତିକୁ ରଦ୍ଦ କରାଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୋଭାଗ୍ୟ ସ୍ୱାଇଁ ଓ ଶୈଳେଶ ଦାସ ମାମଲା ପରିଚାଳନା କରୁଥିଲେ।

### ରାଜଧାନୀରେ ବାଣ ବିସ୍ଫୋରଣ ଘଟଣା

## ପୁଅ ଗିରଫ ; ବାପା ଫେରାର

**ଭୁବନେଶ୍ୱର, ୧୩।୧୧(ସଂଚାର ବ୍ୟୁରୋ):** ରାଜଧାନୀରେ ବେଆଇନ ବାଣ ବିସ୍ଫୋରଣ ଘଟଣାରେ ଫେରାର ଥିବା ପୁଅକୁ ପୁଲିସ ଗିରଫ କରିଥିବା ବେଳେ, ମାଷ୍ଟରମାଇଣ୍ଡ ବାପା ଏବେବି ପୁଲିସ ହାତରୁ ଫେରାର ରହିଛନ୍ତି। କାରଣ ପୂର୍ବରୁ ବେଆଇନ୍ ବାଣ କାରଖାନା କରି ବିକ୍ରି କରୁଥିବା ନେଇ ଏକ୍ସପ୍ଲୋସିଭ ଆକ୍ଟରେ ମାମଲା ରୁଜୁ କରିଥିଲା ଇନଫୋସିଟି ଥାନା ପୁଲିସ। ସେପଟେ ଫେରାର ମାଷ୍ଟରମାଇଣ୍ଡ ବାପାକୁ ଧରିବାକୁ ପୁଲିସି ଖୋଳତାଡ଼ ଆରମ୍ଭ କରୁଥିବା ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗତ ୨ ଦିନ ତଳେ ଭୁବନେଶ୍ୱର ଇନଫୋସିଟି ଥାନା ନିକଟ ଚୁନୁକୁଳି ଅଞ୍ଚଳରେ ବାଣ ତିଆରି କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣରୁ ବର୍ତ୍ତିଯାଇଥିଲା ଏକାଧିକ ଜୀବନ। କାରଣ ଯେଉଁ ଘରେ ବିସ୍ଫୋରଣ ଘଟିଛି, ସେଠାରେ ଭଡାରେ ରହୁଥିଲେ ୨୧ ଜଣ ଝିଅ। ହେଲେ ଭାଗ୍ୟ ବଶତ ଯେତେବେଳେ ବିସ୍ଫୋରଣ ଘଟିଲା, ସେତେବେଳେ ଘର ଭିତରେ କେହି ନଥିଲେ। ଯାହାଫଳରେ ସମସ୍ତଙ୍କ ଜୀବନ ବର୍ତ୍ତିଯାଇଥିଲା। ଯଦି ସେମାନେ ଘରେ ଥାନ୍ତେ, ତାହେଲେ କୌଣସି ଅଘଟଣକୁ ଏଡାଇ ଦିଆଯାଇପାରିନଥାନ୍ତା। ଗିରଫ ଅଭିଯୁକ୍ତ ହେଲେ ବାଣ ବ୍ୟବସାୟୀଙ୍କ ପୁଅ ଋତୁରାଜ ପଟ୍ଟନାୟକ। ଋତୁରାଜଙ୍କୁ ନିଜ ଗାଁ ଜଗତସିଂହପୁର ଅଞ୍ଚଳରୁ ଗିରଫ କରାଯାଇଛି। ଗୁରୁବାର କୋର୍ଟ ଚାଲାଣ କରାଯିବ। ସେପଟେ ଘଟଣାସ୍ଥଳରୁ ଜବତ ବାଣର ନମୁନା ଫରେନସିକ୍ ଲାବକୁ ପଠାଇଛି କମିଶନରେଟ୍ ପୁଲିସ। ବାଣ ଗୋଦାମ ମାଲିକ ଋତୁରାଜଙ୍କ ବାପା ଏବେବି ଫେରାର ଅଛନ୍ତି। ଏ ନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

## ବାଲେଶ୍ୱର ବିଜେଡିରେ ସଂଘାତିକ ସ୍ଥିତି

**ନିଜ ଦଳର ମହିଳା କାଉନସିଲରଙ୍କୁ ଦୁର୍ବ୍ୟବହାର**



**ବାଲେଶ୍ୱର, ୧୩।୧୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ବିଜେଡିରେ ସଂଘାତିକ ସ୍ଥିତି। ନିଜ ଦଳର ମହିଳା କାଉନସିଲରଙ୍କୁ ବି ଦୁର୍ବ୍ୟବହାର କରିବାକୁ ପଛାଉନାହାନ୍ତି ଖୋଦ୍ ବିଜେଡି କାଉନସିଲର। ଏଭଳି ଅଭିଯୋଗ ଆଣିଛନ୍ତି ବାଲେଶ୍ୱର ପୌରପାଳିକାର ୨୩ ନମ୍ବର ୱାର୍ଡ ବିଜେଡି କାଉନସିଲର ଶଶିରେଖା ମହାନ୍ତି ।

ଶଶିରେଖାଙ୍କ ଅଭିଯୋଗ ଅନୁସାରେ, ୨୨ ନମ୍ବର ୱାର୍ଡର ବିଜେଡି କାଉନସିଲର ଦେବାଶିଷ ସିଂହ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏନେଇ ଗତ ୧ ତାରିଖରେ ସେ ସହଦେବଖୁଣ୍ଟା ଥାନାର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଏଯାଏଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି । ଫଳରେ ୧୨ କାଉନସିଲରଙ୍କ ସହ ଏକ ସାମ୍ବାଦିକ ସମ୍ମିଳନୀ ଡାକି ମଞ୍ଚ ଉପରେ କାନ୍ଦି କାନ୍ଦି ନିଜ ଅସନ୍ତୋଷ ବଖାଣିଛନ୍ତି ଶଶିରେଖା। ବାଲେଶ୍ୱର ପୌରପରିଷଦରେ ବିଜେଡି କାଉନସିଲର ଏବେ ଦୁଇ ଭାଗ ହୋଇଯାଇଛନ୍ତି । ଗୋଟିଏ ଗୋଷ୍ଠୀ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କୁ ସମର୍ଥନ କରୁଥିବାବେଳେ ଆଉ ଗୋଟିଏ ଗୋଷ୍ଠୀ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ସମର୍ଥନ କରୁଛନ୍ତି। ଶଶିରେଖା ସ୍ୱରୂପ ଦାସଙ୍କ ଗୋଷ୍ଠୀର ଏବଂ ଦେବାଶିଷ ସିଂହ ରବୀନ୍ଦ୍ର ଜେନାଙ୍କୁ ସମର୍ଥନ କରୁଛନ୍ତି।

ଏଭଳି ସ୍ଥିତିରେ ନିଜ ଦଳର ଜଣେ ମହିଳା କାଉନସିଲରଙ୍କୁ ବିଜେଡି କାଉନରସିଲରଙ୍କ ଦୁର୍ବ୍ୟବହାରକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଶଶିରେଖାଙ୍କ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦେବାଶିଷ। ସେ କହିଛନ୍ତି, ମୁଁ କୌଣସି ମହିଳାଙ୍କ ପ୍ରତି ଏପରି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରି ନାହିଁ। କିଛି ବ୍ୟକ୍ତିଙ୍କ ଇଙ୍ଗିତରେ ଅଭିଯୋଗ ହୋଇଛି। ସେମାନେ ଜାଣିଶୁଣି ମୋ' ନାଁରେ ମିଥ୍ୟା କେସ୍ ଦେଇଛନ୍ତି।

# ନିଯୁକ୍ତି ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ କୁଳପତି

**ଭୁବନେଶ୍ୱର, ୧୩।୧୧(ସଂଚାର ବ୍ୟୁରୋ):** ଆଇନ୍‌ଗତ ବିବାଦ ଯୋଗୁଁ ନୂଆ କୁଳପତି ନିଯୁକ୍ତିରେ ବିଳମ୍ବ ଘଟିବା ଆଶଙ୍କା ଥିବାରୁ ଚଳିତ ମାସରେ ଅବସରଗ୍ରହଣ କରୁଥିବା ୪ଜଣ କୁଳପତିଙ୍କୁ ସେମାନଙ୍କ ଉତ୍ତରାଧିକାରୀ ନିଯୁକ୍ତି ପର୍ଯ୍ୟନ୍ତ ଦାୟିତ୍ୱରେ ରଖାଯାଇପାରେ। ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି କୁହାଯାଉଛି।

ଚଳିତ ନଭେମ୍ବର ମାସରେ ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ କାର୍ଯ୍ୟକାଳ ଶେଷ ହେଉଛି। ପୂର୍ବରୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଖଲିକୋଟ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ଶେଷହୋଇ ଯିବାପରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଖଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଅତିରିକ୍ତ ଦାୟିତ୍ୱରେ ରଖାଯାଇଛି। ଏହାଛଡା କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ଓ ଜୟପୁରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସୃଷ୍ଟିହେବା ପରଠାରୁ ଏଯାବତ୍ କୁଳପତି ଦେଖିନାହାନ୍ତି। ଏହି ବିଶ୍ୱବିଦ୍ୟାଳୟଗୁଡିକର କୁଳପତି ପଦବୀ ସବୁ ନିୟମିତ ଭିତ୍ତିରେ କେବେ ପୂରଣ ହେବ ତାହା କେହି କହିପାରୁ ନାହାନ୍ତି।



ଓଡ଼ିଶା ସରକାର ୨୦୨୦ ମସିହାରେ ବିଶ୍ୱବିଦ୍ୟାଳୟ ଆଇନ୍‌ରେ ଯେଉଁ ସଂଶୋଧନ ଆଣିଥିଲେ ତାହା ଏବେ ବଳବତ୍ତର ରହିଛି। ତେବେ ଏ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟରେ ମାମଲା ବିଚାରାଧିନ ଥିବା ଏବଂ ଅଦାଲତଙ୍କ ଅନ୍ତରୀଣ ଆଦେଶ ପରିପ୍ରେକ୍ଷୀରେ ନୂଆ କୁଳପତି ଚୟନ କରାଗଲେ ତାହା ଅଦାଲତ ଅବମାନନା ମାମଲା ଆଡକୁ ସରକାରଙ୍କୁ ଟାଣିବାର ଆଶଙ୍କା ରହିଛି।

୨୦୨୫ ବର୍ଷରେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ କାର୍ଯ୍ୟକାଳ ଶେଷ ହେବ। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ତାହା ବି ଅନିଶ୍ଚିତତା ଘେରରେ ରହିଛି।

ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ସମସ୍ୟାକୁ ସ୍ୱୀକାର କରୁଥିଲେ ମଧ୍ୟ ଆଇନ୍ ଅଦାଲତର ପ୍ରତିବନ୍ଧକ ଯୋଗୁଁ ସେମାନଙ୍କ ଅସହାୟତା ପ୍ରକାଶ କରି ଏ ସଂକ୍ରାନ୍ତରେ କୁଳାଧିପତିଙ୍କ କାର୍ଯ୍ୟାଳୟ ନିଷ୍ପତ୍ତି ଗ୍ରହଣ କରିବ ବୋଲି କହୁଛନ୍ତି।

୨୦୨୦ର ସଂଶୋଧିତ ବିଶ୍ୱବିଦ୍ୟାଳୟ ଆଇନ୍‌ରେ କୁଳପତି ଓ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି ଘେନି ଯେଉଁ ନୂଆ ଚୟନ ପ୍ରକ୍ରିୟା ରହିଛି ତାହା ଏବେ ଆଇନ୍ ଅଦାଲତର ବିବାଦ ଘେରରେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବରୁ ରାଜ୍ୟ ସରକାରଙ୍କୁ ପତ୍ରଲେଖି ବିବାଦୀୟ ସଂଶୋଧିତ ଆଇନ୍‌କୁ ପ୍ରତ୍ୟାହାର କରିନେଲେ ୟୁଜିସି ମାମଲା ଅକାମୀ ହୋଇଯିବ ବୋଲି ଦର୍ଶାଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ଆଇନ ପ୍ରତ୍ୟାହାର ଲାଗି ଏଯାବତ୍ ଅଧ୍ୟାଦେଶ ଜାରି କରିନାହାନ୍ତି କିମ୍ବା ବିଧାନସଭାରେ ବି ବିଧେୟକ ଆଣିନାହାନ୍ତି। ତେଣୁ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକରେ କୁଳପତି ଚୟନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିବାବେଳେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ନିଯୁକ୍ତି ହୋଇପାରୁନଥିବାରୁ ବିଶ୍ୱବିଦ୍ୟାଳୟଗୁଡିକର ଅଧ୍ୟାପନା, ଗବେଷଣା ଓ ପ୍ରଶାସନ କ୍ଷେତ୍ରରେ ଗୁରୁତର ସମସ୍ୟା ଉପୁଜୁଛି ଏବଂ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକ ଉଚ୍ଚ ଗ୍ରେଡର ନାକ୍ ମାନ୍ୟତା ହାସଲରୁ ମଧ୍ୟ ବଞ୍ଚିତ ହେଉଛନ୍ତି। (ତଥ୍ୟ)

## ପଞ୍ଚୁକରେ ବି ଆକାଶଛୁଆଁ ପିଆଜ ଦର

**ଭୁବନେଶ୍ୱର,୧୩।୧୧ (ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ପଞ୍ଚୁକରେ ବି ଆକାଶଛୁଆଁ ପିଆଜ ଦର। ଗତ ୧୫ ଦିନ ଭିତରେ କିଲୋ ପିଛା ପାଖାପାଖି ୩୦ ଟଙ୍କା ବଢ଼ିଲାଣି ପିଆଜ ଦର। ଗାଁରୁ ସହର ସବୁଠି ପିଆଜ ଦର ୪୦-୫୦ ଟଙ୍କାରୁ ଆସି ୭୦ ଟଙ୍କାରେ ପହଞ୍ଚିଲାଣି। ପଞ୍ଚୁକରେ ପିଆଜ ରସୁଣର ଚାହିଦା ସେତେ ଅଧିକ ନଥିବା ସତ୍ତ୍ୱେ ଏଭଳି ଅହେତୁକ ଦରବୃଦ୍ଧି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଭଳି ସମୟରେ ପିଆଜ ଦରରେ ଅହେତୁକ ବୃଦ୍ଧି ନେଇ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖିଛନ୍ତି। ମନ୍ତ୍ରୀ କହିଛନ୍ତି, 'ନାସିକରେ ମଧ୍ୟ ପିଆଜ ଦର ଅଧିକ ରହିଛି। ସେଠାରେ ୪୫ ଟଙ୍କା କେଜି ବିକ୍ରି ହେଉଛି। ଆମର ଯେହେତୁ ଉତ୍ପାଦନ ନାହିଁ, ସେଠୁ ଆସିଲେ ଏଠି ବିକ୍ରି ହେବ। ନାଫେଡ ଜରିଆରେ ପିଆଜ କେଜି ପିଛା ୩୦ ଟଙ୍କା ବିକ୍ରି କରିବାକୁ କୁହାଯାଇଛି।' ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ଗ୍ରାହକଙ୍କ ଚାହିଦା ପୂରଣ କରିବାକୁ ବାର୍ଷିକ ପ୍ରାୟ ୫ ଲକ୍ଷ ମେଟ୍ରିକ ଟନ ପିଆଜ ଦରକାର ପଡ଼େ। ମାସକୁ ହାରାହାରି ୪୦ ହଜାର ଟନ୍‌ରୁ ଅଧିକ ପିଆଜ ଖାଇଥାନ୍ତି ଓଡ଼ିଶାବାସୀ। ଆବଶ୍ୟକତା ଅନୁପାତରେ ଓଡ଼ିଶାରେ ପିଆଜ ଉତ୍ପାଦନ ବହୁତ କମ। । ଓଡ଼ିଶାରେ ବାର୍ଷିକ ୬୦ ହଜାର ଟନ୍ ପିଆଜ ଅମଳ କରାଯାଉଛି। କିନ୍ତୁ ଏହା ଦୁଇମାସକୁ ବି ନିଅଣ୍ଟ। ଏଭଳି ସ୍ଥିତିରେ ପିଆଜ ପାଇଁ ଓଡ଼ିଶା ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର ଉପରେ ଯଥେଷ୍ଟ ନିର୍ଭରଶୀଳ।

## ପିଏମ୍ ସୂର୍ଯ୍ୟଘର ପାଇଁ ସହାୟତା ଦେବ ଓଡ଼ିଶା ସରକାର

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ରାଜ୍ୟର ବିଦ୍ୟୁତ ଉପଭୋକ୍ତା ଅଧିକାର ନିୟମ ୨୦୨୦କୁ ଓଡ଼ିଶା ସକ୍ରିୟ ଭାବେ କାର୍ଯ୍ୟକାରୀ କରୁଛି। ପିଏମ୍ ସୂର୍ଯ୍ୟଘର ଯୋଜନାକୁ ଅଧିକ ଆକର୍ଷିତ କରିବାକୁ ଓଡ଼ିଶା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଚିନ୍ତା କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ନୂଆଦିଲ୍ଲୀର ଯଶୋଭୂମିଠାରେ ମଙ୍ଗଳବାର ଅନୁଷ୍ଠିତ ଶକ୍ତିମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି ଯେ, ଓଡ଼ିଶା ୮୮୫୬ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରି ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରିଛି। ୨୦୩୦ ସୁଦ୍ଧା ୧୫୬୨୩ ମେଗାୱାଟ ଶକ୍ତି ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ସେଥିମଧ୍ୟରୁ ଅଧାରୁ ଅଧିକ ଅକ୍ଷୟ ଶକ୍ତିର ଉତ୍ସରୁ ପ୍ରସ୍ତୁତ ହେବ। ୨୦୩୦ ସୁଦ୍ଧା ରାଜ୍ୟର ଅକ୍ଷୟ ଶକ୍ତି କ୍ଷମତା ୧୦,୦୦୦ ମେଗାୱାଟ୍ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଶକ୍ତି ସଂରକ୍ଷଣକୁ ପ୍ରାଥମିକତା ଦେଇ ଓଡ଼ିଶା ୧୦,୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପିଏସ୍‌ପି ପ୍ଲାଣ୍ଟ ପାଇଁ ଯୋଜନା କରୁଛି। ଏହି ପ୍ରକଳ୍ପଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟାଟେରି ଏନର୍ଜି ଷ୍ଟୋରେଜ ସିଷ୍ଟମ (ବିଏସ୍‌ଏସ୍) ଏବଂ ପିଏସ୍‌ପି ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସହାୟତା ବୃଦ୍ଧି କରିବାକୁ କେ.ଭି. କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଅଣ ପାରମ୍ପରିକ ଶକ୍ତି ପ୍ରକଳ୍ପଗୁଡ଼ିକୁ ଜାତୀୟ ଗ୍ରୀଡ଼ ସହିତ ସଂଯୋଗ କରିବା ପାଇଁ ଗ୍ରୀନ୍ ଏନର୍ଜି କରିଡରର ତୃତୀୟ ପର୍ଯ୍ୟାୟ ସକାଶେ କେନ୍ଦ୍ରୀୟ ସହାୟତା ଲୋଡିଛନ୍ତି। ସାରା ରାଜ୍ୟରେ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ ନିମନ୍ତେ ଆବଶ୍ୟକ ପ୍ରମୁଖ ପ୍ରକଳ୍ପଗୁଡ଼ିକର ତ୍ୱରିତ ପରିବେଶ ମଞ୍ଜୁରୀ ବିଷୟ ଉପରେ କେ.ଭି. ଆଲୋକପାତ କରିଥିଲେ।


Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ସୁନା ୧୩୫୦ ଟଙ୍କା କମିଲା: ରୁପା କେଜି ୨୦୦୦ ଟଙ୍କା ଶସ୍ତା



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ରାଜଧାନୀରେ ସୁନା ଓ ରୁପା ଦାମ୍‌ରେ ବଡ଼ ଧରଣର ହ୍ରାସ ଘଟିଛି। ମଙ୍ଗଳବାର ୨୨ କ୍ୟାରେଟ୍ ସୁନାର ୧୦ ଗ୍ରାମ ପିଛା ଦାମ୍ ୧୩୫୦ ଟଙ୍କା ହ୍ରାସ ପାଇ ୭୦,୮୫୦ ଟଙ୍କାକୁ ଖସିଆସିଛି। ସେହି ସମୟରେ ୨୪ କ୍ୟାରେଟ ସୁନା ଦର ୧୪୭୦ ଟଙ୍କା ହ୍ରାସ ପାଇ ୭୭,୨୯୦ ଟଙ୍କା ହୋଇଛି। ବିବାହ ଋତୁ ଆସୁଥିବା ବେଳେ ସୁନା ଦରରେ ଏଭଳି ହ୍ରାସ ନିଶ୍ଚିତ ରୂପେ ଗ୍ରାହକମାନଙ୍କୁ ସୁହାଇବ ବୋଲି କୁହାଯାଉଛି। ଚଳିତ ମାସ ୧ ତାରିଖରେ ୨୨ କ୍ୟାରେଟ୍ ସୁନା ୭୩,୮୫୦ ଟଙ୍କା ଓ ୨୪ କ୍ୟାରେଟ୍ ଦାମ୍ ୮୦,୫୬୦ ଟଙ୍କା ଥିଲା। ଗତ ୧୧ ଦିନ ମଧ୍ୟରେ ୨୨ କ୍ୟାରେଟ୍ ସୁନା ଦାମ୍ ୩୦୦୦ ଟଙ୍କା କମିଥିବା ବେଳେ ୨୪ କ୍ୟାରେଟ୍ ୩୨୭୦ ଟଙ୍କା ଶସ୍ତା ହୋଇଛି। ଅନ୍ୟ ପକ୍ଷରେ ରୁପା କେଜି ମଧ୍ୟ ୨୦୦୦ ଟଙ୍କା ଶସ୍ତା ହୋଇଛି। ଚଳିତ ମାସ ପ୍ରାରମ୍ଭରେ ରୁପା କେଜି ପ୍ରାୟ ଏକ ଲକ୍ଷ ୯ ହଜାର ଟଙ୍କା ସ୍ତରରେ ଥିଲା। ମଙ୍ଗଳବାର ତାହା ଏକ ଲକ୍ଷ ଟଙ୍କା ସ୍ତରକୁ ଖସିଆସିଛି। ଓଡ଼ିଶାରେ ରୁପା ଦାମ୍ ଜାତୀୟ ଦରଠାରୁ ଅଧିକ ରହୁଛି।

ସୁନା ଦର ସମ୍ପର୍କରେ ଲାଲ୍‌ଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି ଯେ ଦୀପାବଳି ପୂର୍ବରୁ ଅନୁମାନ କରାଯାଉଥିଲା ଯେ ଆଗକୁ ଦାମ୍ କମିପାରେ। ସେହି ଅନୁସାରେ ଏବେ ଦାମ୍ କମୁଛି। ସାଧାରଣତଃ ସୁନା କ୍ଷେତ୍ରରେ ଗୋଟିଏ ସମୟରେ ଦର ବଢ଼ିବା ପରେ ତାହାର ପରବର୍ତ୍ତୀ ସମୟରେ କମିଥାଏ ଏବଂ ପୁଣି ସେହି ଧାରା ବଜାୟ ରହିଥାଏ। ଯେହେତୁ ଆଗକୁ ବହୁତ ବିବାହ ହେବାର ଅଛି ଓ ସୁନା ଦର କମିଛି, ତେଣୁ ଗ୍ରାହକମାନଙ୍କ ଲାଗି କିଣାକିଣି କରିବା ଲାଗି ଏହା ହେଉଛି ଉପଯୁକ୍ତ ସମୟ ବୋଲି ଶ୍ରୀ ହଂସ କହିଛନ୍ତି। ରୁପା ଦର ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କହିଛନ୍ତି ଯେ ବିଶ୍ୱରେ ଘଟୁଥିବା ବିଭିନ୍ନ କାରଣ ଲାଗି ରୁପା ମୂଲ୍ୟ ତଳ ଉପର ହୋଇଥାଏ। ଗ୍ରାହକମାନେ ସର୍ବଦା ଡିଜାଇନ୍ ଓ ଉପଲବ୍ଧତା ଉପରେ ଗୁରୁତ୍ୱ ଦେବା ଉଚିତ। ଦୀର୍ଘକାଳୀନ ଭିତ୍ତିରେ ଦାମ୍ ବଢ଼ିବା ଏକ ସ୍ୱାଭାବିକ ଘଟଣା। ତେଣୁ ଗ୍ରାହକମାନେ ରୁପା ଜିନିଷ କିଣିବା ନିଷ୍ପତ୍ତିକୁ ବିଳମ୍ବ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

# ନିବେଶର ନୂଆ ରଣନୀତି ‘ମୋମେଣ୍ଟମ୍ ଇନ୍‌ଭେଷ୍ଟିଂ’

**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ନିବେଶ ଜରିଆରେ ପାଣ୍ଠି ସୃଷ୍ଟି କରିବାକୁ ଆଗ୍ରହୀ ନିବେଶକମାନଙ୍କ ଲାଗି ଏକ ନୂଆ ରଣନୀତି ବେଶ୍ ଚର୍ଚ୍ଚାରେ ରହିଛି। ତାହା ହେଉଛି ‘ମୋମେଣ୍ଟମ୍ ଇନ୍‌ଭେଷ୍ଟିଂ’। ଏଥିରେ ସେଭଳି ସମ୍ପତ୍ତିକୁ ଚିହ୍ନଟ ଓ ଚୟନ କରାଯାଉଛି ଯାହା ଆଗକୁ ବଢ଼ିବାର ସମ୍ଭାବନା ରହିଛି। ପାରମ୍ପରିକ ନିବେଶଠାରୁ ଏହା ଭିନ୍ନ। ଏଥିରେ ଉଚ୍ଚା ଦାମ୍‌ରେ କିଣିବା ଓ ଉଚ୍ଚା ଦାମ୍‌ରେ ବିକିବା ଉପରେ ଧ୍ୟାନ ଦିଆଯାଇଥାଏ ବୋଲି ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡର ଫଣ୍ଡ୍ ମ୍ୟାନେଜର କାର୍ତ୍ତିକ କୁମାର କହିଛନ୍ତି। ଏହି ରଣନୀତିକୁ ନେଇ ନୂଆ ଫଣ୍ଡ୍ ଆସିଲାଣି ଯାହାକୁ ନିବେଶକମାନେ ନିଜ ପୋର୍ଟଫୋଲିଓରେ ଯୋଡ଼ିପାରିବେ। ସେ କହିଛନ୍ତି ଯେ ବଜାରରେ ଯେଉଁ ଷ୍ଟକ୍‌ଗୁଡ଼ିକ ବର୍ତ୍ତମାନ ସ୍ଥିତିରେ ଆଗକୁ ବଢ଼ୁଛନ୍ତି, ସେଥିରେ ନିବେଶ କରି ସ୍ୱଳ୍ପରୁ ମଧ୍ୟମକାଳୀନ ଲାଭ ହାସଲ କରାଯାଇପାରିବ। ଯେହେତୁ ଭାରତୀୟ ବଜାର ଭଲ ପ୍ରଦର୍ଶନ କରୁଛି, ତେଣୁ ଏହି ରଣନୀତି ଆଧାରରେ ନିବେଶକମାନେ ଅଧିକ ରିଟର୍ଣ୍ଣ ପାଇପାରିବେ। ଏଥିରୁ କିନ୍ତୁ ଲାଭ ସହିତ ବିପଦ ବି ରହିଛି ଯାହାକୁ ସଠିକ୍ ଢଙ୍ଗରେ ପରିଚାଳନା କରିବାକୁ ପଡ଼ିବ। ମୋମେଣ୍ଟମ୍ ପୋର୍ଟଫୋଲିଓରେ ଥିବା ଷ୍ଟକ୍‌ଗୁଡ଼ିକ ବେଶ୍ ସମ୍ବେଦନଶୀଳ ଯାହା ବଜାରରେ କୌଣସି ଘଟଣା ଘଟିଲେ ତାହା ଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି। ମୋମେଣ୍ଟମ୍ ଇନଭେଷ୍ଟିଂ ନିବେଶକମାନଙ୍କୁ ଏକ ସ୍ୱତନ୍ତ୍ର ରଣନୀତି ପ୍ରଦାନ କରୁଛି ଯାହା ପୋର୍ଟଫୋଲିଓରେ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇପାରିବ। ତେବେ ଏହା କିଭଳି କାର୍ଯ୍ୟ କରୁଛି ତାହା ଭଲ ଭାବେ ବୁଝିବା ପରେ ତାହାକୁ ଗ୍ରହଣ କଲେ ନିବେଶକ ଲାଭବାନ ହୋଇପାରିବେ।

## ହୋଣ୍ଡା ଆମେଜ୍‌ର ପ୍ରତିକୃତି ଅନାବରଣ




**ନୂଆଦିଲ୍ଲୀ,୧୩।୧୧:** ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଣ୍ଡା ଆମେଜର ଉଭୟ ବାହ୍ୟ ଓ ଅନ୍ତଃ ଭାଗର ପ୍ରତିକୃତି (ଏକ୍ସଟେରିଅର ଆଣ୍ଡ ଇଣ୍ଟେରିଅର ସ୍କେଚ୍)କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଛି। ଏପରିକି ହୋଣ୍ଡାର ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ଆମେଜ୍ (୩ୟ ପିଢ଼ିର ଯାନ ଆମେଜ୍)କୁ ଆକର୍ଷଣୀୟ ଭାବେ ଡିଜାଇନ ସହ ସମସ୍ତ ପ୍ରକାର ଅତ୍ୟାଧୁନିକ ଫିଚରକୁ ଉକ୍ତ ମଡେଲରେ ସାମିଲ କରାଇଛି। ସେହିଭଳି ଅଟୋଶିଳ୍ପରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ବ୍ରାଣ୍ଡ୍ ଉଭୟ ଟେକ୍ନୋଲୋଜି ଓ ଡିଜାଇନକୁ ସର୍ବାଧିକ ଗୁରୁତ୍ୱ ଦେଉଛି। ଏପରିକି ଏହି ନୂତନ ମଡେଲ ବ୍ରାଣ୍ଡ୍‌ର ସେଡାନ୍ ମଡେଲ ଭଳି ଦେଖାଦେଉଥିବାବେଳେ ଉଭୟ ସାଇଜ ଓ ପରିଦୃଶ୍ୟ ଏକ ଉଚ୍ଚାଭିଳାଷୀ କାର୍ ଭଳି ଅନୁଭବ କରାଉଛି।

# ନିବେଶକ ହରାଇଲେ ୬ ଲକ୍ଷ କୋଟି



**ମୁମ୍ବାଇ,୧୩।୧୧:** ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ-ରାଜନୈତିକ ଘଟଣାବଳୀର ପ୍ରଭାବ ସିଧା ଭାରତୀୟ ଷ୍ଟକ୍ ବଜାର କାରବାର ଉପରେ ପଡ଼ିଛି। ଫଳରେ ମଙ୍ଗଳବାର ଘରୋଇ ଶେୟାର ବଜାରର କାରବାର ଶେଷ ସୁଦ୍ଧା ନିବେଶକ ବଡ଼ ଧରଣର କ୍ଷତି ସହିଛନ୍ତି। ଏପରିକି ନିବେଶକ ଦିନକରେ ପ୍ରାୟ ୬ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ସୋମବାର ପୁଞ୍ଜିବଜାରର ବଜାର ପୁଞ୍ଜି ପ୍ରାୟ ୪୪୮ ଲକ୍ଷ କୋଟି ଥିଲା। ଅପରପକ୍ଷରେ ମଙ୍ଗଳବାର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍ଇ)ର ବଜାର କାରବାର ଶେଷ ସୁଦ୍ଧା ନିବେଶକ ପ୍ରାୟ ୬ (୫.୭୬) ଲକ୍ଷ କୋଟି ଟଙ୍କାର ନିବେଶ ହରାଇବାରୁ ପୁଞ୍ଜି ବଜାରର ବଜାର ପୁଞ୍ଜି ପ୍ରାୟ ୪୪୨ ଲକ୍ଷ କୋଟିରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ୩୦ ଶେୟାର ବିଏସ୍ଇ ସେନ୍‌ସେକ୍ସ ୮୨୧ ପଏଣ୍ଟ କମି ୭୮,୬୭୫ ଅଙ୍କରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ପ୍ରାୟ ୨୬୦ ପଏଣ୍ଟ ହ୍ରାସ ଘଟି ୨୩,୮୮୩ ଅଙ୍କରେ କାରବାର ଶେଷ କରିଥିଲା। ଏପରିକି ବିଏସ୍ଇ ମିଡ୍‌କ୍ୟାପ୍‌ର କାରବାର ୧.୩୧% ହ୍ରାସ ଘଟିଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୧.୬୫% କମିଥିଲା। ନିଫ୍ଟି ମିଡ୍‌କ୍ୟାପ୍‌ର କାରବାର୨୫୯୬.୨୫ ପଏଣ୍ଟ କମି ୫୫,୨୫୭.୫୦ ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ୍‌ର କାରବାର ୧.୫୪% ହ୍ରାସ ଘଟି ୮୬୭୪.୮୫ ଅଙ୍କରେ ଶେଷ କରିଥିଲା। ଅପରପକ୍ଷରେ ନିଫ୍ଟି ବ୍ୟାଙ୍କର କାରବାର ୧.୩୯% କମି ୫୧,୧୫୭.୮୦ ଅଙ୍କରେ କାରବାର ବନ୍ଦ କରିଥିଲା। ସେକ୍ଟରାଲ କ୍ଷେତ୍ରରେ ତୈଳ ଏବଂ ଗ୍ୟାସ୍, ଘରୋଇ ବ୍ୟାଙ୍କ, ଅଟୋ, ସିମେଣ୍ଟ, ଏଫ୍‌ଏମ୍‌ସିଜି, ହେଲ୍‌ଥ କେୟାର ଓ ଫାର୍ମା ଭଳି ନିବେଶକ ସଂସ୍ଥାର ନିବେଶ ପ୍ରାୟ ୧ରୁ୨% ହ୍ରାସ ଘଟିଛି।

## କମ୍‌ଭିଭା ସହ ଏଡବ୍ଲ୍ୟୁଏସ୍‌ର ବୁଝାମଣା

**ନୂଆଦିଲ୍ଲୀ,୧୩।୧୧:** ଦେଶର ପ୍ରମୁଖ ଘରୋଇ ସଂସ୍ଥା କମ୍‌ଭିଭା ଏବଂ ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏ ସମ୍ପର୍କରେ କମ୍‌ଭିଭାର ସିଇଓ ରାଜେଶ ଚାନ୍ଦିରାମନି କହିଛନ୍ତି, କ୍ଲାଉଡ୍ ସମାଧାନଗୁଡିକ ଟେଲିକମ୍ ଅପରେଟରଙ୍କୁ ନୂଆ ରଣନୀତି ଓ ବିଜ୍‌ନେସ୍ ମଡେଲଗୁଡ଼ିକୁ ଆପଣାଇବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରୁଛି, ଯାହା ସେମାନଙ୍କୁ ବ୍ୟବସାୟ ମୂଲ୍ୟ ପ୍ରଦାନ କରିବା ପାଇଁ ସର୍ବୋତ୍ତମ ମାର୍ଗ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିପାରିବ। ଏଡବ୍ଲ୍ୟୁଏସ୍ ଇଣ୍ଡିଆ ଓ ସାଉଥ୍ ଏସିଆର ବିଜ୍‌ନେସ୍ ଡେଭ୍‌ଲପମେଣ୍ଟ ବିଭାଗର ମୁଖ୍ୟ ଭି.ଜି.ସୁନ୍ଦର ରାମ କହିଛନ୍ତି, କମ୍‌ଭିଭା ବାସ୍ତବରେ ଏକ ସାସ୍ ସଂସ୍ଥାରେ ପରିଣତ ହେବା ପାଇଁ ନିଜର ଯାତ୍ରା ଆରମ୍ଭ କରିଥିବାରୁ ଏଡବ୍ଲ୍ୟୁଏସ୍ ଏହାର ପସନ୍ଦର କ୍ଲାଉଡ୍ ଭାବେ କମ୍ପାନୀ ସହ ସହଭାଗିତା କରିବା ପାଇଁ ଉତ୍ସାହିତ ରହିଛି। ଏହି ସହଭାଗିତା ବିସ୍ତୃତ, ସୁରକ୍ଷିତ ଓ ଅଭିନବ ଟେକ୍ନୋଲୋଜି ସମାଧାନ ପ୍ରଦାନକରି ସଂସ୍ଥାଗୁଡ଼ିକୁ ସେମାନଙ୍କର ଡିଜିଟାଲ ରୂପାନ୍ତରଣ ଯାତ୍ରାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବା ପାଇଁ ଆମର ପ୍ରତିବଦ୍ଧତା ସହ ଜଡିତ ରହିଛି।

## ବୟନ ବର୍ଜ୍ୟରୁ ସୂତା ତିଆରି କରିବ ‘ଓଡ଼ିଶା ଟେକ୍ସଟାଇଲ୍ ମାନୁଫାକ୍‌ଚରିଂ’



**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ବୟନ କ୍ଷେତ୍ରର ବର୍ଜ୍ୟକୁ ଅଭିନବ ଢଙ୍ଗରେ ପରିଚାଳନା କରିବା ସହ ପରିବେଶ ଆହ୍ୱାନର ସ୍ଥାୟୀ ସମାଧାନ କରିବା ଲାଗି ଆଗେଇ ଆସିଛି ଓଡ଼ିଶା ଟେକ୍ସଟାଇଲ୍ ମାନୁଫାକ୍‌ଚରିଂ (ଓଟିଏମ୍) ପ୍ରାଇଭେଟ୍ ଲିମିଟେଡ୍। ଖୋର୍ଦ୍ଧାରେ ୫୧.୮୦ କୋଟି ଟଙ୍କା ନିବେଶ କରି ଏହା ଅତ୍ୟାଧୁନିକ ସୂତାକଳ ସ୍ଥାପନ କରିବ। ସେଥିରେ ମୁନିସପାଲିଟିର ବୟନ ବର୍ଜ୍ୟ ଓ ବୟନ ଶିଳ୍ପରୁ ସୃଷ୍ଟି ହେଉଥିବା ବର୍ଜ୍ୟକୁ ବ୍ୟବହାର କରି ସେଥିରୁ ରିସାଇକଲ୍‌ଡ ସୂତା ତିଆରି କରାଯିବ। ଏହି ପ୍ରକଳ୍ପ ଦ୍ୱାରା ୫୩୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ନିକଟରେ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷ ଏହି ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଓଟିଏମ୍‌ର ଏହି ପ୍ରକଳ୍ପ ହେଉଛି ଦଶନ୍ଧି ମଧ୍ୟରେ ଓଡ଼ିଶାର ପ୍ରଥମ ନୂଆ ସୂତାକଳ। ଏହି ଅତ୍ୟାଧୁନିକ ସୂତାକଳରେ ଉନ୍ନତ ରିସାଇକଲିଂ ପ୍ରଯୁକ୍ତି ବ୍ୟବହାର କରାଯିବ। ଜର୍ମାନୀର ଟ୍ରୁଜସ୍ଲର ଓ ତୁର୍କୀର ବଲ୍‌କାନ୍ ଟେକ୍ସଟାଇଲ୍ ମେସିନାରିରୁ ଓଟିଏମ୍ ଏହି ପ୍ରଯୁକ୍ତି ଆଣିବ। ସୂତାକଳ ପାଇଁ କମ୍ପାନି ସ୍ୱିଜରଲ୍ୟାଣ୍ଡର ସୌରର୍ ଏଜି ସହ କଥାବାର୍ତ୍ତା କରୁଛି। ସେଠାରୁ ଏହା ରୋଟର୍ ଓ ରିଙ୍ଗ୍ ସ୍ପିନିଂ ପ୍ରଯୁକ୍ତି ଆଣିବ। ଖୋର୍ଦ୍ଧାରେ ସ୍ଥାପନ ହେବାକୁ ଯାଉଥିବା ଏହି ସୂତାକଳ ଦ୍ୱାରା ରାଜ୍ୟର କପାଚାଷୀମାନେ ମଧ୍ୟ ବିଶେଷ ଭାବେ ଉପକୃତ ହେବେ। ଫଳରେ ଠିକ୍ ଭାବେ ଉପଯୋଗ ହୋଇପାରୁନଥିବା ରାଜ୍ୟର ଏହି ସମ୍ବଳର ଚାହିଦା ବଢ଼ିବ। କମ୍ପାନି ସ୍ଥାନୀୟ ଚାଷୀଙ୍କଠାରୁ ସିଧାସଳଖ କପା ସଂଗ୍ରହ କରିବ। ଫଳରେ ଉଭୟ ଚାଷୀକୂଳ ଓ ବୟନ କ୍ଷେତ୍ର ଉପକୃତ ହେବେ। ବୟନ ବର୍ଜ୍ୟ ସମସ୍ୟା ମୁକାବିଲା ଲାଗି ସଂଘର୍ଷ କରୁଥିବା ମୁନିସିପାଲିଟି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଏହି ପ୍ରକଳ୍ପ ଆଶ୍ୱସ୍ତି ପ୍ରଦାନ କରିବ। ଏହା ରାଜ୍ୟର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ରୋଜଗାରର ମାଧ୍ୟମ ସୃଷ୍ଟି କରିବ।

# ଆର୍‌ବିଆଇ ଆକଳନ ହେଲା ଭୁଲ୍: ଖୁଚୁରା ମୁଦ୍ରାସ୍ଫୀତି ୬.୨୧%



**ମୁମ୍ବାଇ/ନୂଆଦିଲ୍ଲୀ,୧୩।୧୧:** ଦେଶରେ କିଛିବର୍ଷ ହେଲା ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ ବଢ଼ିଚାଲିଥିବାବେଳେ ଏଥିରେ ଲଗାମ ଲଗାଇବା ପାଇଁ ମୁଦ୍ରାସ୍ଫୀତିକୁ ୨%ରୁ ୬% ମଧ୍ୟରେ ସୀମିତ ରଖିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କର ଉଦ୍ୟମ ସତ୍ତ୍ୱେ ମୁଦ୍ରାସ୍ଫୀତି ବଢ଼ିଚାଲିଛି। ଗତ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୯ ମାସର ସର୍ବୋଚ୍ଚ ସ୍ତର ୫.୪୯% ରହିଥିବାବେଳେ ଅକ୍ଟୋବରରେ ୫.୮୧% ରହିବା ଅନୁମାନ କରାଯାଇଥିଲା। ତେବେ ମୁଦ୍ରାସ୍ଫୀତି ଏହି ଅନୁମାନଠାରୁ ଆହୁରି ଉପରକୁ ଉଠି ୬.୨୧% ରହିଥିଲା। ସରକାରଙ୍କ ପକ୍ଷରୁ ମଙ୍ଗଳବାର ଜାରି ତଥ୍ୟ ଅନୁସାରେ ପରିବା ଦର ୫ ବର୍ଷର ରେକର୍ଡ ଭାଙ୍ଗି ୪୨.୪% ବୃଦ୍ଧି ପାଇଛି। ଅକ୍ଟୋବରରେ ଟମାଟୋ ଦର ୧୬୧.୩% ବଢ଼ିଥିଲା। ସେହିପରି ରସୁଣ ୮୨.୫%, ଆଳୁ ୬୪.୯% ଓ ପିଆଜ ୫୧.୮% ମହଙ୍ଗା ହୋଇଥିଲା। ଖାଇବା ତେଲ ଉପରେ ସରକାର ସୀମା ଶୁଳ୍କ ଲାଗୁ କରିବା ମଧ୍ୟ ମୁଦ୍ରାସ୍ଫୀତି ବଢ଼ିବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କେବଳ ଯେ ମଧ୍ୟମ ଆୟକାରୀ ପରିବାରଗୁଡ଼ିକର କ୍ରୟଶକ୍ତିକୁ ଦୁର୍ବଳ କରିଦେଇଛି ତାହା ନୁହେଁ, ଏହା ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ମଧ୍ୟ ପ୍ରଭାବିତ ହେବ। ୨୦୨୪-୨୫ରେ ଜିଡିପି ୭.୨% ରହିବା ନେଇ ଆର୍‌ବିଆଇ ପୂର୍ବରୁ ଭବିଷ୍ୟବାଣୀ କରିଥିଲା। ମୁଦ୍ରାସ୍ଫୀତିର ମାତ୍ରାଧିକ ବୃଦ୍ଧିକୁ ଦେଖି ବିଶେଷଜ୍ଞମାନେ ଜିଡିପି ହାର ଖସିବା ନେଇ ଅନୁମାନ କରିଛନ୍ତି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପ୍ରିନ୍ସିପାଲ ଇକୋନୋମିଷ୍ଟ ଶକ୍ତି ଗୁପ୍ତା କହିଛନ୍ତି, ଡିସେମ୍ବରରେ ହେବାକୁ ଥିବା ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକରେ ରେପୋ ରେଟ୍ ହ୍ରାସ ପାଇଁ ଆର୍‌ବିଆଇ ବିଚାର କରୁଥିବା ଆଜିର ମୁଦ୍ରାସ୍ଫୀତିକୁ ଦେଖିଲେ ଏଥିଲାଗି କବାଟ ବନ୍ଦ ହୋଇଯାଇଥିବା ମନେହେଉଛି। ଏଲାରା ସିକ୍ୟୁରିଟିଜ୍‌ର ଅର୍ଥନୀତିଜ୍ଞ ଗାରିମା କପୁର ମଧ୍ୟ ଆଗାମୀ ଏମ୍‌ପିସି ବୈଠକରେ ସୁଧହାର ହ୍ରାସ ପାଇ ନ ପାରେ ବୋଲି ମତ ଦେଇଛନ୍ତି।

## ସ୍ମାର୍ଟଫୋନ ବ୍ୟବହାରକାରୀଙ୍କୁ ଲାଗିବ ବଡ଼ ଝଟକା



**ନୂଆଦିଲ୍ଲୀ,୧୩।୧୧:** ସାରା ବିଶ୍ୱରେ ସ୍ମାର୍ଟଫୋନର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପ୍ରତିଦିନ ନୂଆ କମ୍ପାନୀ ବଜାରରେ ସ୍ମାର୍ଟଫୋନ ଲଞ୍ଚ କରୁଛନ୍ତି। କିନ୍ତୁ ୨୦୨୫ରେ ସ୍ମାର୍ଟଫୋନ ମହଙ୍ଗା ହୋଇପାରେ। ଏହା ପଛରେ ତିନୋଟି ବଡ କାରଣ ସାମ୍ନାକୁ ଆସିଛି। ଯେହେତୁ ଏଆଇ ର ବ୍ୟବହାର ବଢୁଛି, ବଡ ଟେକ କମ୍ପାନୀଗୁଡିକ ମଧ୍ୟ ଏଆଇ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଭଳି ପରିସ୍ଥିତିରେ ଫୋନର ମୂଲ୍ୟ ବୃଦ୍ଧି ପାଉଛି। ୨୦୨୫ରେ ସ୍ମାର୍ଟଫୋନର ମୂଲ୍ୟ ବୃଦ୍ଧି ପଛରେ ତିନୋଟି କାରଣ ହୋଇପାରେ। ପ୍ରଥମତଃ ଭଲ ଉପାଦାନଗୁଡ଼ିକର ମୂଲ୍ୟ ବୃଦ୍ଧି, ଦ୍ୱିତୀୟତଃ ୫ଜି ନେଟୱାର୍କର ଆଗମନ ହେତୁ ଖର୍ଚ୍ଚ ବୃଦ୍ଧି ଏବଂ ତୃତୀୟରେ, ଏଆଇ ପରି ନୂତନ ବୈଷୟିକ ଜ୍ଞାନର ବ୍ୟବହାର। ରିସର୍ଚ୍ଚ ଅନୁଯାୟୀ ସ୍ମାର୍ଟଫୋନର ହାରାହାରି ମୂଲ୍ୟ ୨୦୨୪ରେ ୩% ଏବଂ ୨୦୨୫ରେ ୫% ବୃଦ୍ଧି ହୋଇପାରେ। ଏହାର କାରଣ ହେଉଛି ଲୋକମାନେ ବର୍ତ୍ତମାନ ଅଧିକ ଶକ୍ତିଶାଳୀ ପ୍ରୋସେସର୍ ଏବଂ ଏଇ ସହିତ ମହଙ୍ଗା ଫୋନ କିଣୁଛନ୍ତି। ଜେନେରେଟିଭ ଏଆଇ ହେତୁ ସ୍ମାର୍ଟଫୋନ ମହଙ୍ଗା ହେଉଛି। ଲୋକମାନେ ଏଆଇ ଫିଚରକୁ ବହୁତ ପସନ୍ଦ କରନ୍ତି । ତେଣୁ, ସ୍ମାର୍ଟଫୋନ ଉତ୍ପାଦନକାରୀ କମ୍ପାନୀଗୁଡିକ ଅଧିକ ଶକ୍ତିଶାଳୀ ସିପିୟୁ, ଏନ୍‌ପିୟୁ ଏବଂ ଜିପିୟୁ ସହିତ ଚିପ୍ସ ପ୍ରସ୍ତୁତ କରୁଛନ୍ତି । ଏହି ଚିପ୍ସର ମୂଲ୍ୟ ସାଧାରଣତଃ ବହୁତ ଅଧିକ, ଯେଉଁଥିପାଇଁ ଫୋନର ମୂଲ୍ୟ ମଧ୍ୟ ବଢିଥାଏ। ଚିପ୍ସ ତିଆରି ପାଇଁ ନୂତନ ଟେକ୍ନୋଲୋଜି ଯଥା ୪ଏନ୍‌ଏମ୍ ଏବଂ ୩ଏନ୍‌ଏମ୍ ଭଳି ଉପାଦାନଗୁଡ଼ିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି । ଏହା ବ୍ୟତୀତ କମ୍ପାନୀଗୁଡିକ ସଫ୍ଟୱେର୍ ତିଆରି ଏବଂ ଉନ୍ନତି ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ।

## ବିନା ପେଟ୍ରୋଲରେ ଚାଲିବ କାର୍

**ନୂଆଦିଲ୍ଲୀ,୧୩।୧୧:** ଜର୍ମାନୀର ବିଳାସପୂର୍ଣ୍ଣ କାର ନିର୍ମାତା କମ୍ପାନୀ ମର୍ସିଡିଜ୍ ଭାରତରେ ଏକ ନୂତନ କାର ଲଞ୍ଚ କରିଛି । ଏହାର ଲାଇନ୍‌ଅପ୍ ବିସ୍ତାର କରି କମ୍ପାନୀ ଏକ ନୂଆ ସି ୬୩ ଏସ୍ଇ ପରଫରମାନ୍ସ ଲଞ୍ଚ କରିଛି । ମର୍ସିଡିଜ୍ ର ନୂଆ କାର୍ ହାଇବ୍ରିଡ୍ ଇଞ୍ଜିନ୍



ଏବଂ ଅନେକ ନୂତନ ଫିଚର୍ସ ସହିତ ଅଣାଯାଇଛି। ତେବେ ଆସନ୍ତୁ ଜାଣିବା ଏହି ମର୍ସିଡିଜ୍ କାରର ଦାମ୍, ଫିଚର୍ସ ଏବଂ ବିଶେଷତା କ'ଣ? ଭାରତରେ ମର୍ସିଡିଜ୍ ଏଏମ୍‌ଜି ସି ୬୩ ଏସ୍ଇ ର ଡିସପ୍ଲେ ମୂଲ୍ୟ ୧ କୋଟି ୯୫ ଲକ୍ଷ ଟଙ୍କା ସହିତ ଲଞ୍ଚ କରାଯାଇଛି । ଲଞ୍ଚ ସହିତ ଗତ କାଲି ଠାରୁ ଏହି କାରର ବୁକିଂ ଆରମ୍ଭ ହୋଇଛି, ଯାହା ଆସନ୍ତା ବର୍ଷ ଅର୍ଥାତ ୨୦୨୫ ସୁଦ୍ଧା ଡେଲିଭରୀ ହେବ ବୋଲି ଆଶା କରାଯାଉଛି ।

## ସପ୍ତାହକୁ ୫,୬୦୦ ବିମାନ ଉଡ଼ାଇବ ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ,୧୩।୧୧:** ଭାରତୀୟ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ହୋଇଛି। ମଙ୍ଗଳବାର ଏୟାର ଇଣ୍ଡିଆ ସହିତ ଭିସ୍ତାରା ବିମାନ ସେବାର ସମ୍ପୂର୍ଣ୍ଣ ବିଲୟ ହୋଇଛି। ଏହି ବିଲୟ ପରେ ଏୟାର ଇଣ୍ଡିଆ ଆହୁରି ବଡ଼ କମ୍ପାନୀ ହୋଇଯାଇଛି। ଏହି ବିଲୟ ପରେ ଏୟାର ଇଣ୍ଡିଆ ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିବ। କମ୍ପାନୀ ସପ୍ତାହକୁ ୫,୬୦୦ ବିମାନ ପରିଚାଳନା କରିବ। ୯୦ରୁ ଅଧିକ ସ୍ଥାନକୁ ଏୟାର ଇଣ୍ଡିଆ ବିମାନ ଉଡ଼ାଣ ଭରିବ। ଏହି ବିଲୟ ପରେ ଚୁକ୍ତି ଅନୁସାରେ, ସିଙ୍ଗାପୁର ଏୟାରଲାଇନ୍ ଏୟାର ଇଣ୍ଡିଆର ୨୫.୧ ପ୍ରତିଶତ ଅଂଶଧନ ରଖିବ। ଗତ କିଛି ମାସରେ ଏୟାର ଇଣ୍ଡିଆ ବିସ୍ତାର ମିଶ୍ରଣ ପ୍ରକ୍ରିୟା ଜାରି ରହିଥିଲା। ଶେଷରେ ମଙ୍ଗଳବାର ସବୁ ପ୍ରକ୍ରିୟା ଶେଷ ହୋଇ ଦୁଇ କମ୍ପାନୀ ଏକ୍ ହୋଇଛନ୍ତି। ଏନେଇ ଏୟାର ଇଣ୍ଡିଆ ଏକ ବିବୃତ୍ତି ଜାରି କରିଛି। ଯେଉଁଥିରେ କୁହାଯାଇଛି “ଏୟାର ଇଣ୍ଡିଆ ଗ୍ରୁପ୍ ଭିସ୍ତାରା ସହିତ ଏହାର ମିଶ୍ରଣ ପ୍ରକ୍ରିୟା ଆଇନଗତ ଭାବେ ଶେଷ କରିଛି। ଫଳରେ ଏକ ବଡ଼ ପୂର୍ଣ୍ଣସେବା ପ୍ରଦାନକାରୀ କମ୍ପାନୀର ନିର୍ମାଣ ହୋଇଛି। ଘରୋଇକରଣ ପରେ ପରିବର୍ତ୍ତନ ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।” ୨୦୧୫ରେ କମ୍ପାନୀଗୁଡ଼ିକର ମିଶ୍ରଣ ପରେ ଏୟାର ଇଣ୍ଡିଆ ଗ୍ରୁପ୍ର ୩୦୦ ବିମାନ ୫୫ ଟି ଘରୋଇ ଏବଂ ୪୮ ଟି ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ଉଡ଼ାଣ ଭରୁଥିଲା। ୩୧୨ରେ ଯାତ୍ରା ସହିତ କମ୍ପାନୀ ମୋଟ ସପ୍ତାହରେ ୮,୩୦୦ ବିମାନ ଚଳାଉଥିଲା। କମ୍ପାନୀର ମୋଟ କର୍ମଚାରୀଙ୍କ ସଂଖ୍ୟା ୩୦,ହଜାରରୁ ଅଧିକ ରହିଥିଲା।

## ଏଣିକି ଆଇଟି ରିଫଣ୍ଡ ପାଇଁ ମିଥ୍ୟା ଦାବି କଲେ ଯିବେ ଜେଲ୍

**ନୂଆଦିଲ୍ଲୀ,୧୩।୧୧:** ଆଟିଆର୍ ରିଫଣ୍ଡ ପାଇଁ ମିଥ୍ୟା ଦାବି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଆୟକର ବିଭାଗ । ଯଦି ଆପଣ ଏହାକୁ ଏଡ଼ାଇବାକୁ ଚାହୁଁଛନ୍ତି, ତା' ହେଲେ ସର୍ବଦା ସଚ୍ଚୋଟ ଭାବରେ ଟିକସ ଦିଅନ୍ତୁ । ଟ୍ୟାକ୍ସ ରିଟର୍ଣ୍ଣ ଦାଖଲ କଲା ବେଳେ ସଠିକ୍ ତଥ୍ୟ ଦିଅନ୍ତୁ । କାରଣ, ଆୟକର ବିଭାଗ ନକଲି ଉପାୟରେ ଟ୍ୟାକ୍ସ ରିଫଣ୍ଡ ନେଉଥିବା କରଦାତାଙ୍କ ବିରୋଧରେ ଏବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇଛି । ସାରା ଦେଶରେ ଅନେକ ଲୋକଙ୍କୁ ନୋଟିସ୍ ଜାରି କରିଛି ବିଭାଗ, ଯେଉଁମାନେ କି, ଆୟକର ରିଫଣ୍ଡ ପାଇଁ ମିଥ୍ୟା ଦାବି କରିଛନ୍ତି । ବିଭାଗକୁ ଲାଗୁଛି, ଏମାନେ ନକଲି ଉପାୟରେ ଆୟକର ରିଫଣ୍ଡ ନେବାକୁ ଚେଷ୍ଟା କରୁଛନ୍ତି । ଖାସ୍ କରି ଯେଉଁମାନେ ବଡ଼ ଆକାରରେ ରିଫଣ୍ଡ ନେବାକୁ ଦାବି କରିଛନ୍ତି, ବିଭାଗ ସେହିମାନଙ୍କୁ ସନ୍ଦେହ କରୁଛି । ଏଭଳି କରଦାତାମାନେ ପ୍ରାୟତଃ ନକଲି ଖର୍ଚ୍ଚ, ଦିବ୍ୟାଙ୍ଗତା କିମ୍ବା ମେଡିକାଲ ଦାବି ଦେଖାଇ ରିଫଣ୍ଡ ନେବାକୁ ଚେଷ୍ଟା କରନ୍ତି । ତେଣୁ ବିଭାଗ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛି । ନକଲି ବା ମିଥ୍ୟା ଦାବି ଯୋଗୁ ସରକାର ରାଜସ୍ୱ ହରାଉଥିବାରୁ ଏମିତି ପଦକ୍ଷେପ ନିଆଯାଇଛି ।

# ପେପ୍ସି, କୁର୍‌କୁରେ ଓ ହର୍ଲିକ୍ସ ପରି ଖାଦ୍ୟ ସାମଗ୍ରୀ ବନିପାରେ କ୍ଷତିକାରକ!

**ନୂଆଦିଲ୍ଲୀ,୧୩।୧୧:** ଯଦି ଆପଣ ପେପସିକୋ, ୟୁନିଲିଭର ଏବଂ ଡେନୋନ୍ ପରି କମ୍ପାନିର ଖାଦ୍ୟ ପଦାର୍ଥ ବ୍ୟବହାର କରୁଛନ୍ତି ତେବେ ସାମାନ୍ୟ ସତର୍କ ହୋଇଯାଆନ୍ତୁ। ନିକଟରେ ଏଟିଏନ୍‌ଆଇ ବା ଆକ୍ସେସ୍ ଟୁ ନ୍ୟୁଟ୍ରିସନ୍ ଇନିସିଏଟିଭ୍ ନାମକ ଏକ ବିଶ୍ୱସ୍ତରୀୟ ଫାଉଣ୍ଡେସନ୍ ରିପୋର୍ଟରେ ଏହି ସବୁ କମ୍ପାନିର କିଛି ଖାଦ୍ୟପଦାର୍ଥକୁ କ୍ଷତିକାରକ ବୋଲି ପ୍ରକାଶ କରିଛି। ପେପସିକୋ ଦେଶରେ ପେପସି, ସେଭେନଅପ୍, ସ୍ଲାଇସ୍, ଷ୍ଟିଙ୍ଗ୍, ଚିପ୍ସ, କୁର୍କୁରେ ଇତ୍ୟାଦି ବିକ୍ରି କରେ। ସେହିପରି ୟୁନିଲିଭର ହର୍ଲିକ୍ସ, ରେଡ୍ ଲେଭଲ୍ ଚା, ତାଜମହଲ ଚା, କ୍ଲୋଜ୍‌ଅପ୍ ଟୁଥ୍ ପେଷ୍ଟ , କ୍ଲିନିକ୍ ପ୍ଲସ୍ ସାମ୍ପୁ ଏବଂ ତେଲ, କପୋତ ସାବୁନ୍ ବିକ୍ରି କରେ। ଏହା ବ୍ୟତୀତ, ଡେନୋନ୍ ଶିଶୁ ଖାଦ୍ୟ ସାମଗ୍ରୀ ବିକ୍ରୟ କରେ ଯେଉଁଥିରେ ପ୍ରୋଟିନେକ୍ସ ମଧ୍ୟ ଅନ୍ତର୍ଭୁକ୍ତ।

ପେପସିକୋ, ୟୁନିଲିଭର, ଡେନୋନ୍ ପରି କମ୍ପାନିଗୁଡିକ ଭାରତ ସମେତ ସାରା ବିଶ୍ୱରେ ଅନେକ ପ୍ରକାରର ଉତ୍ପାଦ ବିକ୍ରି କରନ୍ତି। ଏଟିଏନ୍‌ଆଇ ପ୍ରକାଶ କରିଥିବା ରିପୋର୍ଟ ଅନୁଯାୟୀ, ଏହି କମ୍ପାନିଗୁଡିକ ଭାରତ ସମେତ ଅନ୍ୟାନ୍ୟ ଦେଶରେ ଖରାପ ଗୁଣବତ୍ତା ଉତ୍ପାଦ ବିକ୍ରି କରୁଛନ୍ତି। ଏହା ସ୍ପଷ୍ଟ ଯେ ଏହି କମ୍ପାନିଗୁଡିକ ଅଧିକ ଲାଭର ଲୋଭରେ ଆମ ଦେଶର ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି।

ରିପୋର୍ଟ ଅନୁଯାୟୀ, ଉଚ୍ଚ ଆୟକାରୀ ଦେଶଗୁଡିକରେ କମ୍ପାନି ବିକ୍ରି କରୁଥିବା ସାମଗ୍ରୀର ଉନ୍ନତ ସ୍ୱାସ୍ଥ୍ୟ ତାରକା ମୂଲ୍ୟାୟନ ରହିଛି। ତେବେ ଇଥିଓପିଆ, ଘାନା, କେନିଆ, ନାଇଜେରିଆ, ପାକିସ୍ଥାନ, ଫିଲିପାଇନ୍ସ, ତାଞ୍ଜାନିଆ ଏବଂ ଭିଏତନାମ ଆଦି ଦେଶରେ ଭାରତ ପରି ନିମ୍ନ ଗୁଣବତ୍ତାର ସାମଗ୍ରୀ ବିକ୍ରି କରାଯାଉଥିବା ସୂଚନା ରହିଛି।



# ପୀରଜାହାନିଆ ବାଲିଯାତ୍ରା ପାଇଁ ବଢୁଛି କ୍ରେଜ

## ଚଳିତ ବର୍ଷରୁ ଆରମ୍ଭ ହେଉଛି ତାଳଦା ଦେବୀ ପଠାରେ ଆଞ୍ଚଳିକ ବୋଇତ ବନ୍ଦାଣ



**କାକଟପୁର /ଅସ୍ତରଙ୍ଗ,୧୩।୧୧(ସଂଚାର ବ୍ୟୁରୋ):** ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ଐତିହ୍ୟ ବହନ କରୁଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ପୀରଜାହାନିଆଁ ବାଲିଯାତ୍ରା।ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଛୁରିଆନା ପଂଚାୟତ ପୀରଜାହାନିଆଁ ପୀଠ ଉପର ଓ ତଳ ପଡିଆରେ ଆୟୋଜିତ ହେବାକୁ ଥିବା ପୀରଜାହାନିଆ ବାଲିଯାତ୍ରା କୁ ସାଧାରଣ ଲୋକ ମନୋରଞ୍ଜନ କରିବେ।କିଣାବିକା ସାଙ୍ଗକୁ ବିଚିତ୍ରାରେ ପୀରଜାହାନିଆଁ ବାଲିଯାତ୍ରା ମାହୋଲ ଉତ୍ସବ ମୁଖରିତ ହେବ। ପୁଲିସ ସହ ଅଗ୍ନିଶମ ବିଭାଗର ଗୋଟିଏ ଲେଖାଏଁ ପୋଷ୍ଟ ରହିବା ସହ ଏଠାରେ ଜରୁରୀ କାଳୀନ ଆନାଉନ୍ସମେଣ୍ଟ କରାଯିବ।ସେହିପରି ପିଇବା ପାଣିର ସଠିକ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରାଫିକ ଓ ପାର୍କିଂ କୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ବାଲିଯାତ୍ରା ବେଳେ ଭାରିଯାନ ଚଳାଚଳ ଉପରେ ନଜର ରଖାଯିବ।ପୀରଜାହାନିଆଁ ବାଲିଯାତ୍ରା ସମୟରେ ପୁରୀ ପୁଲିସ ତରଫରୁ ଅତିରିକ୍ତ ଏସ୍ପି ଙ୍କ ତତ୍ୱାବଧାନ ରେ ନିମାପଡା ଏସଡିପିଓ, ୩ ଜଣ ଥାନାଧିକାରୀ, ପାଞ୍ଚ ଜଣ ସବଇନିସ୍ପେକ୍ଟର,୧୦ଜଣ ଏସଆଇ,୧୨ଜଣ କନେଷ୍ଟବଳ ସହ ହୋମଗାର୍ଡ ୩୦ଜଣ ଓ ୩ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ଯାହାକି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ।ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ରହିବ ମେଡିକାଲ କ୍ୟାମ୍ପ।ସେହିପରି ଚଳିତ ବର୍ଷ ଠାରୁ ଆରମ୍ଭ ହେବାକୁ ଯାଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ ତାଳଦା ପଂଚାୟତ ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ତରାସାହି ପଂଚାୟତ ର ମିଳିତ ସହଯୋଗରେ ଦେବୀ ନଦୀ ପଠାରେ ବୋଇତ ବନ୍ଦାଣ ଉତ୍ସବ ଓ ବାଲିଯାତ୍ରା ଅନୁଷ୍ଠିତ ହେବ। ଆସନ୍ତା ୧୫ତାରିଖ ପୂର୍ବାହ୍ନ ରେ ଅତିଥି ମାନଙ୍କ ଉପସ୍ଥିତ ରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୮ତାରିଖ ପର୍ଯ୍ୟନ୍ତ ଦେବୀ ନଦୀ ପଠାରେ ଉତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠିତ ହେବାକୁ ଥିବା ଉତ୍ସବର ବିଭିନ୍ନ ଦିନରେ ବାଲିକୁଦା, କାକଟପୁର, ଜଗତସିଂହପୁର, ନିମାପଡା ବିଧାନସଭା କ୍ଷେତ୍ରର ବିଧାୟକ ଏବଂ ଉପମୁଖ୍ୟମନ୍ତ୍ରୀ ସହିତ ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ପ୍ରଥମଥର ପାଇଁ ବୋଇତ ବନ୍ଦାଣ ଉତ୍ସବ ତରାସାହି ଓ ତାଳଦା ପଂଚାୟତ ର ମିଳିତ ଭାବରେ ହେବାକୁ ଯାଉଛି। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଜନସମ୍ପର୍କ ପଦଯାତ୍ରା



**ବରଗଡ଼,୧୩।୧୧(ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ର ବରଗଡ଼ ଜିଲ୍ଲା ଭଟଲି ନିର୍ବାଚନ ମଣ୍ଡଳୀ ତରଫରୁ ଆୟୋଜିତ ମାଧ୍ୟମରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ ଙ୍କ ନେତୃତ୍ୱରେ ସୋହେଲା ଠାରେ ୧୦ ହଜାର ରୁ ଉର୍ଦ୍ଧ୍ୱ ଏକ ବିଶାଳ "ଜନ ସଂପର୍କ ପଦଯାତ୍ରା" କାର୍ଯ୍ୟକ୍ରମ ସଫଳତା ପୂର୍ବକ ଅନୁଷ୍ଠିତ ହୋଇଥିଲା। ଲୋକଙ୍କ ସମାଗମ ରୁ ଜଣାପଡେ ଯେ ବର୍ତ୍ତମାନ ମଧ୍ୟ ତାଙ୍କ ଲୋକ ପ୍ରିୟତାରେ ଏବେ ବି ପଶ୍ଚିମ ଓଡ଼ିଶାର ଜିଲ୍ଲା ଅବସ୍ଥିତି। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ରୂପେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ମନ୍ତ୍ରୀ ରିତା ସାହୁ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ର ପରିଚାଳକ ସୁବ୍ରତ କୁମାର ବେହେରା,ଭଟଲି ବ୍ଲକ୍ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କାର୍ତ୍ତି ଚନ୍ଦ୍ର ପ୍ରଧାନ, ସୋହେଲା ବ୍ଲକ୍ ଅଧ୍ୟକ୍ଷ ରବି ପ୍ରଧାନ, ଭଟଲି ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନ, ଅମ୍ବାଭୋନା ବ୍ଲକ୍ ବିଜେଡି ସଭାପତି ରଘୁନାଥ ପଟେଲ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଜିବର୍ଦ୍ଧନ ବରିହା, ବରିଷ୍ଠ ବିଜେଡି ନେତା ସୋମନାଥ ମହାପାତ୍ର,ବରିଷ୍ଠ ବିଜେଡି ନେତା ଗୌର ହରି ମିଶ୍ର,ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ବୃନ୍ଦ କଳ୍ପନା ମାଝୀ, ଗୋରୀ ନାଏକ, ମିତା ବିଶି, ଲାଇଫୁଲ ସିଂ ବରିହା, ଭାରତୀ ଭୁଏ, ଈଶ୍ୱର ଚନ୍ଦ୍ର ସାହୁ, ଗଣତନ୍ତ୍ର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ଦୟାନିଧି ପଟେଲ,ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ,ଜିଲ୍ଲା ଯୁବ ଛାତ୍ର ସଭାପତି କରନ୍ ସିକନ୍ଦର, କାର୍ତ୍ତିକ ବାରିକ ଯୋଗଦେଇ କାର୍ଯ୍ୟକ୍ରମ କୁ ସଫଳ ମଣ୍ଡିତ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା ସମାରୋହ



**ରାଇଘର,୧୩।୧୧(ସଂଚାର ବ୍ୟୁରୋ):** ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗୁଛାଗୁଡା ଠାରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଉଦଯାପିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାଗୋଇ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଶ୍ରୀମତୀ ପ୍ରିତିସ୍ନିଗ୍ଧା ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ମାଝୀ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଜୋନ୍ ନଂ ୧ ର ଜିଲ୍ଲା ପରିଷଦ ପ୍ରାର୍ଥୀ ଜତିନ୍ଦ୍ରନାଥ ଗଣ୍ଡ, ଜୋନ୍ ନଂ ୨ ର ନାନାରା ଖରା, ଜୋନ୍ ୪ ର ପ୍ରାର୍ଥୀ ଖଗେଶ୍ୱର ହରିଜନ, ମୁଣ୍ଡି ବେଡା ସରପଞ୍ଚ ନନ୍ଦଲାଲ ମାଝୀ, ସମିତି ସଭ୍ୟ ଶଙ୍କର ଗଣ୍ଡ, ସମିତି ସଭ୍ୟ ରାମନାଥ କେଉଟ, ସମିତି ସଭ୍ୟ ରାଜେଶ ଅଧିକାରୀ, ତିରୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ମାଝୀ ସଭାପତିତ୍ୱ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନର ଅବଦାନ ସମ୍ପର୍କରେ ବୁଝାଇଥିଲେ । ସମୁଦାୟ ୧୪୪ ଟି ପ୍ରକଳ୍ପର ପ୍ରଦର୍ଶନ ହୋଇଥିବା ବେଳେ ସାତୋଟି ପ୍ରକଳ୍ପକୁ ବିଗରକ ପ୍ରଫୁଲ୍ଲ ରାଉତ ଓ ବିଶ୍ୱନାଥ ସାହୁ ଚୟନ କରିଥିଲେ। ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ହାଟଭରଣ୍ଡି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖୁଟୁଗାଁ, ଏସଏସଡି ହାଇସ୍କୁଲ ନୂଆପାରା, ସରକାରୀ ଉଚ୍ଚବିଦ୍ୟାଳୟ କୁନ୍ଦେଇ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରଣ୍ଡ ଖୁଣ୍ଟ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛେଲିଡଙ୍ଗରୀ ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କଲିଆପଦରକୁ ପରବର୍ତ୍ତୀ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ପାଇଁ ବାଛିଥିଲେ।

# ଅବ୍ୟବସ୍ଥା ଘେରରେ ସ୍ମାର୍ଟ ପାର୍କ: ପୌର ପ୍ରଶାସନର ଦୃଷ୍ଟିନାହିଁ



**ସୁବର୍ଣ୍ଣପୁର,୧୩।୧୧(ସଂଚାର ବ୍ୟୁରୋ):** ସୋନପୁର ଜିଲ୍ଲା ସଦର ମହକୁମାଠାରେ ଥିବା ସ୍ମାର୍ଟ ପାର୍କ ର ଅବସ୍ଥା ଦିନକୁ ଦିନ ବିଗିଡି ବାରେ ଲାଗିଛି। ଏ ନେଇ ସୋନପୁର ମୁନିସିପାଲଟି କୁ ଘୋର ନିନ୍ଦା କରୁଛନ୍ତି ସହରବାସୀ। ଜିଲ୍ଲା ମୁଖ୍ୟାଳୟରେ କୌଣସି ମନୋରଞ୍ଜନ ସ୍ଥଳ ନ ଥିବା ବେଳେ ତତ୍କାଳୀନ ଜିଲ୍ଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ୟମ କ୍ରମେ ଓ ତତ୍କାଳୀନ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟଂଶୁ ରଥ୍ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରିତ୍ୟକ୍ତ ପାର୍କ କୁ ସ୍ମାର୍ଟ ପାର୍କ ରେ ପରିଣତ କରାଯାଇଥିଲା। ଏବଂ ପାର୍କର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ଗ୍ରୁପ ମହିଳା ମାନଙ୍କୁ ନିଯୁକ୍ତ କରାଯାଇ ବହୁତ ସୁନ୍ଦର ରୂପରେଖ ଦିଆଯାଇଥିଲା। ପାର୍କ ରୁ ଆୟ ମଧ୍ୟ ବଢିଆ ହେବାକୁ ଲାଗିଥିଲା। କିନ୍ତୁ ବିଗତ ୧ ବର୍ଷ ହେଲା ପାର୍କ ଭିତରେ ଥିବା ଏକ ମାତ୍ର ସେଲ୍ଫି ତଥା କୁନି କୁନି ଛୁଆ ମାନେ ଫଟୋ ଉଠାଉଥିବା ସ୍ଥଳ ଫାଉଣ୍ଟେନ୍ (ଜଳଫୁଆରା) ଅଚଳ ହୋଇପଡିଛି। ବୁଝିବାରୁ ଜଣାପଡ଼ିଲା ଯେ ପେନାଲ ବୋର୍ଡ ପୋଡି ଯିବାରୁ ତାହା ପ୍ରାୟ ବର୍ଷେ ହେବ ଅଚଳ। ସେପଟେ ଆସ୍ତେ ଆସ୍ତେ ଲାଇଟ ଗୁଡ଼ିକ ମରାମତି ଅଭାବରୁ ଲିଭି ଲିଭି ଆସୁଛି। ବ୍ୟାୟାମ ଉପକରଣ ଅଚଳ, ଶିଶୁ ମାନଙ୍କ କ୍ରୀଡା ଉପକରଣ ଆବଶ୍ୟକ ମେନଟେନାନ୍ସ ଅଭାବରୁ ଶଯ୍ୟା କରି ବସିଲାଣି। ଶିଶୁ ମାନଙ୍କ ମା ମାନେ ପାର୍କକୁ ଛୁଆ ମାନଙ୍କୁ ନେଇ ଯାଉଥିବା ବେଳେ ମା ମାନଙ୍କ ଦୋଳି ପାଇଁ ଟିଏ ମଧ୍ୟ ସୁବିଧା ନ ଥିବାରୁ ଘୋର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ମହିଳା ମାନେ। ଉକ୍ତ ସବୁ ସମସ୍ୟା ପାଇଁ ଜିଲ୍ଲାପାଳ ଉଚିତ ପଦକ୍ଷେପ ନେବାକୁ ସହରବାସୀ ଦାବୀ କରିଛନ୍ତି।

# ବହିଷ୍କୃତ ସମ୍ପାଦକ ଆଶିଷ ଗିରଫ:୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ



**ନୟାଗଡ଼,୧୩।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦର ବ୍ଲକ ନୋତର ସମବାୟ ସମିତିରେ ହୋଇଥିବା ଋଣ ଠକେଇ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଆଜି ଇଟାମାଟି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଉକ୍ତ ସମବାୟ ସମିତିର ବହିଷ୍କୃତ ସମ୍ପାଦକ ଆଶିଷ କୁମାର ପ୍ରଧାନ । ଆଶିଷ ସମବାୟ ସମିତିରେ ଦୀର୍ଘବର୍ଷ ତଳୁ କାର୍ଯ୍ୟ କରି ଆସୁଥିଲେ । ଲୋକଙ୍କ ବିଶ୍ୱାସରେ ବିଷ ଦେଇ ସେମାନଙ୍କ ଚେକ୍ ଏବଂ ଡ୍ରୟାଲକୁ ବ୍ୟବହାର କରି ବ୍ୟାପକ ଅନିୟମିତତା କରିଥିଲେ। ଲୋକଙ୍କ ନାଁରେ ଋଣ କରି ତାହାକୁ ଇଟାମାଟି ସମବାୟ ବ୍ୟାଙ୍କରୁ ଉଠାଣ କରି ନେଇଥିଲେ । ଋଣ ଠକେଇ ଘଟଣାକୁ ନେଇ ଚାଷୀ ଗୋଲେଖ ନାୟକ ଇଟାମାଟି ଥାନାରେ ଏକ ଏତଲା ଦେଇଥିଲେ । ଉକ୍ତ ଏତଲା ଆଧାରରେ ଆଶିଷଙ୍କ ନାମରେ ଆଇପିସି ୪୦୯ ଏବଂ ୪୨୦ ଦଫାରେ ୨୯୩/୨୨ରେ ମାମଲା ରୁଜୁ ହେବା ପରେ ସେ ଫେରାର ହୋଇଯାଇଥିଲେ । ଏହା ମଧ୍ୟରେ ଆଶିଷଙ୍କୁ ଉକ୍ତ ସମବାୟ ସମିତିରୁ ବହିଷ୍କୃତ କରାଯାଇ ସାରିଛି । ଆଶିଷ ମୋଟ ୧ କୋଟି ୧୪ ଲକ୍ଷ ୨୨ ହଜାର ଟଙ୍କା ଠକେଇର ପ୍ରମାଣ ପୁଲିସ ପାଇଛି । ଯାହାକୁ ଆଧାର କରି ଇଟାମାଟି ପୁଲିସ ଆଶିଷକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜଗଦିଶ କର ସୂଚନା ଦେଇଛନ୍ତି। ଇଟାମାଟି ଥାନା ଏସଆଇ ଗୋପବନ୍ଧୁ ମଲ୍ଲିକଙ୍କ ନେତୃତ୍ୱରେ ଏଟ ଟିମ୍ ଚଢ଼ାଉ କରି ଆଶିଷକୁ ବରମୁଣ୍ଡା ଅଞ୍ଚଳରୁ ଧରିଥିବା ସୂଚନା ମିଳିଛି । ଆଜି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି

# ବିଦ୍ୟୁତ୍ ଆଘାତରେ ଗାଈ ମୃତ, ଚାଷୀ ଗୁରୁତର



**ଏରସମା,୧୩।୧୧(ସଂଚାର ବ୍ୟୁରୋ):** ଏରସମା ବ୍ଲକ ଅନ୍ତର୍ଗତ ଗଡ଼ବିଶୁନପୁର ପଞ୍ଚାୟତ ଖଟିକୋଳଦା ନଳଭେଡି ଗ୍ରାମରେ ଆଜି ଅପରାହ୍ନରେ ବିଦ୍ୟୁତ ଆଘାତରେ ଗୋଟିଏ ଗାଈର ମୃତ୍ୟୁ ବରଣ କରିବା ସହିତ ଗାଈ ଚାଷୀ ଶମ୍ଭୁ ଦାସଙ୍କ ପତ୍ନୀ ଜୟନ୍ତୀ ଦାସ ଗୁରୁତର ଅବସ୍ଥାରେ ପ୍ରଥମେ ଏରସମା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜଗତସିଂହପୁର ଜିଲ୍ଲା ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ମୁତାବକ ଚାଷୀ ଜଣକ ଗାଈଟିକୁ ନିଜ ଘର ନିକଟ ଗ୍ରାମ ରାସ୍ତାରେ ବାନ୍ଧିଥିବା ଥିଲା। ନିକଟରେ ଏକ ବିଦ୍ୟତ ଟ୍ରାନସଫର୍ମରର କୁ ସହାୟତା ଦେବା ପାଇଁ ଥିବା ତାରଟି କୌଣସି କାରଣ ବଶତଃ ଛିଡି ୧୧ କେ.ଭି ଲାଇନ୍ ସହ ଲାଗିଯାଇଥିଲା। ଗାଇଟି ଚରିଚରି ଯାଇ ସେହି ତାରରେ ଲାଗି ଯାଇଥିଲା। ଚାଷୀଙ୍କ ପତ୍ନୀ ଜୟନ୍ତୀ ଗାଈ ଆଣିବାକୁ ଯାଇ ବିଦ୍ୟୁତ ଅଘାତର ଶିକାର ହୋଇଥିଲା। ଗ୍ରାମବାସୀ ମାନେ ତୁରନ୍ତ ଜୟନ୍ତୀକୁ ଏରସମା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ବୋଲି ପରିବାର ଲୋକ କହିଛନ୍ତି। ଅପରପଟେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଦୀପକ ଦାସ କହିଛନ୍ତି ଗାଈଟିକୁ ବିଦ୍ୟୁତ୍ ତାରରେ ଗୁଡ଼ାଇ ହେବାରୁ ତାରଟି ଛିଡି ଯାଇ ବିଦ୍ୟୁତ୍ ଆଘାତ ପାଇ ଗାଈର ମୃତ୍ୟୁ ହୋଇଛି। ଗ୍ରାମବାସୀମାନେ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# ବୁଦ୍ଧ ମନ୍ଦିର ପରିସରରେ ଲିଟେରାରି ଫେଷ୍ଟିଭାଲ




**ଭୁବନେଶ୍ୱର,୧୩।୧୧(ସଂଚାର ବ୍ୟୁରୋ):** ପ୍ରୟାସ ଏନଜିଓ, ପରିଚୟ ଫାଉଣ୍ଡେସନ ଓ ଓଡ଼ିଶା ସଂସ୍କୃତି ବିଭାଗର ମିଳିତ ଆନୁକୁଲ୍ୟରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି ତୃତୀୟ ଲିଟେରାରି ଫେଷ୍ଟିଭାଲ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ଲବ୍ଧ ପ୍ରତିଷ୍ଠିତ କବି, ଲେଖକ ସାହିତ୍ୟିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏକ ଶିକ୍ଷଣୀୟ ଆଲୋଚନା ଚକ୍ରରୁ। ଆଲୋଚନାର ବିଷୟ ବସ୍ତୁ ରହିଥିଲା । ଏହି ଆଲୋଚନାକୁ ସଂଯୋଜନା ଓ ପରିଚାଳନା କରିଥିଲେ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ବରିଷ୍ଠ ରାଜନେତା ପ୍ରିୟଦର୍ଶୀ ମିଶ୍ର, ଗୁରୁମା ଅରୁନ୍ଧତୀ ଦେବୀ, ଡକ୍ଟର ରୋଜାଲିନ ପାଟସାଣି ମିଶ୍ର ଓ ଅନ୍ୟ ସମ୍ମାନିତ ଅତିଥି ମାନେ। ସେହିଭଳି ସମ୍ମାନୀୟ ବକ୍ତା ଭାବେ ଯୋଗ ଦେଇଥିଲେ ଡକ୍ଟର ପ୍ରବୀର ପଟ୍ଟନାୟକ, ଡକ୍ଟର ଅନିତା ସାବତ, ଡକ୍ଟର ସୁଚେତା ପ୍ରିୟବାଦିନି, ଡକ୍ଟର ଆଦ୍ୟାଶା ଦାସ, ଜିତୁ ମିଶ୍ର, ଦକ୍ଷିଣ କୋରିଆରୁ ପାର୍କ ୟୁନକ, ଦିଲ୍ଲୀରୁ ଧ୍ୱାନି ଜେନ ପ୍ରମୁଖ। ଅତିଥି ମାନେ ନିଜ ବକ୍ତବ୍ୟରେ ଭାଷା ସାହିତ୍ୟର ସମୃଦ୍ଧି, ବିକାଶ ଓ ଆବଶ୍ୟକୀୟ ସୁରକ୍ଷାକୁ ନେଇ ଆଲୋକପାତ କରିଥିଲେ। ମନ୍ଦିର ମାଳିନୀ ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିଏତନାମ, ଦକ୍ଷିଣ କୋରିଆ ଜିଣ୍ଡୋ ଟିମ୍ ଓ ଗ୍ଲୋବାଲ ଡ୍ୟାନସିଂ ଆଇକନ ଶାଶ୍ୱତ ଯୋଶୀଙ୍କ ଲାସ୍ୟକଳା ପକ୍ଷରୁ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାହାକୁ ଭରପୁର ଉପଭୋଗ କରିଥିଲେ ଉପସ୍ଥିତ ଦର୍ଶକ ଓ ସାହିତ୍ୟ ପ୍ରେମୀ ମାନେ। କାର୍ଯ୍ୟକ୍ରମରେ ମଦନ ମୋହନ ସେଠୀ ଓ ସ୍ୱାଗତିକା ମହାନ୍ତି ସମସ୍ତ କଳାକାର ମାନଙ୍କୁ ମଞ୍ଚରେ ସମ୍ମାନୀତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ପ୍ରତିଷ୍ଠାତା ପ୍ରିୟଦର୍ଶୀ ମିଶ୍ର ଓ ଡକ୍ଟର ରୋଜାଲିନ ପାଟସାଣି ମିଶ୍ର।

# ଆବାସିକ ବିଦ୍ୟାଳୟରୁ ମିଳିଲା ଦଶମ ଛାତ୍ରଙ୍କ ମୃତଦେହ



**କନ୍ଧମାଳ,୧୩।୧୧(ସଂଚାର ବ୍ୟୁରୋ):** ଆବାସିକ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସିଥିଲେ। ପାଠ ପଢ଼ି ପୁଅ ସ୍ୱାବଲମ୍ବି ହେବ ବୋଲି ପରିବାର ଲୋକେ ଆଶା କରିଥିଲେ। ମାତ୍ର ସବୁ ଆଶା ପାଣି ଫୋଟକା ପରି ମିଳାଇଗଲା। କାରଣ ହଷ୍ଟେଲରୁ ମିଳିଲା ଦଶମ ଛାତ୍ରଙ୍କ ଝୁଲନ୍ତା ମୃତଦେହ। ଏପରି ଏକ ଅଭାବନୀୟ ଘଟଣା କନ୍ଧମାଳ ଜିଲ୍ଲା ଖଜୁରୀପଡା ଥାନା ଆର। ନୂଆଗାଁସ୍ଥିତ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ଘଟିଛି। ମୃତ ଛାତ୍ରଜଣକ ହେଲେ ଆନନ୍ଦେଶ୍ୱର ମଲ୍ଲିକ । ତାଙ୍କ ଘର ଖଜୁରୀପଡା ଥାନା ବାଲିସୁଗ୍ରୀ ଗ୍ରାମରେ ବୋଲି ଜଣାପଡ଼ିଛି । ତେବେ ପୁଅ ଆତ୍ମହତ୍ୟା କରିବା ଘଟଣାକୁ ପରିବାର ଲୋକେ ବିଶ୍ୱାସ କରି ପାରୁ ନାହାନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ଆଜି ସକାଳେ ଆବାସିକ ବିଦ୍ୟାଳୟରେ ଥିବା ଛାତ୍ରମାନେ ଶୌଚାଳୟରେ ଆନନ୍ଦେଶ୍ୱରଙ୍କ ମୃତଦେହ ଏକ ଗାମୁଛାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ତୁରନ୍ତ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ସଙ୍ଗେସଙ୍ଗେ ହଷ୍ଟେଲ କର୍ତ୍ତୃପକ୍ଷ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି, ଥାନାରେ ଅଭିଯୋଗ ହୋଇଥିବା ବେଳେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ତା' ପରେ ବିଭାଗୀୟ ତଦନ୍ତ ହେବ । ଏନେଇ ମୃତକଙ୍କ ଭାଇ କହିଛନ୍ତି, ଆବାସିକ ବିଦ୍ୟାଳୟର ଶିକ୍ଷକମାନେ ପୂର୍ବରୁ ମୋ' ଭାଇକୁ ଆକ୍ଷେପ କରି କହୁଥିଲେ। ଏନେଇ ସେ କହିବା ସହ ଅନ୍ୟ ସ୍କୁଲରେ ପଢ଼ିବ ବୋଲି କହୁଥିଲା। କିନ୍ତୁ ଆମେ ସେଥିପ୍ରତି ଧ୍ୟାନ ଦେଇ ନ ଥିଲୁ। ତେଣୁ ଆଜି ମୁଁ ନିଜ ଭାଇକୁ ହରାଇଲି। ଏଥିସହ ନିଜ ଭାଇର ମୃତ୍ୟୁ ପାଇଁ ସେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ବି ଦାୟୀ କରିଛନ୍ତି ।

# ଦର୍ଲିପାଲିରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା



**ସୁନ୍ଦରଗଡ,୧୩।୧୧(ସଂଚାର ବ୍ୟୁରୋ):** ମଙ୍ଗଳବାର ସକାଳ ୧୦ ଟା ସମୟରେ ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଦର୍ଲିପାଲିରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏନଟିପିସି ଦର୍ଲିପାଲି ପ୍ରୋଜେକ୍ଟ ମୁଖ୍ୟ ରାମ ଭଜନ ମଲିକ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏନଟିପିସି ଦର୍ଲିପାଲି ପ୍ରୋଜେକ୍ଟର ସହକାରୀ ସାଧାରଣ ପରିଚାଳିକା ପ୍ରତିଭା ସିଂ (ମାନବ ସମ୍ବଳ), ଏଚଆର ସମୀର ଭଞ୍ଜ, ଲେଫ୍ରୀପଡା ବ୍ଲକ ଶିକ୍ଷା ଅଧିକାରୀ ସୁଶ୍ରୀ ନୈନା କୁଜୁର, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରେଶ୍ୱର ବାଗ ଓ ଦର୍ଲିପାଲି ସରପଞ୍ଚ ନଳିନି କୁମୁରା ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଦେଇଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୭ ଟି ବିଭାଗର ୨୪୦ ଟି ପ୍ରୋଜେକ୍ଟ ପ୍ରଦର୍ଶନ କରାଯାଇ ଥିଲା । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାଏକ, ଆଲୁମନି ମେମ୍ବର ସୁନ୍ଦରମଣି ପଟେଲ ଓ କୁମୁଦ ଚନ୍ଦ୍ର ପଟେଲଙ୍କୁ ଉତ୍ତରୀୟ ଓ ଫୁଲ ତୋଡା ଦେଇ ଅତିଥି ଗଣ ସମ୍ବର୍ଧିତ କରିଥିଲେ । ବିଚାରକ ମଣ୍ଡଳୀ ପ୍ରତ୍ୟେକ ଷ୍ଟଲକୁ ଯାଇ ବିଭିନ୍ନ ବିଭାଗରେ ଭଲ ପ୍ରଦର୍ଶିତ କରିଥିବା ଅଳକା ନାଏକ, ସୋନିଆ ବାଘେଲ, ସାଇ ଶୃତିକା, ଆଞ୍ଚଳ ଅଗ୍ରୱାଲ, ଗୁଡି ପାଣ୍ଡେ ଓ ଆଦ୍ୟାସା ବେହେରାଙ୍କୁ ଚୟନ କରିଥିଲେ । ଆଗାମୀ ଦିନରେ ଏହି ଛାତ୍ରୀ ମାନେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେଇ ପ୍ରଦର୍ଶୀତ କରିବେ । ଉଦଯାପିତ ଉତ୍ସବରେ ଲେଫ୍ରୀପଡା ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଅନିଲ ପାଣିଗ୍ରାହି ମଞ୍ଚ ପରିଚାଳନା କରିଥିବା ବେଳେ ବିଜୟାଲକ୍ଷ୍ମୀ ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ, ଛାତ୍ର ଛାତ୍ରୀ , ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ତଥା ବିଶେଷ କରି ଦର୍ଲିପାଲି ଗ୍ରାମବାସୀ ସହଯୋଗ କରିଥିଲେ ।

# ନକଲି ପୁଲିସ ବାବୁଙ୍କୁ ବାନ୍ଧିଲା ଅସଲି ପୁଲିସ



**ବୌଦ୍ଧ,୧୩।୧୧(ସଂଚାର ବ୍ୟୁରୋ):** ଅସଲି ପୁଲିସ ହାତରେ ଧରା ପଡ଼ିଲେ ନକଲି ପୁଲିସ। ପୁଲିସ ୟୁନିଫର୍ମ ପିନ୍ଧି ନକଲି ପରିଚୟପତ୍ର ଦେଖାଇ ଗ୍ରାମବାସୀଙ୍କ ଠାରୁ ଆଦାୟ କରୁଥିଲେ ଟଙ୍କା। ହେଲେ ସନ୍ଦେହ କରି ଜଣକୁ କାବୁ କଲେ ଗ୍ରାମବାସୀ। ୪ ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଥିବାବେଳେ ଗ୍ରାମବାସୀ କାବୁ କରିଥିବା ଲୁଟେରା ଜଣକୁ ବୌଦ୍ଧ ପୁଲିସ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଆଦର୍ଶ ଥାନା ଅନ୍ତର୍ଗତ ଚଣ୍ଡିପୁର ଗ୍ରାମରେ ପୁଲିସ ୟୁନିଫର୍ମ ପିନ୍ଧି କିଛି ଯୁବକ ଟଙ୍କା ଆଦାୟ କରୁଥିଲେ। ସ୍ଥାନୀୟ ଲୋକଙ୍କୁ ସନ୍ଦେହ ହେବାରୁ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ଗ୍ରାମବାସୀ। ଏହି ସମୟରେ ୪ ଜଣ ଫେରାର ହୋଇଥିଲେ ମଧ୍ୟ ତାଙ୍କ ମଧ୍ୟରୁ ଜଣେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଥିଲା। ଖବର ପାଇ ଘଟଣାସ୍ଥଳରେ ବୌଦ୍ଧ ପୁଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ବୌଦ୍ଧ ଥାନା ନକୁଆନାଳୀ ଗ୍ରାମର ଶରତ ବେହେରା ବୋଲି ଜଣାପଡ଼ିଛି। ପୁଲିସ ଅଭିଯୁକ୍ତ ନିକଟରୁ ନକଲି ୟୁନିଫର୍ମ, ନକଲି ପରିଚୟ ପତ୍ର, ବେଲ୍ଟ ଓ ଏକ ମୋବାଇଲ ଫୋନ ଜବତ କରିଛି। ତେବେ ଫେରାର ୪ ଜଣକୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ବୋଲି ସୂଚନା ଦେଇଛନ୍ତି ବୌଦ୍ଧ ଥାନାଧିକାରୀ ରଞ୍ଜିତ କୁମାର ମୁନି।

# କେଗାଁ କେନ୍ଦୁପତ୍ର ରେଞ୍ଜରେ ୧୫ ଜଣଙ୍କୁ ମିଳିଲା ମୃତ୍ୟୁକାଳୀନ ସହାୟତା




**କଳାହାଣ୍ଡି,୧୩।୧୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ କେନ୍ଦୁପତ୍ର ରେଞ୍ଜରେ ୧୫ ଜଣ କେନ୍ଦୁପତ୍ର ତୋଳାଳୀ ମୃତ୍ୟୁ କାଳୀନ ସହାୟତା ରାଶି ପାଇଥିବା ବିଭାଗ ତରଫରୁ ସୂଚନା ମିଳିଛି । ସୂଚନାରୁ ପ୍ରକାଶ ମହିଳାମାନେ ବିଶେଷ କରି କେନ୍ଦୁପତ୍ର ତୋଳିଥାନ୍ତି । କେନ୍ଦୁପତ୍ର ତୋଳାଳୀଙ୍କ ପାଇଁ ସରକାର ମୃତ୍ୟୁକାଳୀନ ସହାୟତାରେ ଦୁଇ ଲକ୍ଷ୍ୟ ଟଙ୍କା ଘୋଷଣା କରିଛନ୍ତି । କେନ୍ଦୁପତ୍ର ତୋଳାଳୀ ମହିଳାଙ୍କ ଯେ କୌଣସି ମୃତ୍ୟୁ ହେଲେ ତାଙ୍କର ସ୍ୱାମୀ କିମ୍ବା ପୁଅଝିଅଙ୍କୁ ମୃତ୍ୟୁ କାଳୀନ ସହାୟତା ସରକାର ଯୋଗାଇ ଦେଇଥାନ୍ତି । ୨୦୧୯ ମସିହା ପୂର୍ବରୁ ମୃତ୍ୟୁକାଳୀନ ସହାୟତାରାଶି ଏକ ଲକ୍ଷ୍ୟ ଟଙ୍କା ଥିବାବେଳେ ୨୦୨୦ ପର ଠାରୁ ଦୁଇ ଲକ୍ଷ୍ୟ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ରେଞ୍ଜରେ ଗତ ତା ୩/୯/୨୪ ରେ ତିନି ଜଣ ହିତାଧିକାରୀ ମୃତ୍ୟୁକାଳୀନ ସହାୟତା ରାଶି ବାବଦରେ ଦୁଇ ଲକ୍ଷ୍ୟ ଟଙ୍କା ଲେଖାଏଁ ପାଇଛନ୍ତି । ସେମାନଙ୍କ ମଧ୍ୟରେ ରମେଶ ଧାରୁଆ,ବିବେକାନନ୍ଦ ଜଗତ, ନିତ୍ୟାନନ୍ଦ ମାଝୀ ବୋଲି ଜଣାପଡିଛି। ପରବର୍ତ୍ତୀ ୬/୧୧/୨୪ ରେ ୧୨ ଜଣଙ୍କ ମଧ୍ୟରୁ ଚାରି ଜଣ ଏକ ଲକ୍ଷ୍ୟ ଟଙ୍କା ଲେଖାଏଁ ପାଇଥିୱା ବେଳେ ୮ ଜଣ ହିତାଧିକାରୀ ଦୁଇ ଲକ୍ଷ୍ୟ ଟଙ୍କା ଲେଖାଏଁ ପାଇଛନ୍ତି। ଉକ୍ତ ଚାରିଜଣ ହେଲେ ଉମାକାନ୍ତ ହଂସ ବଡ଼ଜୋର,ପୂର୍ଣ୍ଣ ବଗର୍ତ୍ତୀ ବନ୍ଧାଗାଁ,ଦୁର୍ଯ୍ୟୋଧନ ମାଝୀ କଣ୍ଟାମାଳ,ରାଜ ଚଳାନ ଖଲିଆପାଲି,ଏ ମାନଙ୍କ ୨୦୧୭ ରୁ ୨୦୧୯ ମଧ୍ୟରେ ଥିବାରୁ ଏକ ଲକ୍ଷ୍ୟ ଟଙ୍କା ପାଇଥିବା କେନ୍ଦୁ ପତ୍ର ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଆଠ ଜଣଙ୍କ ମଧ୍ୟରୁ ଶିବା ତାଣ୍ଡି କନକପୁର,ରାଜକୁମାର ଭୋଇ କନକପୁର,ଗଣେଶ ବାଗ ନୂଆଗାଁ,ଘନଶ୍ୟାମ ପୁଟେଲ କେଗାଁ,ଜିଟୁ ମାଝୀ ବେଲପଡା,କାର୍ତ୍ତିକ ମାଝୀ ପଦ୍ମପୁର,ପଦ୍ମା ଭୋଇ ବଡ଼ଜୋର, ସସ୍ମିତା ନାଗ ମାନଝରୀ। ଏ ନେଇ କେନ୍ଦୁପତ୍ର ବିଭାଗ ରେଞ୍ଜର ଦୈତାରୀ ନାଏକଙ୍କୁ ଏ ବିଷୟରେ ପଚାରିୱା ପରେ ୨୦୧୭ ମସିହାରୁ ଅନେକ ଲୋକଙ୍କ ମୃତ୍ୟୁକାଳୀନ ସହାୟତା କାଗଜପତ୍ର ପଡିରହିଥିଲା। ସେ ଗତ ୨୦୨୩ ଡିସେମ୍ବରରେ ନୂତନ ରେଞ୍ଜର ଭାବେ ଯୋଗ ଦେବା ପରେ ସମସ୍ତ ମୃତ୍ୟୁ କାଳୀନ କାଗଜପତ୍ର ତଦନ୍ତ କରି ସହାୟତା ରାଶି ଯୋଗାଇଥିବା ପ୍ରକାଶ କରିଛନ୍ତି।



# କମାଲ କଲେ ଶିଶୁ ବୈଜ୍ଞାନିକ

**ଭେଡେନ,୧୩।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ବକଟି ଗ୍ରାମ ପଂଚାୟତ ହାଇସ୍କୁଲ ରେ ବ୍ଲକ ସ୍ତରୀୟ ବାଳ ବିଜ୍ଞାନ ପ୍ରଦର୍ଶନୀ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଇଓ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ସଭାରେ ଅତିଥି ଭାବରେ ଏ ବି ଇ ଓ ହେମବତୀ ମେହେର, ଅଭିମନ୍ୟୁ ଭୋଇ, ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ଡ଼ନସନା, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ଶିବ ପ୍ରସାଦ ଖମାରି, ବିଜ୍ଞାନ ସମୀକ୍ଷକ ସଞ୍ଜୀବ ପଧାନ, ପୂର୍ବତନ ସରପଞ୍ଚ ଗୌର ଚନ୍ଦ୍ର ଦତ୍ତା, ପ୍ରଧାନ ଶିକ୍ଷକ ନରେଶ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ବିଇଓ ମଛିନ୍ଦ୍ର ମଲ୍ଲିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଯାପନି ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ସମୀକ୍ଷକ ଧୀରଜ ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଭେଡେନ ନାଗରିକ କମିଟି ସଭାପତି ସ୍ୱାଧୀନ ରଥ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ଡ଼ନସେନା, ଏ ବି ଇ ଓ ହେମବତୀ ମେହେର,ଅଭିମନ୍ୟୁ ଭୋଇ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ କୃଷ୍ଣ ମହାନ୍ତି, ପୂର୍ବତନ ସରପଞ୍ଚ ଗୌରଚନ୍ଦ୍ର ଦତ୍ତା,ରାଜକିଶୋର ମେହେର, ବ୍ଲକ ବିଜ୍ଞାନ ସଂଯୋଜକ ସଂଜୀବ ପଧାନ , ବକଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ନରେଶ ଦାଶ ପ୍ରମୁଖ ଯୋଗଦାନ କରିଥିଲେ।